ଆଜି - ଶୁକ୍ରବାର
ତାରିଖ - ୦୭ ଅଗଷ୍ଟ ୨୦୨୬
ମାସ - କର୍କଟ, ଦିନ - ୨୨
ତିଥି - ନବମୀ, ପକ୍ଷ- କୃଷ୍ଣ
ନକ୍ଷତ୍ର - କୃତିକା, ବୃଷ ଚନ୍ଦ୍ର
ସୂର୍ଯ୍ୟୋଦୟ - ୫:୨୮:୦୦
ସୂର୍ଯ୍ୟାସ୍ତ - ୬:୧୭:୦୦

ସତ ଖବର ସମସ୍ତଙ୍କ ଖବର

# ଆଜିକାଲି

Morning Edition AJIKALI ପ୍ରଭାତୀ ସଂସ୍କରଣ

ପ୍ରତିଷ୍ଠାତା - ବିସ୍ମୟ ମହାନ୍ତି

E-mail: ajikalibls@gmail.com

E-News : www.Ajikali epaper.com

Vol.- 41 ISSUE- 115 R.N.I. REGD. No. 44026/86 ବାଲେଶ୍ୱର ୦୭ ଅଗଷ୍ଟ ୨୦୨୬ ଶୁକ୍ରବାର BALASORE 07 AUGUST 2026 FRIDAY "REGISTERED" REGISTRATION NO. BALASORE (ORISSA)/003/2023-24 Rupees - 2.00 ମୂଲ୍ୟ - ଟ.୨.୦୦


"ପ୍ରତିଟି ପଦକ୍ଷେପରେ ଆମେ ଅସୀମତାକୁ ଅତିକ୍ରମ କରୁ, ପ୍ରତି ମୁହୂର୍ତ୍ତରେ ଆମେ ଶାଶ୍ୱତତାର ସମ୍ମୁଖୀନ ହେଉ ।"

- ରବୀନ୍ଦ୍ର ନାଥ ଠାକୁର

## କେନ୍ଦ୍ର କ୍ୟାବିନେଟ୍‌ର ଗୁରୁତ୍ୱପୂର୍ଣ୍ଣ ନିଷ୍ପତି

# ୨୩,୭୩୧ କୋଟି ଟଙ୍କା ବ୍ୟୟବରାଦ ସହ କମ୍ପ୍ରେସ୍ଡ ବାୟୋଗ୍ୟାସ୍ ପାଇଁ ଜାତୀୟ ସମନ୍ୱିତ ଯୋଜନା-ଗୋବର୍ଦ୍ଧନକୁ ମଞ୍ଜୁରି

ନୂଆଦିଲ୍ଲୀ : ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କେନ୍ଦ୍ର କ୍ୟାବିନେଟ୍ ୨୩,୭୩୧ କୋଟି ଟଙ୍କାର ମୋଟ ବ୍ୟୟବରାଦ ସହିତ ଜାତୀୟ ଚକ୍ରିୟ ଜୈବଶକ୍ତି ଯୋଜନା- ଗୋବର୍ଦ୍ଧନକୁ ଅନୁମୋଦନ କରିଛି । ଗୋବର୍ଦ୍ଧନ ପ୍ରକଳ୍ପ ଦେଶର ସ୍ୱଚ୍ଛ ଶକ୍ତି ପରିବର୍ତନ ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ । ଏହା ଦେଶର ପ୍ରଚୁର କୃଷି ଅବଶେଷ, ଗୋବର, ପ୍ରେସ୍ ମଡ୍ (ଆଖୁ ବର୍ଜ୍ୟ), ପୌର ଜୈବ ବର୍ଜ୍ୟବସ୍ତୁ ଏବଂ ଅନ୍ୟାନ୍ୟ ଜୈବ ଦ୍ରବ୍ୟମାନ ସମ୍ପଦକୁ ସ୍ୱଚ୍ଛ ଇନ୍ଧନ, ଜୈବିକ ସାର, ଗ୍ରାମୀଣ ଆୟ ଏବଂ ଜାତୀୟ ଆର୍ଥିକ ମୂଲ୍ୟରେ ପରିଣତ କରିବ । ଏହି ଯୋଜନା ୨୦୨୬-୨୭ ଆର୍ଥିକ ବର୍ଷରୁ ୨୦୩୫-୩୬ ଆର୍ଥିକ ବର୍ଷ ପର୍ଯ୍ୟନ୍ତ କାର୍ଯ୍ୟକାରୀ ହେବ ଏବଂ କମ୍ପ୍ରେସଡ୍ ବାୟୋଗ୍ୟାସକୁ ଦେଶର ଭବିଷ୍ୟତ ଶକ୍ତି ମିଶ୍ରଣର ଏକ ପ୍ରମୁଖ ସ୍ତମ୍ଭ ଭାବରେ ସ୍ଥାପନ କରିବ । ସୁନିଶ୍ଚିତ ଚାହିଦା, ଲାଭଦାୟକ ଏବଂ ସ୍ଥିର ମୂଲ୍ୟ ନିର୍ଦ୍ଧାରଣ, ପୁଞ୍ଜି ସହାୟତା, ପାଇପଲାଇନ ଭିତିଭୂମି, ରଣ ସମର୍ଥନ ଏବଂ ପ୍ରଯୁକ୍ତିବିଦ୍ୟା ବିକାଶ ମାଧ୍ୟମରେ, ଗୋବର୍ଦ୍ଧନ ଦେଶର



ବାୟୋଗ୍ୟାସ (ସିବିଜି) କ୍ଷେତ୍ରକୁ ଜାତୀୟ ସ୍ତରରେ ପହଂଚାଇବା ପାଇଁ ଆବଶ୍ୟକ ଦୃଢ଼ ଏବଂ ପୂର୍ବାନୁମାନଯୋଗ୍ୟ ଢାଂଚା ପ୍ରଦାନ କରିବ । ଏହି ଯୋଜନା ଘରୋଇ କମ୍ପ୍ରେସ୍ଡ ବାୟୋଗ୍ୟାସ (ସିବିଜି) ଉତ୍ପାଦନକୁ ପ୍ରାୟ ଦଶଗୁଣ ବୃଦ୍ଧି କରିବା, ବଡ଼ ଧରଣର ଘରୋଇ ନିବେଶକୁ ଆକର୍ଷିତ କରିବା ଏବଂ ସାରା ଦେଶରେ ଏକ ସ୍ପନ୍ଦନଶୀଳ ବୃତାକାର ଜୈବ-ଅର୍ଥନୀତି ଗଠନ କରିବାର ଲକ୍ଷ୍ୟ ରଖିଛି । ଗତ କିଛି ବର୍ଷ ଧରି ସରକାର ଦୀର୍ଘସ୍ଥାୟୀ ବିକଳ୍ପ ସୁଲଭ ପରିବହନ (ସତତ) ପଦକ୍ଷେପ, ଜୈବ ସାର ପାଇଁ ବଜାର ବିକାଶ ସହାୟତା (ଏମଡିଏ) ଯୋଜନା, ବାୟୋମାସ ଏକତ୍ରୀକରଣ ମଶିନାରୀ (ବିଏଏମ) ଯୋଜନା, ପାଇପଲାଇନ୍ ଭିତିଭୂମି ବିକାଶ (ଡିପିଆଇ) ଯୋଜନା ଏବଂ ଜାତୀୟ ଜୈବଶକ୍ତି କାର୍ଯ୍ୟକ୍ରମ ଅଧୀନରେ ବାୟୋଗ୍ୟାସ୍ ପ୍ଲାଂଟ ପାଇଁ କେନ୍ଦ୍ରୀୟ ଆର୍ଥିକ ସହାୟତା (ସିଏଫଏ) ମାଧ୍ୟମରେ କମ୍ପ୍ରେସ୍ଡ ବାୟୋଗ୍ୟାସ୍ କ୍ଷେତ୍ରର ମୂଳଦୁଆକୁ ବ୍ୟବସ୍ଥିତ ଭାବରେ ସୁଦୃଢ଼ କରିଛନ୍ତି । ଏହି ସମସ୍ତ ପଦକ୍ଷେପର ସାମୂହିକ ପ୍ରୟାସ ୨୦୦ରୁ ଅଧିକ କମ୍ପ୍ରେସ୍ଡ ବାୟୋଗ୍ୟାସ୍ ପ୍ଲାଂଟ ସ୍ଥାପନ, ଉତ୍ପାଦନ ଏବଂ ନିଷ୍କାସନ ପ୍ରଣାଳୀ ପ୍ରତିଷ୍ଠା, ଜୈବିକ ସାର ମୂଲ୍ୟ ଶୃଙ୍ଖଳାକୁ ସୁଦୃଢ଼ କରିଛି ଏବଂ ବିଭିନ୍ନ ଫିଡଷ୍ଟକ୍ ଏବଂ ଭୌଗୋଳିକ କ୍ଷେତ୍ରରେ ସିବିଜିର ସମ୍ଭାବନା ପ୍ରଦର୍ଶନ କରିଛି । ବର୍ତମାନ, ଗୋବର୍ଦ୍ଧନ ଏହି ଅଗ୍ରଗତିକୁ ପରବର୍ତୀ ସ୍ତରକୁ ନେଇଯାଉଛି । ପେଟ୍ରୋଲିୟମ୍ ଏବଂ ପ୍ରାକୃତିକ ଗ୍ୟାସ ମନ୍ତ୍ରଣାଳୟ ଦ୍ୱାରା ପରିଚାଳିତ, ଏହି ଯୋଜନା ସମଗ୍ର ସିବିଜି ମୂଲ୍ୟ ଶୃଙ୍ଖଳାରେ ଏକ ଏକୀକୃତ ପ୍ଲାଟଫର୍ମ ସୃଷ୍ଟି କରେ । ଏହା ଦ୍ରୁତ କାର୍ଯ୍ୟକାରିତା, ଉନ୍ନତ ପ୍ରକଳ୍ପ ଅର୍ଥବ୍ୟବସ୍ଥା ଓ ନିବେଶକ, ରଣଦାତା ଏବଂ ବିକାଶକାରୀଙ୍କ ପାଇଁ ଅଧିକ ନିଶ୍ଚିତତା ସୁନିଶ୍ଚିତ କରିବ । ଦେଶରେ ପରିବହନ, ଘରୋଇ, ଶିଳ୍ପ ଓ ବାଣିଜ୍ୟିକ କ୍ଷେତ୍ରରେ ପ୍ରାକୃତିକ ଗ୍ୟାସର ଚାହିଦା ନିରନ୍ତର ବୃଦ୍ଧି ପାଉଛି । ସିବିଜି ଘରୋଇ ଅକ୍ଷୟ ଶକ୍ତି ଉତ୍ପାଦନ ମାଧ୍ୟମରେ ଏହି ବର୍ଦ୍ଧିତ ଚାହିଦାର ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ ପୂରଣ କରିପାରିବ । ଏହା ଶକ୍ତି ସ୍ଥିରତାକୁ ସୁଦୃଢ଼ କରିବ ଏବଂ ଆମଦାନୀ କରାଯାଇଥିବା ପାରମ୍ପରିକ ଇନ୍ଧନ ଉପରେ ନିର୍ଭରଶୀଳତା ହ୍ରାସ କରିବ । କମ୍ପ୍ରେସ୍ଡ ବାୟୋଗ୍ୟାସ୍ ରାସାୟନିକ ଭାବରେ ପ୍ରାକୃତିକ ଗ୍ୟାସ ସହିତ ସମତୁଲ୍ୟ ଏବଂ ଏହାକୁ ସହଜରେ ବର୍ତମାନ ଗ୍ୟାସ୍ ବ୍ୟବସ୍ଥାରେ ସଂଯୋଜିତ କରାଯାଇପାରିବ ।

## ଆଜି ନୂଆଦିଲ୍ଲୀରେ ଦୁଇଦିନିଆ ନିବେଶକ ସମ୍ମିଳନୀ

# ଶିଳ୍ପୋଦ୍ୟୋଗୀଙ୍କ ସହ ବୈଠକ କରିବେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର : ଅଧିକ ନିବେଶ ଆକୃଷ୍ଟ କରିବା ଏବଂ ଶିଳ୍ପାୟନକୁ ଗତି ଦେବା ଲକ୍ଷ୍ୟରେ ରାଜ୍ୟ ସରକାର ୭ରୁ ନୂଆଦିଲ୍ଲୀରେ ଦୁଇଦିନିଆ ନିବେଶକ ସମ୍ମିଳନୀ ଆୟୋଜନ କରୁଛନ୍ତି । ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହି ପ୍ରତିନିଧି ଦଳର ନେତୃତ୍ୱ ନେବେ । କାର୍ଯ୍ୟକ୍ରମରେ ଶିଳ୍ପମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ଏବଂ ରାଜ୍ୟ ସରକାରଙ୍କ ବରିଷ୍ଠ ଅଧିକାରୀମାନେ ଯୋଗ ଦେବେ । ଏହି ଆଉଟରିଚ୍ କାର୍ଯ୍ୟକ୍ରମର ମୁଖ୍ୟ ଆକର୍ଷଣ ହେବ ଓଡ଼ିଶା ଫୁଡ୍ ପ୍ରୋ-୨୦୨୬ । ଆସୋଚାମ ସହଯୋଗରେ ଅନୁଷ୍ଠିତ ଏହି ସମ୍ମିଳନୀରେ ଦେଶର ପ୍ରମୁଖ ଖାଦ୍ୟ ପ୍ରକ୍ରିୟାକରଣ କମ୍ପାନି, ନିବେଶକ, ଏମ୍ଏସ୍ଏମ୍ଇ, ଶିଳ୍ପ ସଙ୍ଗଠନ ଓ କ୍ଷେତ୍ର ବିଶେଷଜ୍ଞମାନେ ଯୋଗ ଦେବେ । ରାଜ୍ୟର କୃଷି ଓ ସାମୁଦ୍ରିକ ସମ୍ପଦ, ଖାଦ୍ୟ ପ୍ରକ୍ରିୟାକରଣ ପରିଦୃଶ୍ୟ, ଲଜିଷ୍ଟିକ୍ସ ସୁବିଧା, ଶିଳ୍ପନୀତି ଓ ନିବେଶ ସୁଯୋଗକୁ ଏହି ମଂଚରେ ଉପସ୍ଥାପନ କରାଯିବ । କାର୍ଯ୍ୟକ୍ରମରେ ଶିଳ୍ପପତିଙ୍କ



ଅଭିଜ୍ଞତା ବିନିମୟ, ଓଡ଼ିଶାର ଖାଦ୍ୟ ପ୍ରକ୍ରିୟାକରଣ କ୍ଷେତ୍ର ଉପରେ ନଲେଜ ରିପୋର୍ଟ ଉପସ୍ଥାପନ, ବିଭିନ୍ନ କମ୍ପାନି ସହ ଏମ୍ଓୟୁ ଏବଂ ମୁଖ୍ୟମନ୍ତ୍ରୀଙ୍କ ସହ ନିବେଶକ ମାନେ ସିଧାସଳଖ ଆଲୋଚନା କରିବେ । ପ୍ରକ୍ରିୟାକରଣ, ପ୍ୟାକେଜିଂ, କୋଲ୍ଡଚେନ, ଭାଲ୍ୟୁ ଆଡିସନ କ୍ଷେତ୍ରରେ ନୂଆ ନିବେଶ ଆକର୍ଷଣ ସହ ରାଜ୍ୟର କୃଷକ, ମତ୍ସ୍ୟଜୀବୀ, ଏଫ୍‌ପିଓ, ମହିଳା ଉଦ୍ୟୋଗୀ ଓ ଗ୍ରାମୀଣ ଉଦ୍ୟୋଗୀଙ୍କ ପାଇଁ ବଜାର ସୁଯୋଗ ଉପରେ ଏଥିରେ ପ୍ରାଧାନ୍ୟ ଦିଆଯିବ । ଖାଦ୍ୟ ପ୍ରକ୍ରିୟାକରଣ ବ୍ୟତୀତ ଷ୍ଟେନଲେସ ଷ୍ଟିଲ, ଡାଉନଷ୍ଟ୍ରିମ କେମିକାଲ୍ସ ଓ ପେଟ୍ରୋକେମିକାଲ୍ସ କ୍ଷେତ୍ରରେ ରାଜ୍ୟ ସରକାର ବଡ ଶିଳ୍ପ ଗୋଷ୍ଠୀ ସହ ୱାନ୍ ଟୁ ୱାନ୍ ବୈଠକ କରିବେ । ଦ୍ୱିତୀୟ ଦିନରେ ପ୍ରତିନିଧି ଦଳ ଗ୍ରେଟର ନୋଏଡାର ଏକ ଆଧୁନିକ ଉତ୍ପାଦନ କାରଖାନା ପରିଦର୍ଶନ କରିବା ସହ ଆଲୁମିନିୟମ ଡାଇନଷ୍ଟ୍ରିମ, ବୟନ, ପୋଷାକ, ଇଞ୍ଜିନିୟରିଂ ଉତ୍ପାଦନ, ଏମ୍ଏସ୍ଏମ୍ଇ କ୍ଷେତ୍ରକୁ ନେଇ ୩ଟି ରାଉଣ୍ଡଟେବୁଲ ବୈଠକ ଅନୁଷ୍ଠିତ ହେବ । ଶିଳ୍ପ ସଚିବ ହେମନ୍ତ ଶର୍ମା କହିଛନ୍ତି, ରାଜ୍ୟର ପରବର୍ତୀ ଶିଳ୍ପ ବିକାଶର ମୂଳ ଲକ୍ଷ୍ୟ ହେଉଛି ଭାଲ୍ୟୁ ଆଡିସନ, ଶକ୍ତିଶାଳୀ ଯୋଗାଣକାରୀ ନେଟୱର୍କ ଏବଂ ବିଶ୍ୱସନୀୟ ନିବେଶକୁ ପ୍ରକଳ୍ପରେ ରୂପାନ୍ତରିତ କରିବା । ଏହି କାର୍ଯ୍ୟକ୍ରମ ସମୃଦ୍ଧ ଓଡ଼ିଶା, ବିକଶିତ ଓଡ଼ିଶା-୨୦୩୬ ଏବଂ ପୂର୍ବୋଦୟ ମାଧ୍ୟମରେ ବିକଶିତ ଭାରତ ଲକ୍ଷ୍ୟ ପୂରଣରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ ।




ଶ୍ରୀ ନରେନ୍ଦ୍ର ମୋଦୀ
ପ୍ରଧାନମନ୍ତ୍ରୀ

7001/86/2627

## ଖରିଫ ଧାନ ସଂଗ୍ରହ ପାଇଁ ଚାଷୀ ପଞ୍ଜିକରଣ

ଧାନ ସଂଗ୍ରହ ବର୍ଷ ୨୦୨୬-୨୦୨୭

ଆମ ରାଜ୍ୟରେ ଖରିଫ ଧାନ ସଂଗ୍ରହ ତା.୦୧-୧୧-୨୦୨୬ ରିଖ ରୁ ତା.୩୧-୦୩-୨୦୨୭ ରିଖ ମଧ୍ୟରେ ପରିଚାଳିତ ହେବ । ଏହି ଅବଧି ମଧ୍ୟରେ ପ୍ରତ୍ୟେକ ଜିଲ୍ଲାରେ ଫସଲ ଅମଳର ସମୟକୁ ଦୃଷ୍ଟିରେ ରଖି ଖରିଫ ଧାନ କ୍ରୟ କାର୍ଯ୍ୟ ସମ୍ପାଦନ କରାଯିବ । ଏଥିପାଇଁ ଚାଷୀମାନେ ସେମାନଙ୍କର ନିକଟସ୍ଥ ଅନୁମୋଦିତ ପ୍ରାଥମିକ କୃଷି ସମବାୟ ସମିତି (PACS/ LAMPCS), କିମ୍ବା ପାଣି ପଞ୍ଚାୟତରେ ଆଗୁଆ ପଞ୍ଜିକରଣ କରିବା ଆବଶ୍ୟକ ।



ଶ୍ରୀ ମୋହନ ଚରଣ ମାଝୀ
ମୁଖ୍ୟମନ୍ତ୍ରୀ, ଓଡ଼ିଶା

### ପଞ୍ଜିକରଣ ପ୍ରକ୍ରିୟା :

- ଖରିଫ ଧାନ ସଂଗ୍ରହ ପାଇଁ ଚାଷୀ ପଞ୍ଜିକରଣ ତା.୦୭.୦୮.୨୦୨୬ ରିଖରୁ ଆରମ୍ଭ ହୋଇଛି । ସମସ୍ତ ଆଗ୍ରହୀ ଚାଷୀ ନିକଟସ୍ଥ ସମିତିରୁ ଗୋଟିଏ ନୂତନ ପଞ୍ଜିକରଣ ଫର୍ମ ସଂଗ୍ରହ କରି ତା.୦୭.୦୮.୨୦୨୬ ରିଖରୁ ତା.୩୧.୦୮.୨୦୨୬ ରିଖ ମଧ୍ୟରେ ସମିତି କାର୍ଯ୍ୟାଳୟରେ ଆବେଦନ କରିବେ । ଏହା ବିଭାଗର ୱେବସାଇଟ୍ www.foododisha.in ରେ ମଧ୍ୟ ଉପଲବ୍ଧ । ନୂଆ ଫର୍ମରେ ସମସ୍ତ ବ୍ୟକ୍ତିଗତ ତଥ୍ୟ ସହ ଧାନ ଚାଷ ହୋଇଥିବା ଜମିର ବିଶଦ ବିବରଣୀ ଦେବାକୁ ହେବ ।

### ଆବଶ୍ୟକ କାଗଜପତ୍ର :

- ଇଚ୍ଛୁକ ଚାଷୀମାନେ ସେମାନଙ୍କ ପଞ୍ଜିକରଣ ଫର୍ମ ସହିତ ନିମ୍ନଲିଖିତ କାଗଜପତ୍ର/ ତଥ୍ୟର ନକଲ ଦାଖଲ କରିବା ଆବଶ୍ୟକ ।

୧. ଆଧାର କାର୍ଡ
୨. ଆଧାର ସଂଯୁକ୍ତ ମୋବାଇଲ ନମ୍ବର (ଯଦି ଥାଏ) / ବିକଳ୍ପ ମୋବାଇଲ ନମ୍ବର
୩. ଅଧିକାର ଅଭିଲେଖ / ଖତିୟାନ / ସ୍ୱତ୍ୱଲିପି (ଆର.ଓ.ଆର)
୪. ବ୍ୟାଙ୍କ ପାସବୁକର ପ୍ରଥମ ପୃଷ୍ଠାର ନକଲ
୫. ଜମି ମାଲିକଙ୍କ ସହମତି ପତ୍ର (ଭାଗଚାଷୀଙ୍କ ପାଇଁ)
୬. ରେକର୍ଡଧାରୀଙ୍କ ଠାରୁ ସହମତି ପତ୍ର (ନିଜ ବ୍ୟତୀତ)
**୭. କୃଷକ ରେଜିଷ୍ଟ୍ରି ସଂଖ୍ୟା ବା ଆଗ୍ରୀଷ୍ଟାକ(AGRISTACK) ନମ୍ବର (କୃଷି ଓ କୃଷକ ସଶକ୍ତିକରଣ ବିଭାଗ)**

**ଚାଷୀ ପଞ୍ଜିକରଣ ସମୟରେ ଆଧାର ଭିତ୍ତିକ e-KYC ଜରୁରୀ ଅଟେ ।**

### ପଞ୍ଜିକରଣ ଅବଧି :

- ପଞ୍ଜିକରଣ ଫର୍ମ ପୂରଣ କରି ଚାଷୀମାନେ ସମିତି କାର୍ଯ୍ୟାଳୟରେ ତା.୦୭.୦୮.୨୦୨୬ ରିଖରୁ ତା.୩୧.୦୮.୨୦୨୬ ରିଖ ମଧ୍ୟରେ ଦାଖଲ କରିବେ ।
- ନିର୍ଦ୍ଧାରିତ ସମୟର ଯଥେଷ୍ଟ ପୂର୍ବରୁ ଚାଷୀମାନେ ସମିତିରେ ପୂରଣ କରାଯାଇଥିବା ଫର୍ମ ଦାଖଲ କରିବାକୁ ଅନୁରୋଧ ।
- ଖରିଫ ଧାନ ସଂଗ୍ରହ ସଂକ୍ରାନ୍ତରେ କେଉଁ ମାସ ଓ ପକ୍ଷରେ ଧାନ ବିକ୍ରୟ କରିବେ, ତାହା ପଞ୍ଜିକରଣ ଫର୍ମରେ ଉଲ୍ଲେଖ କରିବେ ।
- ଏହି ଉଦ୍ଦେଶ୍ୟରେ ଚାଷୀମାନେ ବିଗତ ବର୍ଷ ଯେଉଁ ସମିତିରେ ପଞ୍ଜିକୃତ ହୋଇଥିଲେ, ସେହିଠାରେ ସମ୍ପର୍କ କରିବା ଆବଶ୍ୟକ ।
- ଚାଷୀମାନେ ଶେଷ ତାରିଖକୁ ଅପେକ୍ଷା ନକରି ଶୀଘ୍ର ପଞ୍ଜିକରଣ ପାଇଁ ସମିତିରେ ଅନୁମୋଦିତ ଫର୍ମରେ ଦରଖାସ୍ତ ଦାଖଲ କରିବାକୁ ଅନୁରୋଧ ।

### ଭାଗ ଚାଷୀ :

- ଭାଗ ଚାଷୀମାନେ ପଞ୍ଜିକରଣ ପ୍ରକ୍ରିୟାରେ ଆବଶ୍ୟକ କାଗଜପତ୍ର ଦାଖଲ କରି ଅଂଶଗ୍ରହଣ କରିପାରିବେ ।
- **ଭାଗ ଚାଷୀ ଓ ଜମି ମାଲିକଙ୍କର ଆଧାର e-KYC ମାଧ୍ୟମରେ ପଞ୍ଜିକରଣ କରାଯିବ ।**
- ଏଥିପାଇଁ ଜମି ମାଲିକଙ୍କ ଉପସ୍ଥିତି ଜରୁରୀ ଅଟେ ।

### କ୍ଷୁଦ୍ର ଓ ନାମମାତ୍ର ଚାଷୀ :

- ଅଧିକରୁ ଅଧିକ କ୍ଷୁଦ୍ର ଓ ନାମମାତ୍ର ଚାଷୀମାନେ ଧାନ ସଂଗ୍ରହ ବ୍ୟବସ୍ଥାରେ ଅନ୍ତର୍ଭୁକ୍ତ ହୋଇ ଲାଭାନ୍ୱିତ ହେବା ସରକାରଙ୍କର ଏକାନ୍ତ ଲକ୍ଷ୍ୟ ।

### ସମିତିର ଦାୟିତ୍ୱ :

- ଧାନ ବିକ୍ରୟ ପାଇଁ ଇଚ୍ଛୁକ ଥିବା ସମସ୍ତ ଚାଷୀଙ୍କୁ ନୂତନ ପଞ୍ଜିକରଣ ଫର୍ମ ପ୍ରଦାନ କରିବେ ।
- ସମିତି କର୍ମକର୍ତ୍ତା ପଞ୍ଜିକରଣ ଫର୍ମରେ ଥିବା ତଥ୍ୟକୁ ତା.୦୭.୦୮.୨୦୨୬ ରିଖ ରୁ ତା.୩୧.୦୮.୨୦୨୬ ରିଖ ମଧ୍ୟରେ ତାଙ୍କର LOGIN ରେ ଡିଜିଟାଇଜ୍ କରିବେ ।
- ଧାନ ବିକ୍ରୟ ଉଦ୍ଦେଶ୍ୟରେ ଚାଷ ଅନୁପଯୋଗୀ ଜମି ବା ଅଣ-ଧାନ ଚାଷ ହୋଇଥିବା ଜମିକୁ ପଞ୍ଜିକୃତ କରିବେ ନାହିଁ ।
- ଯଥାଶୀଘ୍ର ତ୍ରୁଟିଶୂନ୍ୟ ଚାଷୀ ତାଲିକା ପ୍ରସ୍ତୁତ ହେବା ଆବଶ୍ୟକ । ଏହା ବିଳମ୍ବିତ ହେଲେ ଅନ୍ୟାନ୍ୟ ଆନୁଷଙ୍ଗିକ କାର୍ଯ୍ୟ ବିଳମ୍ବିତ ହେବ ।

### ହେଲ୍ପ ଡେସ୍କ :

- ସମିତି କର୍ମକର୍ତ୍ତାମାନେ ଫର୍ମ ପୂରଣ ପାଇଁ ଚାଷୀମାନଙ୍କୁ ଆବଶ୍ୟକ ସହାୟତା ଯୋଗାଇଦେବେ । ଏଥିପାଇଁ ଏକ ଉତ୍ସର୍ଗୀକୃତ ହେଲ୍ପ ଡେସ୍କ ସମିତି ସ୍ତରରେ କାର୍ଯ୍ୟ କରିବ ।

### ହେଲ୍ପଲାଇନ୍ :

- ସହାୟତା ନିମନ୍ତେ ଦେୟମୁକ୍ତ ନମ୍ବର ୧୯୬୭ରେ ସରକାରୀ କାର୍ଯ୍ୟ ସମୟ ମଧ୍ୟରେ ଯୋଗାଯୋଗ କରିବାକୁ ଅନୁରୋଧ ।

OIPR-7001/7002/2/26-27/0008

ଅଧିକ ବିବରଣୀ ପାଇଁ, ଦେୟମୁକ୍ତ ହେଲ୍ପଲାଇନ୍ ନମ୍ବର ୧୯୬୭ ରେ ଯୋଗାଯୋଗ କରନ୍ତୁ ।

ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ । ସମବାୟ ବିଭାଗ । କୃଷି ଓ କୃଷକ ସଶକ୍ତିକରଣ ବିଭାଗ । ଓଡ଼ିଶା ସରକାର | Foododisha Food Odisha Foododishagov www.Foododisha.gov.in

# ଅନୁଷ୍ଠିତ ହେଲା ଯୌତୁକ ନିଷେଧ ଅଧିନିୟମ-୧୯୬୧ ସମ୍ପର୍କିତ ଜିଲ୍ଲାସ୍ତରୀୟ ତାଲିମ ଶିବିର



ବାଲେଶ୍ୱର(ନି.ପ୍ର.): ମହିଳାଙ୍କ ସୁରକ୍ଷା, ସଶକ୍ତିକରଣ ଏବଂ ଯୌତୁକ ନିର୍ଯାତନା ରୋକିବା ଲକ୍ଷ୍ୟରେ ଯୌତୁକ ନିଷେଧ ଅଧିନିୟମ-୧୯୬୧ ସମ୍ପର୍କିତ ଜିଲ୍ଲାସ୍ତରୀୟ ଏକ ଦିବସୀୟ ତାଲିମ ଶିବିର ଗୁରୁବାର ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲା ସମାଜ ମଙ୍ଗଳ କାର୍ଯ୍ୟାଳୟ ପକ୍ଷରୁ ଆୟୋଜିତ ଏହି ତାଲିମ କାର୍ଯ୍ୟକ୍ରମରେ ନାରୀଙ୍କ ସୁରକ୍ଷା ଓ ନିରାପଦ ଜୀବନଯାପନ ପାଇଁ ସରକାରଙ୍କ ବିଭିନ୍ନ ପଦକ୍ଷେପ ସମ୍ପର୍କରେ ଆଲୋଚନା କରାଯାଇଥିଲା ।ଏଥିରେ ଜିଲ୍ଲା ପରିଷଦ ସଭାପତି ନାରାୟଣ ପ୍ରଧାନ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଯୌତୁକ ପ୍ରଥା ନିରାକରଣ ପାଇଁ ସମାଜର ସମସ୍ତ ବର୍ଗର ଲୋକଙ୍କ ସହଭାଗିତା ଆବଶ୍ୟକ ବୋଲି କହିଥିଲେ । ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ତପନ କୁମାର ଖୁଣ୍ଟିଆ ଅଧକ୍ଷତା କରି ନାରୀ ସଶକ୍ତିକରଣ କ୍ଷେତ୍ରରେ ରାଜ୍ୟ ସରକାରଙ୍କ ବିଭିନ୍ନ ପଦକ୍ଷେପ ସହ 'ଯୌତୁକ ନିଷେଧ ଅଧିନିୟମ-୧୯୬୧'ର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ ।ଉପ-ଆରକ୍ଷୀ ଅଧିକ୍ଷକ ନିର୍ମଳା ଗୋଚ୍ଛାୟତ ଓ ଜିଲ୍ଲା ଆଇନ ସେବା ପ୍ରାଧିକରଣର ଓକିଲ ଗଣେଶ୍ୱର ରାଉତ ସଂଶାଧନ ବିଶେଷଜ୍ଞ ଭାବେ ଯୋଗଦେଇ ଯୌତୁକ ନିଷେଧ ଆଇନର ବିଭିନ୍ନ ଦିଗ, ଆଇନଗତ ସୁରକ୍ଷା ଏବଂ ମହିଳାମାନଙ୍କ ଅଧିକାର ସମ୍ପର୍କରେ ବିସ୍ତୃତ ତଥ୍ୟ ପ୍ରଦାନ କରିଥିଲେ ।

ଜିଲ୍ଲା ସମାଜ ମଙ୍ଗଳ କାର୍ଯ୍ୟାଳୟର ଜିଲ୍ଲା ପ୍ରୋଗ୍ରାମ ସଂଯୋଜକ (ମମତା) ବାମଦେବ ପାଣିଗ୍ରାହୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ମଂଚାସୀନ ଅତିଥିମାନଙ୍କ ମଧ୍ୟରେ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଦାୟିତ୍ୱରେ ପ୍ରବୋଧ କୁମାର ମଲ୍ଲିକ, ପ୍ରୋଟେକ୍ସନ ଅଫିସର ଯୁଥିକାରାଣୀ ରାୟ, ପ୍ରୋଗ୍ରାମ ଅଫିସର ଗିରିବାଳା ମହନ୍ତ ଏବଂ ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ଖୁସିରାମ ଗାହିର ପ୍ରମୁଖ ଉପସ୍ଥିତ ଥିଲେ ।ଏହି ତାଲିମ ଶିବିରରେ ବିଭିନ୍ନ ଶିଶୁ ବିକାଶ ପ୍ରକଳ୍ପର ଅଧିକାରୀ, ମହିଳା ସଶକ୍ତିକରଣ କାର୍ଯ୍ୟାଳୟର କର୍ମଚାରୀ, ସ୍ୱେଚ୍ଛାସେବୀ ଅନୁଷ୍ଠାନ, ଓନ୍-ଷ୍ଟପ୍ ସେ[ର, ଶକ୍ତି ସଦନର କର୍ମଚାରୀ, ଧର୍ମଗୁରୁ, ସ୍କୁଲ ଛାତ୍ରୀ ଓ ବିଭିନ୍ନ ବିଭାଗର କର୍ମକର୍ତା ମାନେ ଯୋଗଦେଇଥିଲେ । ପରିଶେଷରେ ଜିଲ୍ଲା ମହିଳା ସଶକ୍ତିକରଣ କାର୍ଯ୍ୟାଳୟର ଜିଲ୍ଲା ସଂଯୋଜକ ପ୍ରଦୀପ କୁମାର ପାଳ ଧନ୍ୟବାଦ ଅର୍ପଣ କରିଥିଲେ । ଯୌତୁକ ପ୍ରଥା ନିରାକରଣ ଓ ମହିଳା ସୁରକ୍ଷା ସମ୍ପର୍କରେ ସଚେତନତା ବୃଦ୍ଧି ଦିଗରେ ଏହି ତାଲିମ ଶିବିର ଫଳପ୍ରଦ ହୋଇଥିବା ମତ ପ୍ରକାଶ ପାଇଥିଲା ।

# କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହଙ୍କୁ ସାକ୍ଷାତ କଲେ ପୂର୍ବତନ ସାଂସଦ ରବୀନ୍ଦ୍ର କୁମାର ଜେନା

## ବାଲେଶ୍ୱର ଜିଲ୍ଲାର ସାମଗ୍ରିକ ବିକାଶ ଓ ଜନକଲ୍ୟାଣମୂଳକ ପ୍ରକଳ୍ପ ନେଇ ହେଲା ଆଲୋଚନା



ବାଲେଶ୍ୱର,(ନି.ପ୍ର.) ଗୁରୁବାର ଦିନ ନୂଆଦିଲ୍ଲୀଠାରେ ବାଲେଶ୍ୱରର ପୂର୍ବତନ ସାଂସଦ ରବୀନ୍ଦ୍ର କୁମାର ଜେନା ମାନ୍ୟବର କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହଙ୍କୁ ସୌଜନ୍ୟମୂଳକ ସାକ୍ଷାତ କରିଥିଲେ । ଏହି ସାକ୍ଷାତକାର ସମୟରେ ବାଲେଶ୍ୱର ଜିଲ୍ଲାର ସାମଗ୍ରିକ ବିକାଶ, ଭିତିଭୂମିର ଉନ୍ନତି, ଜନକଲ୍ୟାଣମୂଳକ ଯୋଜନାର ଫଳପ୍ରଦ କାର୍ଯ୍ୟକାରିତା ଏବଂ ବିଭିନ୍ନ ଉନ୍ନୟନମୂଳକ ପ୍ରକଳ୍ପର ତ୍ୱରିତ ରୂପାୟନ ସମ୍ପର୍କରେ ଆଲୋଚନା ହୋଇଥିଲା ।କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହ ବାଲେଶ୍ୱରର ବିକାଶ ସମ୍ବନ୍ଧୀୟ ବିଷୟଗୁଡ଼ିକୁ ଗୁରୁତ୍ୱର ସହ ଅବଲୋକନ କରିବା ସହ ଜନହିତକର ପଦକ୍ଷେପ ପ୍ରତି ସକାରାତ୍ମକ ଦୃଷ୍ଟିଭଙ୍ଗୀ ପ୍ରକାଶ କରିଥିଲେ । ଏହି ଅବସରରେ ରାଜ୍ୟସଭା ସାଂସଦ ଦିଲ୍ଲୀପ ରାୟ ମଧ୍ୟ ଉପସ୍ଥିତ ଥିଲେ ।

# ଛାତ୍ର ବିଜେଡିର ରକ୍ତଦାନ ଶିବିରରେ ସଂଗୃହୀତ ହେଲା ୭୧ ୟୁନିଟ୍ ରକ୍ତ

ବାଲେଶ୍ୱର, (ନି.ପ୍ର.): ବର୍ତମାନର ବନ୍ୟା ପରିସ୍ଥିତିରେ ରକ୍ତଭଣ୍ଡାରରେ ଦେଖା ଦେଇଥିବା ରକ୍ତ ଅଭାବକୁ ପୂରଣ କରିବା ଲକ୍ଷ୍ୟରେ ବାଲେଶ୍ୱର ଜିଲ୍ଲା ଛାତ୍ର ବିଜୁ ଜନତା ଦଳ ପକ୍ଷରୁ ଗୁରୁବାର ବସ୍ତା ନିର୍ବାଚନମଣ୍ଡଳୀର କଟିପୋଲସ୍ଥିତ ପ୍ରିନ୍ସ କଲ୍ୟାଣ ମଣ୍ଡପ ଠାରେ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଆୟୋଜିତ ହୋଇଯାଇଛି ।ଏହି ଶିବିରରେ ମୋଟ ୭୧ ୟୁନିଟ୍ ରକ୍ତ ସଂଗୃହୀତ ହୋଇଥିବା ଜଣାପଡ଼ିଛି ।



ଛାତ୍ରନେତା ହରେକୃଷ୍ଣ ପ୍ରଧାନଙ୍କ ନେତୃତ୍ୱରେ ଏବଂ ବସ୍ତା ବ୍ଲକ ସଭାପତି ତଥା ନିର୍ବାଚନମଣ୍ଡଳୀ ସଂଯୋଜକ ମହାଦେବ ଦାସଙ୍କ ତତ୍ୱାବଧାନରେ ଆୟୋଜିତ ଏହି ଶିବିରକୁ ବିଜେଡି ଜିଲ୍ଲା ସଭାପତି ଜ୍ୟୋତିପ୍ରକାଶ ପାଣିଗ୍ରାହୀ ଉଦ୍ ?ଘାଟନ କରିଥିଲେ । ସେ ରକ୍ତଦାନକୁ ଏକ ମହତ୍ କାର୍ଯ୍ୟ ବୋଲି ବର୍ଣ୍ଣନା କରି ସମାଜର ସମସ୍ତ ବର୍ଗର ଲୋକଙ୍କୁ ଏଥିରେ ସାମିଲ ହେବାକୁ ଆହ୍ୱାନ କରିଥିଲେ ।ଏହି ଅବସରରେ ଜଳେଶ୍ୱର ବିଧାୟକ ଅଶ୍ୱିନୀ କୁମାର ପାତ୍ର, ପୂର୍ବତନ ମନ୍ତ୍ରୀ ରଘୁନାଥ ମହାନ୍ତି, ବସ୍ତା ନିର୍ବାଚନମଣ୍ଡଳୀ ସଂଯୋଜକ ମହାଦେବ ଦାସ, ବାଲିଆପାଳ ବ୍ଲକ ସଭାପତି ଦେବେନ୍ଦ୍ର ଗିରି, ବାଲେଶ୍ୱର ଟାଉନ ସଭାପତି ମନୋଜ କୁମାର ରାଉତ ଏବଂ ଜିଲ୍ଲା ପରିଷଦ ସଦସ୍ୟା ବିଷ୍ଣୁପ୍ରିୟା ବୁଗୁଡ଼ି ପ୍ରମୁଖ ଉପସ୍ଥିତ ରହି ରକ୍ତଦାତାମାନଙ୍କୁ ଉତ୍ସାହିତ କରିଥିଲେ ।କାର୍ଯ୍ୟକ୍ରମରେ ଦେବେନ୍ଦ୍ର ବେହେରା, ପରମେଶ୍ୱର ବାରିକ, ଶିବାନନ୍ଦ ଦାସ ଅଧିକାରୀ, ପୂର୍ଣ୍ଣଚନ୍ଦ୍ର ଜେନା, ଶରତ ପ୍ରଧାନ, ଅଖିଳ ବେହେରା, ଚିତରଞ୍ଜନ ଜେନା, ମନ୍ମଥ ଚକ୍ରବର୍ତୀ, ଅରୁଣ ଦାସ, ଦେବେନ୍ଦ୍ର ନାୟକ, ସଞ୍ଜୟ ବୁଗୁଡ଼ି, ସେକ୍ ନସର ଅଲ୍ଲୀ, କାର୍ତିକ ସାହୁ, ରାଜକିଶୋର ପ୍ରଧାନ ଏବଂ ରାଜେଶ ଗିରି ପ୍ରମୁଖ ସହଯୋଗ କରିଥିଲେ । ସେହିପରି ଛାତ୍ରନେତା ରାଜକିଶୋର ବେହେରା, ପାର୍ଥସାରଥୀ ସାହୁ, ରାଜେଶ ବେହେରା, ଗୋପାଳ ଚନ୍ଦ୍ର ମହାନ୍ତି, ଶୁଭମ ନାୟକ, ଆୟୁଷ ପ୍ରଧାନ, ଜଗବନ୍ଧୁ ବାଡ଼ି, ଉମାକାନ୍ତ ଦାସ, ଶିବ ବାଡ଼ି, ବିନୋଦ ବିଶ୍ୱାଳ, ସୁବ୍ରତ ବାଗ, ବିଭାସ ନାୟକ, ମିଥୁନ କୁମାର ବେହେରା ଏବଂ ଭବଶଙ୍କର ମୁଖୀ ପ୍ରମୁଖ ଶିବିର ପରିଚାଳନାରେ ସକ୍ରିୟ ଭୂମିକା ନେଇଥିଲେ ।ବନ୍ୟା ପରିସ୍ଥିତିରେ ରକ୍ତ ଅଭାବ ଦୂର କରିବା ଦିଗରେ ଏହି ରକ୍ତଦାନ ଶିବିର ଏକ ପ୍ରଶଂସନୀୟ ଏବଂ ମାନବିକ ପଦକ୍ଷେପ ବୋଲି ଉପସ୍ଥିତ ଅତିଥିମାନେ ମତ ପ୍ରକାଶ କରିଥିଲେ ।

# ସନ୍ଥ ଶିରୋମଣି ରବିଦାସଙ୍କ ୬୫୦ତମ ଜନ୍ମବାର୍ଷିକୀ, 'ହର ଘର ତ୍ରିରଙ୍ଗା' ଅଭିଯାନ ଓ ବିଭାଜନ ବିଭୀଷିକା ସ୍ମୃତି ଦିବସ ପାଳନ ପାଇଁ ବିଜେପି ବାଲେଶ୍ୱର ଜିଲ୍ଲାର ପ୍ରସ୍ତୁତି ବୈଠକ



ବାଲେଶ୍ୱର(ନି.ପ୍ର.): ଭାରତୀୟ ଜନତା ପାର୍ଟି ବାଲେଶ୍ୱର ଜିଲ୍ଲା ପକ୍ଷରୁ ସନ୍ଥ ଶିରୋମଣି ରବିଦାସଙ୍କ ୬୫୦ତମ ଜନ୍ମବାର୍ଷିକୀ ପାଳନ, 'ହର ଘର ତ୍ରିରଙ୍ଗା' ଅଭିଯାନ ଏବଂ ୧୪ ଅଗଷ୍ଟରେ ପାଳନ କରାଯାଉଥିବା ବିଭାଜନ ବିଭୀଷିକା ସ୍ମୃତି ଦିବସ ଉପଲକ୍ଷେ ଏକ ପ୍ରସ୍ତୁତି ବୈଠକ ଆଜି ସିଦ୍ଧି କଲ୍ୟାଣ ମଣ୍ଡପରେ ଜିଲ୍ଲା ସଭାପତି ଶ୍ରୀ ଈଶ୍ୱର ଚନ୍ଦ୍ର ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । ଉଭୟ କାର୍ଯ୍ୟକ୍ରମର ସଂଯୋଜକ ଭାବେ ପର୍ଶୁରାମ ପରିଡ଼ା ଓ ବିଜୟ ସାହୁ କାର୍ଯ୍ୟକ୍ରମର ରୂପରେଖ ବାବଦରେ ଅବଗତ କରାଇଥିଲେ । ଏହି ବୈଠକରେ ଜିଲ୍ଲା ପ୍ରଭାରୀ ଶ୍ରୀ ଗୌତମ ରାୟ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଆଗାମୀ କାର୍ଯ୍ୟକ୍ରମଗୁଡ଼ିକର ସଫଳ ଆୟୋଜନ ପାଇଁ ବିସ୍ତୃତ ରୂପରେଖା ଉପସ୍ଥାପନ କରିଥିଲେ । ସେ ସମସ୍ତ ମଣ୍ଡଳ ଓ ଶକ୍ତିକେନ୍ଦ୍ର ସ୍ତରରେ ଜନସମ୍ପର୍କ ବୃଦ୍ଧି ସହ ବ୍ୟାପକ ଜନଭାଗିଦାରୀରେ କାର୍ଯ୍ୟକ୍ରମ ପାଳନ କରିବାକୁ ଆହ୍ୱାନ ଦେଇଥିଲେ ।

?ମଂଚରେ ରେମୁଣା ବିଧାୟକ ଗୋବିନ୍ଦ ଚନ୍ଦ୍ର ଦାସ, ରାଜ୍ୟ ଉପସଭାପତି ଶିପ୍ରା ବାଜପେୟୀ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟା ସୁଷମା ରାଣୀ ବିଶ୍ୱାଳ ଓ ମମତା ମହାପାତ୍ର, ପୂର୍ବତନ ଜିଲ୍ଲା ସଭାପତି ଉମାକାନ୍ତ ମହାପାତ୍ର ଓ ଜିଲ୍ଲା ସାଧାରଣ ସମ୍ପାଦକ ଚନ୍ଦ୍ରଶେଖର ନନ୍ଦ ମଂଚାସିନ ଥିଲେ ।ବକ୍ତାମାନେ କହିଥିଲେ ଯେ ସନ୍ଥ ଶିରୋମଣି ରବିଦାସ ଜଣେ ମହାନ ସନ୍ଥ, ସମାଜ ସଂସ୍କାରକ ଓ ସମତା, ଭ୍ରାତୃତ୍ୱ ଏବଂ ମାନବତାର ବାର୍ତାବାହକ ଥିଲେ । ତାଙ୍କ ଜୀବନ ଓ ଆଦର୍ଶ ସାମାଜିକ ସମରସତା, ଜାତିଭେଦ ମୁକ୍ତ ସମାଜ ଗଠନ ଏବଂ ମାନବ ସେବା ପାଇଁ ସର୍ବଦା ପ୍ରେରଣା ଯୋଗାଇ ଆସୁଛି । ତାଙ୍କ ୬୫୦ତମ ଜନ୍ମବାର୍ଷିକୀ ଅବସରରେ ସମାଜରେ ଏକତା, ସଦ୍ଭାବ ଓ ସମାନତାର ବାର୍ତା ପହଂଚାଇବା ପାଇଁ ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜନ କରାଯିବ । 'ହର ଘର ତ୍ରିରଙ୍ଗା' ଅଭିଯାନ ସମ୍ପର୍କରେ ବକ୍ତାମାନେ କହିଥିଲେ ଯେ ଜାତୀୟ ପତାକା କେବଳ ଦେଶର ପ୍ରତୀକ ନୁହେଁ, ଏହା ଆମର ଗୌରବ, ଐକ୍ୟ, ଆତ୍ମସମ୍ମାନ ଓ ଦେଶପ୍ରେମର ପ୍ରତୀକ । ପ୍ରତ୍ୟେକ ଘରେ ତ୍ରିରଙ୍ଗା ଉତୋଳନ ମାଧ୍ୟମରେ ଦେଶପ୍ରେମର ଭାବନାକୁ ଆହୁରି ସୁଦୃଢ଼ କରିବା ଏହି ଅଭିଯାନର ମୂଳ ଉଦ୍ଦେଶ୍ୟ । ସମସ୍ତ କାର୍ଯ୍ୟକର୍ତାଙ୍କୁ ଏହି ଅଭିଯାନକୁ ସଫଳ କରିବା ପାଇଁ ଘରେ ଘରେ ପହଂଚି ଜନସଚେତନତା ସୃଷ୍ଟି କରିବାକୁ ଆହ୍ୱାନ ଦିଆଯାଇଥିଲା ।୧୪ ଅଗଷ୍ଟରେ ପାଳନ କରାଯାଉଥିବା ବିଭାଜନ ବିଭୀଷିକା ସ୍ମୃତି ଦିବସ ସମ୍ପର୍କରେ ବକ୍ତାମାନେ କହିଥିଲେ ଯେ ଦେଶ ବିଭାଜନ ସମୟରେ ଲକ୍ଷ ଲକ୍ଷ ଲୋକ ପ୍ରାଣ ହରାଇଥିଲେ, ଘରଦ୍ୱାର ଛାଡ଼ିବାକୁ ବାଧ ହୋଇଥିଲେ ଏବଂ ଅକଳ୍ପନୀୟ ଦୁଃଖ ଓ ଯନ୍ତ୍ରଣାର ସମ୍ମୁଖୀନ ହୋଇଥିଲେ । ଏହି ଦିବସ ସେହି ପୀଡ଼ିତମାନଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଜଣାଇବା ସହ ଜାତୀୟ ଏକତା, ସାମାଜିକ ସଦ୍ଭାବ ଏବଂ ଅଖଣ୍ଡ ଭାରତର ଚେତନାକୁ ସୁଦୃଢ଼ କରିବାର ଏକ ସୁଯୋଗ ବୋଲି ମତ ପ୍ରକାଶ ପାଇଥିଲା । ବୈଠକରେ ଜିଲ୍ଲାର ସମସ୍ତ ପଦାଧିକାରୀ, ମୋର୍ଚ୍ଚା ସଭାପତି, ମଣ୍ଡଳ ସଭାପତି ଓ ବହୁ ସଂଖ୍ୟକ କାର୍ଯ୍ୟକର୍ତା ଉପସ୍ଥିତ ରହି ଆଗାମୀ କାର୍ଯ୍ୟକ୍ରମକୁ ସଫଳ କରିବା ପାଇଁ ସଂକଳ୍ପ ବ୍ୟକ୍ତ କରିଥିଲେ ।ଶେଷରେ ଜିଲ୍ଲା ଉପସଭାପତି କରୁଣାକର ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ ।

# ଅଗଷ୍ଟ ୯ କ୍ରାନ୍ତି ଦିବସ ଉପଲକ୍ଷେ ନବନିର୍ମାଣ ଯୁବଛାତ୍ର ସଂଗଠନର ଆହ୍ୱାନ

ବାଲେଶ୍ୱର(ନି.ପ୍ର.): ଓଡ଼ିଶାର ନୂଆ ପାଠ୍ୟ ପୁସ୍ତକରେ ୧୬୭୮ ତୃଟି ଏବଂ ଦୁର୍ନୀତିକୁ ନେଇ ଗଣଶିକ୍ଷା ମନ୍ତ୍ରୀ ଇସ୍ତଫା ଦାବୀ କରି ଅଗଷ୍ଟ ୯ କ୍ରାନ୍ତି ଦିବସରେ ଏକ ରାଜ୍ୟ ସ୍ତରୀୟ ଯୁବଛାତ୍ର ସମାବେଶ ଭୁବନେଶ୍ୱର ଲୋୟର ପିଏମଜିରେ ଅନୁଷ୍ଠିତ ହେବ ବୋଲି ନବନିର୍ମାଣ ଯୁବଛାତ୍ର ସଂଗଠନର ନିବେଦକ ରଣଜିତ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ପଦ୍ମଆଁପଦା ସ୍ଥିତ ଉଠା ଜଳସେଚନ କର୍ମଚାରୀ ଭବନରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀ କୁହାଯାଇଛି । ଏହା ଛଡା କୁହାଯାଇଛି ଯେ, ଯଦି ନିଟ୍ ପେପର ଲିକ୍ ?କୁ ନେଇ କଙ୍ଗ୍ରେସ ଜନତା ପାର୍ଟି ଧାରଣାରେ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଇସ୍ତଫା ଦେଲେ, ତେବେ ୧୬୭୮ ପାଠ୍ୟ ପୁସ୍ତକ ତୃଟିକୁ ସରକାର ସ୍ୱୀକାର କରିଛନ୍ତି, ତେବେ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ କାହିଁକି ଇସ୍ତଫା ଦେବେ ନାହିଁ ବୋଲି ପ୍ରଶ୍ନ କରାଯାଇଛି । ଶିକ୍ଷା ଓ ଶିକ୍ଷା ବ୍ୟବସ୍ଥା ପିଲାଙ୍କର ଭବିଷ୍ୟତର ମୂଳ ଅନୁଷ୍ଠାନ । ଓଡ଼ିଶା ସରକାର ଜଳ, ଜଙ୍ଗଲ, ଜମି ଓ ଖଣିକୁ ଆମ୍ବାଜୀ, ଆମାନୀ, ଟାଟା, ବିର୍ଲା, ଜିନ୍ଦଲ, ବେଦାନ୍ତ କାମ୍ପାନୀ ହାତରେ ଟେକିଦେଇଛନ୍ତି, ଆଦିବାସୀଙ୍କୁ ବିସ୍ଥାପନର ଶୀକାର କରି ଦାଦନ ଯିବା ପାଇଁ ବାଧ୍ୟ କରିବା ସହ ଭିକାରୀ କରିଛନ୍ତି ଓ ଯେଉଁଥିରେ ଚାଷୀ କଥା ନକହିବା ଭଲ, ଅନେକ ସମସ୍ୟା ପଡ଼ିଛି, ମଣ୍ଡିରେ ଧାନ ଚୋରି, ଜମିରେ ଜଳସେଚନ ନହେବା, ଶୀତଳ ଭଣ୍ଡାର ନାହିଁ, ଚାଷୀଙ୍କ ପାଇଁ ସାର ନାହିଁ ଏପରି ଅନେକ ସମସ୍ୟା ରହିଛି । ସ୍ୱାସ୍ଥ୍ୟ ବ୍ୟବସ୍ଥା ନକହିବା ଭଲ, କେଉଁଠି ମେଡ଼ିକାଲ ଅଛିତ ଡାକ୍ତର ନାହିଁ, ଆଉ କେଉଁଠି ମେଡ଼ିକାଲ, ଡାକ୍ତର ଅଛି ତ ସାଧାରଣ ଲୋକଙ୍କ ପାଇଁ ଔଷଧ ନାହିଁ ଓ ସରକାର କହିଥିଲେ ନିଶା ମୁକ୍ତ ଓଡ଼ିଶା କରିବେ କିନ୍ତୁ ଆଜି ଗାଁ ଗାଁରେ ମଦ ଦୋକାନ ଖୋଲିବାରେ ଲାଗିଛନ୍ତି । ମହିଳାଙ୍କୁ ଅତ୍ୟାଚାର ଓ ସୁରକ୍ଷା ବ୍ୟବସ୍ଥା ନାହିଁ । ଆଇନ୍ ଶୃଙ୍ଖଳା ବ୍ୟବସ୍ଥା ବିଗିଡ଼ି ବାରେ ଲାଗିଛି । ଯେଉଁ ଓଡ଼ିଶାରୁ ବାହାର ରାଜ୍ୟରୁ କମ୍ପାନୀ ଆସି ଶସ୍ତାରେ ଜଳ, ଜଙ୍ଗଲ, ଜମି, ଖଣି ନେଇ ମାଲେମାଲେ ହେଉଛନ୍ତି, ସେହି ଓଡ଼ିଶାରୁ ୫୦ ଲକ୍ଷ ଯୁବକ କାହିଁକି ଦାଦନ ଯାଉଛନ୍ତି ? ପିଲାଙ୍କର ଭବିଷ୍ୟତକୁ ନଷ୍ଟ କରିଦେଲେ, ସ୍କୁଲ ଅଛିତ ବିଲ୍ଡିଂ ନାହିଁ, ବିଲ୍ଡିଂ ଥିଲେ ଶିକ୍ଷକ ନାହିଁ । ସରକାର ଯୋଗାଉଥିବା ପାଠ୍ୟ ପୁସ୍ତକରେ ୧୬୭୮ ତୃଟି ପରିଲକ୍ଷିତ ହୋଇଛି, ଯେଉଁଥିରେ ୨୦୦ କୋଟି ଟଙ୍କା ଦୁର୍ନୀତୀ ହୋଇଛି । ଯାହା ସବୁଠାରୁ ବଡ଼ ଅପରାଧ ଉକ୍ତ ଉଦ୍ଦେଶ୍ୟକୁ ନେଇ ଆଗାମୀ ଅଗଷ୍ଟ ୯ ତାରିଖ କ୍ରାନ୍ତି ଦିବସରେ ନବନିର୍ମାଣ ଯୁବଛାତ୍ର ସଂଗଠନର ଲୋୟର ପିଏମଜିରେ ବିଶାଳ ଯୁବଛାତ୍ର ସମାବେଶ ଅନୁଷ୍ଠିତ ହେବ ଓ ନୂଆ କ୍ରାନ୍ତିର ଡାକରା ଦିଆଯିବ ।ଆଜିର ଏହି ସମ୍ବାଦିକ ସମ୍ମିଳନୀରେ ଜିଲ୍ଲା ସହ ସଂଯୋଜକ, ରାଜେଶ ନାୟକ, ରୋହିତ ବେହେରା ଓ ଦେବ ବାରିକ,ସତ୍ୟ ରଞ୍ଜନ ପଟ୍ଟନାୟକ,ସେକ୍ ସଫିବୁଲ ପ୍ରମୁଖ ଯୋଗଦେଇଥିଲେ ।




# ଭାରତରେ ସମାଜ ବିଜ୍ଞାନ ଓ ସାମାଜିକ ବିଜ୍ଞାନର ଭବିଷ୍ୟତ ଉପରେ ସ୍ୱତନ୍ତ୍ର ଆଲୋଚନାଚକ୍ର

ବାଲେଶ୍ୱର (ନି.ପ୍ର.) ଦିବା ୧୧ ଘଟିକା ସମୟରେ ଫକୀର ମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟ, ବାଲେଶ୍ୱରର ସମାଜ ବିଜ୍ଞାନ ବିଭାଗ ପକ୍ଷରୁ ସମ୍ମିଳନୀ କକ୍ଷରେ "ଭାରତରେ ସମାଜ ବିଜ୍ଞାନ ଓ ସାମାଜିକ ବିଜ୍ଞାନର ଭବିଷ୍ୟତ" ଶୀର୍ଷକରେ ଏକ ସ୍ୱତନ୍ତ୍ର ଆଲୋଚନାଚକ୍ର ସଫଳତାର ସହ ଅନୁଷ୍ଠିତ ହୋଇଯାଇଛି । ଲକ୍ଷ୍ନୌ ବିଶ୍ୱବିଦ୍ୟାଳୟର ସମାଜବିଜ୍ଞାନ ବିଭାଗର ବରିଷ୍ଠ ପ୍ରଫେସର ତଥା ଭାରତୀୟ ସମାଜବିଜ୍ଞାନ ସମିତି, ନୂଆଦିଲ୍ଲୀର ସଭାପତି ଡ. ଦୀପ୍ତି ରଞ୍ଜନ ସାହୁ ମୁଖ୍ୟ ବିଷୟ ବିଶେଷଜ୍ଞ ଭାବେ ଯୋଗଦେଇ ଭାରତରେ ସମାଜବିଜ୍ଞାନ ଓ ସାମାଜିକ ବିଜ୍ଞାନର ବର୍ତମାନ ସ୍ଥିତି, ପରିବର୍ତନଶୀଳ ଧାରା, ନୂତନ ଆହ୍ୱାନ ଏବଂ ଭବିଷ୍ୟତର ସମ୍ଭାବନା ସମ୍ପର୍କରେ ବିସ୍ତୃତ ଓ ତଥ୍ୟଭିତିକ ଆଲୋଚନା କରିଥିଲେ । ସମାଜର ଦ୍ରୁତ ପରିବର୍ତନଶୀଳ ପରିସ୍ଥିତିରେ ସାମାଜିକ ବିଜ୍ଞାନର ଗୁରୁତ୍ୱ ଏବଂ ସମସାମୟିକ ସାମାଜିକ ସମସ୍ୟାର ସମାଧାନରେ ଏହାର ଭୂମିକା ଉପରେ ସେ ଆଲୋକପାତ କରିଥିଲେ ।ଏହି କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ଅଧକ୍ଷ ପ୍ରଫେସର ଫିରୋଜ କୁମାର ପାଢ଼ୀ ସଭାପତିତ୍ୱ କରିଥିବା ବେଳେ ସମାଜବିଜ୍ଞାନ ବିଭାଗର ସହକାରୀ ପ୍ରଫେସର ତଥା ବିଭାଗୀୟ ମୁଖ୍ୟ ଡ. ସେବତୀ ମଲ୍ଲିକ ସ୍ୱାଗତ ସମ୍ଭାଷଣ ପ୍ରଦାନ କରିଥିଲେ । ପଦାର୍ଥ ବିଜ୍ଞାନର ବିଭାଗୀୟ ମୁଖ୍ୟ ଡକ୍ଟର ମୌସୁମୀ ଦାସ ପଟ୍ଟନାୟକ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ବାର ବର୍ଣିନୀ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ । କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ଅଧ୍ୟାପକ, ଗବେଷକ ଓ ବହୁସଂଖ୍ୟକ ଛାତ୍ରଛାତ୍ରୀ ଯୋଗଦେଇ ମୁଖ୍ୟ ବକ୍ତାଙ୍କ ଅଭିଭାଷଣରୁ ଉପକୃତ ହୋଇଥିଲେ । ଏହି ସ୍ୱତନ୍ତ୍ର ଆଲୋଚନାଚକ୍ର ଛାତ୍ରଛାତ୍ରୀଙ୍କ ମଧ୍ୟରେ ସମାଜ ବିଜ୍ଞାନ ପ୍ରତି ଆଗ୍ରହ ଏବଂ ଗବେଷଣାମୂଳକ ଚିନ୍ତାଧାରାକୁ ଅଧିକ ସୁଦୃଢ଼ କରିଥିବା ମତ ପ୍ରକାଶ ପାଇଥିଲା । ଡ. ସେବତୀ ମଲ୍ଲିକ , ବିଭାଗୀୟ ମୁଖ୍ୟ,ଏହି ସଭାର ଆୟୋଜନ କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ । ଏହି କାର୍ଯ୍ୟକ୍ରମକୁ ସଫଳ ରୂପାୟନ ନିମନ୍ତେ ଅନେକ ଛାତ୍ର ଛାତ୍ରୀ ସହଯୋଗ କରିଥିବା ବେଳେ ଛାତ୍ରୀ ପ୍ରତିଜ୍ଞା ପ୍ରତିଶ୍ରୁତି ସ ପ୍ରଥମରୁ ଶେଷ ପର୍ଯ୍ୟନ୍ତ ସଭା ପରିଚାଳନାରେ ସାହାଯ୍ୟ କରିଥିଲେ ।




# ସରକାରୀ ରାସ୍ତାକୁ ଜବରଦଖଲ: ଜିଲ୍ଲାପାଳଙ୍କ ଦ୍ୱାରସ୍ଥ ହେଲେ ଗ୍ରାମବାସୀ



ବାଲେଶ୍ୱର (ନି.ପ୍ର.) ସଦର ବ୍ଲକ ଅଧିନସ୍ଥ ଗୁଡ଼ ଗ୍ରାମପଂଚାୟତର ବିଦେୟୀ ଗ୍ରାମବାସୀମାନେ ଜିଲ୍ଲାପାଳଙ୍କ ଦ୍ୱାରସ୍ଥ ହୋଇ ୨ଜଣ ମୁଷ୍ଟିମେୟ ବ୍ୟକ୍ତି ଯେଉଁମାନେ କି ଘର ସମ୍ମୁଖରେ ଥିବା ସରକାରୀ ରାସ୍ତାରେ ଖାତା ନମ୍ବର ୧୨୫ ଏବଂ ପ୍ଲଟ ନମ୍ବର ୨୯୩ରେ ବାଡ଼ ବସେଇ ଜବରଦଖଲ କରିଛନ୍ତି । ଯାହାଦ୍ୱାରା ଉକ୍ତ ରାସ୍ତାଟି ଖୁବ୍ ସଂକୀର୍ଣ୍ଣ ହୋଇଯାଇଛି । ଜନସାଧାରଣ ସର୍ବସାଧାରଣ ଏହି ରାସ୍ତା ଉପରେ ଗମନାଗମନରେ ବାଧକ ସୃଷ୍ଟି ହେବା ଏବଂ ଦୁଇ ମୁଷ୍ଟିମେୟ ବ୍ୟକ୍ତିଙ୍କୁ ଚାନ୍ଦିପୁର ଥାନାରେ ଅଭିଯୋଗମୂଳେ ବିଚାର ବିମର୍ଷ କରାଯାଇଥିଲେ ମଧ୍ୟ ପରବର୍ତୀ ସମୟରେ ସେମାନେ ଅଧିକରୁ ଅଧିକ ବାଡ଼ ବସାଇ ଅସନ୍ତୋଷ ସୃଷ୍ଟି କରାଇବା ଫଳରେ ଗ୍ରାମବାସୀମାନେ ଯାତାୟତ କରିବା ପାଇଁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି ବୋଲି ଜିଲ୍ଲାପାଳଙ୍କ ଠାରେ ଅଭିଯୋଗ ହୋଇଛି ।

# ବନ୍ୟା ପ୍ରପୀଡ଼ିତ ଅଂଚଳରେ ନାବାର୍ଡ ଅବସରପ୍ରାପ୍ତ କଲ୍ୟାଣ ସଂଘ ଏବଂ ଯୁବବିକାଶ ପକ୍ଷରୁ ରିଲିଫ୍ ସାମଗ୍ରୀ ବଂଟନ



ବାଲେଶ୍ୱର(ନି.ପ୍ର.) : ଚଳିତ ବର୍ଷ ଲଗାଣ ବର୍ଷା ଯୋଗୁଁ ଜଳମଗ୍ନ ହୋଇଥିବା ଉଦଳା ବ୍ଲକ୍ ଅନ୍ତର୍ଗତ ବଡସିଙ୍ଗାରିଆ ଅଂଚଳର ବନ୍ୟା ପ୍ରପୀଡ଼ିତ ପରିବାରଙ୍କୁ ସହାୟତାର ହାତ ବଢ଼ାଇଛନ୍ତି ନାବାର୍ଡ କର୍ମଚାରୀ କଲ୍ୟାଣ ସଂଘ ଏବଂ ଯୁବବିକାଶ ଫାଉଣ୍ଡେସନ୍ । ଓଡ଼ିଶାର 'କ୍ଲଥ୍ ମ୍ୟାନ୍' ଭାବେ ପରିଚିତ ଗଗନ ପାଇଟାଳ, ପୂର୍ବତନ ନାବାର୍ଡ ଅଧିକାରୀ ଆଦିତ୍ୟ ରଥ ଏବଂ ସ୍ୱେଚ୍ଛାସେବୀ ଶଶିକାନ୍ତ ସ୍ୱାଇଁ ସଂଘ ତରଫରୁ ପ୍ରଭାବିତ ଅଂଚଳରେ ପହଂଚି ଶୁଖିଲା ଖାଦ୍ୟ, ରାସନ ସାମଗ୍ରୀ, ଟର୍ଚ୍ଚ, ପୋଷାକ, ବିସ୍କୁଟ୍, ଜରିପାଲ, ଜଳ ବିଶୋଧନ ପାଇଁ ହାଲୋଜେନ ଟାବଲେଟ୍ ଆଦି ବିତରଣ କରିଥିଲେ । ନାବାର୍ଡ କର୍ମଚାରୀ କଲ୍ୟାଣ ସଂଘ ତରଫରୁ ଆୟୋଜିତ ଏହି ରିଲିଫ୍ ବ[ନ କାର୍ଯ୍ୟରେ ସମସ୍ତ କର୍ମଚାରୀଙ୍କ ଅନୁଦାନରେ ଆବଶ୍ୟକୀୟ ସାମଗ୍ରୀ ସଂଗ୍ରହ କରାଯାଇଥିଲା । ବିତରଣ ଦଳ ବଡସିଙ୍ଗାରିଆ ଅଂଚଳର ସୁଖୁଆ ସାହି, କଲୋନି ସାହି, ମାରଙ୍ଗପାଲ, ଗଡ଼ିସାହି ଏବଂ ମଝିସାହି ସମୁଦାୟ ଗ୍ରାମ ପରିଦର୍ଶନ କରି ପ୍ରତ୍ୟେକ ପରିବାରକୁ ଆବଶ୍ୟକ ସାମଗ୍ରୀ ପ୍ରଦାନ କରିଥିଲେ । ପାଣି ଘେରରେ ରହିଥିବା ଲୋକଙ୍କ ପାଇଁ ଏହି ସାମଗ୍ରୀ ବେଶ ଉପଯୋଗୀ ହୋଇଥିବା ସ୍ଥାନୀୟ ବାସିନ୍ଦାମାନେ ପ୍ରକାଶ କରିଛନ୍ତି ।ଏହି ଅବସରରେ ଗଗନ ପାଇଟାଳ କହିଲେ ଯେ ପ୍ରାକୃତିକ ବିପର୍ଯ୍ୟୟ ସମୟରେ ମାନବସେବା ହିଁ ପ୍ରକୃତ ଧର୍ମ । ନାବାର୍ଡ କର୍ମଚାରୀମାନେ ଏକାଠି ହୋଇ ସଂଗ୍ରହ କରିଥିବା ସାମଗ୍ରୀ ବନ୍ୟା ପ୍ରପୀଡ଼ିତଙ୍କ ପାଖରେ ପହଂଚାଇବା ଆମର ଲକ୍ଷ୍ୟ । ଏହି କାର୍ଯ୍ୟକ୍ରମରେ 'ଯୁବ ବିକାଶ'ର ଗୋବିନ୍ଦ ଦଳାଇ, ଅସିତ ଦଳାଇ, ଭାଗ୍ୟଲକ୍ଷ୍ମୀ ରାଉତ, ସୁବାଷ ଖୁଣ୍ଟିଆ, ବିନତି ପରିଡା, ଜିତେନ୍ଦ୍ର ମହାନ୍ତ, ଚୁମୁକି ମାଝୀ, ସଂଯୁକ୍ତା ବେହେରା, ରାଖାଲ ମାଇତି ପ୍ରଭୃତି ସହଯୋଗ କରିଥିଲେ ।





# ବନ୍ୟା ପ୍ରଭାବିତ ଅଂଚଳ ବୁଲି ପାନୀୟ ଜଳ ଓ ସ୍ୱାସ୍ଥ୍ୟ ସେବାର ସ୍ଥିତି ପରଖିଲେ ସ୍ୱାସ୍ଥ୍ୟମନ୍ତ୍ରୀ



ଧାମନଗର(ନିପ୍ର): ବନ୍ୟା ପରବର୍ତ୍ତୀ ସ୍ୱାସ୍ଥ୍ୟ ସେବାର ସ୍ଥିତି ପରଖିବା ପାଇଁ ଗୁରୁବାର ରାଜ୍ୟର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ମୁକେଶ ମହାଲିଙ୍ଗ ଧାମନଗର ବ୍ଲକର ବିଭିନ୍ନ ବନ୍ୟା ପ୍ରଭାବିତ ଅଂଚଳ ଗସ୍ତ କରିଥିଲେ । ପ୍ରଥମେ ଏନ ଏ ସିର ୧୦ ନମ୍ବର ୱାର୍ଡ ସମେତ ବନ୍ୟା ପ୍ରଭାବିତ ଅଂଚଳ ବୁଲି ପରିସ୍ଥିତିର ସମୀକ୍ଷା କରିଥିଲେ । ଗସ୍ତ ସମୟରେ ମନ୍ତ୍ରୀ ବନ୍ୟା ପାଣି ଛାଡ଼ିବା ପରେ ଲୋକଙ୍କ ସ୍ୱାସ୍ଥ୍ୟ ସୁରକ୍ଷା, ପାନୀୟ ଜଳର ଗୁଣବତା ଓ ସଂକ୍ରାମକ ରୋଗ ନିୟନ୍ତ୍ରଣ ବ୍ୟବସ୍ଥାର ସମୀକ୍ଷା କରିଥିଲେ । ବିଭିନ୍ନ ଗ୍ରାମର ଟ୍ୟୁବୱେଲରୁ ପାଣିର ନମୁନା ସଂଗ୍ରହ ଏବଂ ଜଳ ପରୀକ୍ଷା କାର୍ଯ୍ୟକ୍ରମର ତଦାରଖ କରିଥିଲେ । ଡାଇରିଆ, ଜଣ୍ଡିସ୍ ସମେତ ଜଳବାହିତ ରୋଗକୁ ରୋକିବା ପାଇଁ ପ୍ରଭାବିତ ଅଂଚଳରେ ନିୟମିତ ସ୍ୱାସ୍ଥ୍ୟ ଶିବିର, ବିଶୁଦ୍ଧ ପାନୀୟ ଜଳ ଯୋଗାଣ ଏବଂ ପର୍ଯ୍ୟାପ୍ତ ଔଷଧ ମହଜୁଦ ରଖିବାକୁ ସ୍ୱାସ୍ଥ୍ୟ ବିଭାଗକୁ ନିର୍ଦ୍ଦେଶ ଦେଇଥିଲେ । ପରେ ସେ ଧାମନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପହଂଚି ବନ୍ୟା ପରବର୍ତ୍ତୀ ସ୍ୱାସ୍ଥ୍ୟ ପରିସ୍ଥିତି ନେଇ ସମୀକ୍ଷା ବୈଠକ କରିଥିଲେ । ବୈଠକରେ ଧାମନଗର ମେଡିକାଲରେ ଡାକ୍ତର ଅଭାବ ଦୂର କରିବା, ନୂତନ ଭବନ ନିର୍ମାଣ, ଔଷଧର ଉପଲବ୍ଧତା ଏବଂ ବନ୍ୟା ପରବର୍ତ୍ତୀ ସ୍ୱାସ୍ଥ୍ୟ ସେବାକୁ ଅଧିକ ସୁଦୃଢ଼ କରିବା ଉପରେ ଆଲୋଚନା କରିଥିଲେ । ବନ୍ୟା ସମୟରେ କୌଣସି ଜନହାନି ଘଟିନଥିଲା । ବନ୍ୟା ପରିଚାଳନା ଓ ଅପହଂଚ ଅଂଚଳରେ ସେବା ପହଂଚାଇବାରେ ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜଙ୍କ ଉଦ୍ୟମକୁ ସେ ମନ୍ତ୍ରୀ ଶ୍ରୀ ମହାଲିଙ୍ଗ ପ୍ରଶଂସା କରିଥିଲେ । ସେହିପରି ବନ୍ୟା ସମୟରେ ଆଶାକର୍ମୀ ଓ ମେଡିକାଲ ଟିମ୍‌ର କାର୍ଯ୍ୟକୁ ଭୂୟସୀ ପ୍ରଶଂସା କରିବା ସହ ୧୭ ଜଣ ଗର୍ଭବତୀ ମହିଳାଙ୍କୁ ସୁରକ୍ଷିତ ଉଦ୍ଧାର କରି ଚିକିତ୍ସା ସେବା ଯୋଗାଇ ଦିଆଯାଇଥିବା କଥା ଉଲ୍ଲେଖ କରିଥିଲେ । ବନ୍ୟା ପରେ ଦୂଷିତ ପାଣି ଯୋଗୁଁ ଝାଡ଼ାବାନ୍ତି ଓ ଅନ୍ୟାନ୍ୟ ଜଳବାହିତ ରୋଗ ନ ବ୍ୟାପିବା ପାଇଁ ସମସ୍ତ ନଳକୂପରେ ବିଶୋଧନକାରୀ ଔଷଧ ପ୍ରୟୋଗ କରିବାକୁ ସେ ସ୍ୱାସ୍ଥ୍ୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଏଥିରେ ସ୍ୱାସ୍ଥ୍ୟ ବିଭାଗ ଡାଇରେକ୍ଟର ଡା. ନୀଳକଣ୍ଠ ମିଶ୍ର, ଭଦ୍ରକ ଜିଲ୍ଲାପାଳ ସୁମେଶ ଉପାଧ୍ୟାୟ, ଜିଲ୍ଲା ସ୍ୱାସ୍ଥ୍ୟଅଧିକାରୀ ଡ଼ା ପ୍ରମୋଦ କୁମାର ପ୍ରହରାଜ, ଉପଜିଲ୍ଲାପାଳ ସରୋଜ ଦତ, ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରି ମନମୟ ସାମନ୍ତ ସିଂହାର, ତହସିଲଦାର ଜ୍ଞାନରଞ୍ଜନ ସାହୁ, ବିଡ଼ିଓ ବନବିହାରୀ ଦିଣ୍ଡା, ଉଚ୍ଚ ଶିକ୍ଷାମନ୍ତ୍ରୀଙ୍କ ପ୍ରତିନିଧି ଆଶୋକ ପୁହାଣ, ସାଂସଦଙ୍କ ପ୍ରତିନିଧି ମନୋଜ ମଲିକ । ନଗର ପ୍ରତିନିଧି କୈଳାଶ ମହାପାତ୍ର, ସାଂସଦଙ୍କ ପ୍ରତିନିଧି ସରୋଜ ମହାପାତ୍ର, ପ୍ରମୁଖ ଉପସ୍ଥିତ ଥିଲେ ।

# ଝାଡ଼ଖଣ୍ଡ ଡକାୟତି ମାମଲାରେ ଧାମନଗରରୁ ଜଣେ ଗିରଫ

ଧାମନଗର(ନିପ୍ର): ଝାଡ଼ଖଣ୍ଡର ଏକ ବହୁଚର୍ଚ୍ଚିତ ସଶସ୍ତ୍ର ଡକାୟତି ମାମଲାରେ ସମ୍ପୃକ୍ତ ଥିବା ଅଭିଯୋଗରେ ଝାଡ଼ଖଣ୍ଡ ପୁଲିସ ଗୁରୁବାର ଭଦ୍ରକ ଜିଲ୍ଲା ଧାମନଗର ଥାନା ଅନ୍ତର୍ଗତ ମୁସ୍ତଫାପୁର ପଂଚାୟତର ଗୌଡ଼ବିଶ ନୂଆପଡ଼ା (ମୁଣ୍ଡାସାହି) ଗ୍ରାମର ଜଗନ୍ନାଥ କବାଡ଼ିଙ୍କ ପୁଅ ଅକ୍ଷୟ କବାଡ଼ି (୩୦)ଙ୍କୁ ଗିରଫ କରିଛି । ଧାମନଗର ପୁଲିସର ସହଯୋଗରେ ଅଭିଯୁକ୍ତଙ୍କ ଘରେ ଚଢ଼ାଉ କରାଯାଇ ତାଙ୍କୁ ଗିରଫ କରାଯିବା ପରେ ଅଧିକ ତଦନ୍ତ ପାଇଁ ଝାଡ଼ଖଣ୍ଡକୁ ନିଆଯାଇଥିବା ଜଣାପଡ଼ିଛି । ସୂଚନା ଅନୁଯାୟୀ, ଗତ ଜୁଲାଇ ୮ ତାରିଖରେ ଝାଡ଼ଖଣ୍ଡର ପାଲକୋଟ ଥାନା ଅଂଚଳରେ ଘଟିଥିବା ଏକ ସଶସ୍ତ୍ର ଡକାୟତିରେ ଦୁର୍ବୃତମାନେ ବନ୍ଧୁକ ଓ ଭୁଜାଲି ଦେଖାଇ ଏକ ପରିବାରକୁ ବନ୍ଧକ ରଖି ପ୍ରାୟ ୨୫୦ ଗ୍ରାମ ସୁନା ଓ ୧୦ କିଲୋରୁ ଅଧିକ ରୂପା ଲୁଟି ନେଇଥିଲେ । ଏହି ଘଟଣାକୁ ନେଇ ସେଠାକାର ଥାନାରେ ମାମଲା ରୁଜୁ ହେବା ପରେ ପୁଲିସ ବିଭିନ୍ନ ସ୍ଥାନର ସିସିଟିଭି ଫୁଟେଜ ଯାଂଚ କରିଥିଲା । ପ୍ରାଥମିକ ତଦନ୍ତରୁ ଘଟଣାରେ ୫ରୁ ଅଧିକ ଦୁର୍ବୃତ ସମ୍ପୃକ୍ତ ଥିବା ଜଣାପଡ଼ିଥିଲା । ତଦନ୍ତ ସମୟରେ ଝାଡ଼ଖଣ୍ଡର ଏକ ବଜାରର ସିସିଟିଭି ଫୁଟେଜରେ ଜଣେ ସନ୍ଦିଗ୍ଧଙ୍କ ଚିତ୍ର କଏଦ ହୋଇଥିଲା । ପରେ ଘଟଣାସ୍ଥଳର ସିସିଟିଭି ଫୁଟେଜ ସହ ଏହାର ମେଳ କରାଯିବା ସହ ବାୟୋମେଟ୍ରିକ ଯାଂଚ ଆଧାରରେ ସନ୍ଦିଗ୍ଧଙ୍କ ଠିକଣା ଧାମନଗର ବୋଲି ପୁଲିସ ଜାଣିବାକୁ ପାଇଥିଲା । ଏହାପରେ ବୁଧବାର ରାତିରେ ଝାଡ଼ଖଣ୍ଡ ପୁଲିସ ଧାମନଗରରେ ପହଂଚି ସ୍ଥାନୀୟ ପୁଲିସର ସହଯୋଗରେ ଗୁରୁବାର ସକାଳେ ଚଢ଼ାଉ କରି ଅଭିଯୁକ୍ତଙ୍କୁ ଗିରଫ କରିଥିଲା । ଏହି ଗିରଫ ପରେ ଅଂଚଳରେ ଚର୍ଚ୍ଚା ଜୋର ଧରିଥିବା ବେଳେ ଘଟଣାରେ ସମ୍ପୃକ୍ତ ଅନ୍ୟ ଅଭିଯୁକ୍ତମାନଙ୍କୁ ଧରିବା ପାଇଁ ଝାଡ଼ଖଣ୍ଡ ପୁଲିସର ତଦନ୍ତ ଜାରି ରହିଛି ।

# ଭାରୀ ମାଲବାହୀ ଯାନ ଯାତାୟାତ ଉପରେ କଟକଣା

ନୟାଗଡ଼(ନିପ୍ର): ବିଭିନ୍ନ ସାମଗ୍ରୀ ପରିବହନ ପାଇଁ ବ୍ୟବହୃତ ଭାରୀ ମାଲବାହୀ ଯାନଗୁଡ଼ିକ ଦିନ ବେଳେ ଯାତାୟତ କରୁଛନ୍ତି ଯାହା ନୟାଗଡ଼ ଜିଲ୍ଲାର ପଥଚାରୀ ଏବଂ ଯାତ୍ରୀମାନଙ୍କ ପାଇଁ ବିପଦ ସୃଷ୍ଟି କରୁଛି । ବିଶେଷ କରି ବାଲି, ମୋରମ ଏବଂ ପଥରଖଣ୍ଡ/ ଧାତୁ ବହନ କରୁଥିବା ଟିପର ଭଳି ଯାନଗୁଡ଼ିକ ସାମଗ୍ରୀ ଉପରେ ତାରପୋଲିନ ଘୋଡ଼ାଇ ନ ଥିବାରୁ ଏବଂ ଗାଡ଼ିର ବିଭିନ୍ନ ଫାଙ୍କ ଯୋଗୁଁ ଓଭରଫ୍ଲୋ ହେଉଛି କିମ୍ବା ସେମାନଙ୍କ ଗାଡ଼ିରୁ ସାମଗ୍ରୀ ଲିକ୍ ହେଉଛି ଏବଂ ଏହା ଦ୍ୱାରା ଏପରି ସାମଗ୍ରୀ ଚଲାରାସ୍ତା ଉପରେ ଏକ ସ୍ତର ତିଆରି କରୁଛି ଯାହା ୧୫ରୁ ୪୫ବର୍ଷ ବୟସର ଉତ୍ପାଦନକ୍ଷମ ବୟସ ଗୋଷ୍ଠୀରେ ଦୁର୍ଘଟଣା ଏବଂ ପରବର୍ତ୍ତୀ ମୃତ୍ୟୁର ପ୍ରମୁଖ କାରଣ । ସେମାନଙ୍କ ମଧ୍ୟରୁ ଅଧିକାଂଶ ଯୁବକ ଏବଂ ସେମାନଙ୍କ ପରିବାରର ରୋଜଗାରକ୍ଷମ । ତେଣୁ ଉପରୋକ୍ତ ବିଷୟକୁ ଦୃଷ୍ଟିରେ ରଖି, ସଚିବଙ୍କ ଦ୍ୱାରା ପ୍ରଦାନ କରାଯାଇଥିବା କ୍ଷମତା ବ୍ୟବହାର କରି ମୋଟର ଯାନଆଇନ ୧୯୮୮ (୧୯୮୮ର ୫୯)ର ୧୧୫ ସହିତ ଓଡ଼ିଶା ମୋଟରଯାନ ନିୟମ ୧୯୯୩ର ନିୟମ ୧୭୩ସହିତ ପଠିତ, ଶ୍ରୀମତୀ ମଧୁମିତା ରଥ, ଭା.ପ୍ର.ସେ., ଜିଲ୍ଲାପାଳ ଏବଂ ଜିଲ୍ଲା ମାଜିଷ୍ଟ୍ରେଟ୍, ନୟାଗଡ଼ ଜିଲ୍ଲାର ସମସ୍ତ ରାସ୍ତା ବ୍ୟବହାରକାରୀ ଜନସାଧାରଣଙ୍କ ସୁରକ୍ଷା ଏବଂ ସୁବିଧା ପାଇଁ ଦିନ ସମୟରେ ଅର୍ଥାତ୍ ସକାଳ ୭ଘଟିକା ରୁ ରାତ୍ର ୯ଘଟିକା ପର୍ଯ୍ୟନ୍ତ ସମସ୍ତ ଭାରୀ ମାଲବାହୀ ଯାନ ଚଳାଚଳକୁ ସୀମିତ କରିବା ଆବଶ୍ୟକ ଏବଂ ଅପରାହ୍ନ ୧ଘଟିକାରୁ ଅପରାହ୍ନ ୩ ଘଟିକା ପର୍ଯ୍ୟନ୍ତ ଛାଡ଼ କରାଯିବା ଆବଶ୍ୟକ । ଏହି ବିଜ୍ଞପ୍ତି ତୁରନ୍ତ ତା.୦୪.୦୮.୨୦୨୬ରିଖରୁ ତା.୩୧.୦୮.୨୦୨୬ରିଖ ପର୍ଯ୍ୟନ୍ତ କାର୍ଯ୍ୟକାରୀ ହେବ ।

# ଲୋକସଭାରେ ତାଳଚେର ଥର୍ମାଲ ନୂତନ ପ୍ଲାଂଟ ସମ୍ପର୍କରେ ସାଂସଦ ରୁଦ୍ର ନାରାୟଣ ପାଣିଙ୍କ ପ୍ରଶ୍ନ

ତାଳଚେର/ଅନୁଗୋଳ(ନିପ୍ର): ଲୋକ ସଭା ରେ ଢେଙ୍କାନାଳ ସାଂସଦ ରୁଦ୍ର ନାରାୟଣ ପାଣି ପ୍ରଶ୍ନ ସଂଖ୍ୟା - ୩୧୭୨ ରେ ତାଳଚେର ଏନଟିପିସି ଥର୍ମାଲ ସମ୍ପର୍କ ରେ ବିଶେଷ ଭାବେ ଉଥାପନ କରିଛନ୍ତି । କେନ୍ଦ୍ର ସରକାର ଙ୍କର ବିଦ୍ୟୁତ ମନ୍ତ୍ରୀ ଙ୍କୁ ପ୍ରଶ୍ନ କରିଛନ୍ତି । କଣ ସରକାର ଓଡ଼ିଶାର ତାଳଚେରଠାରେ ସ୍ଥାପନ କରାଯାଉଥିବା ଜାତୀୟ ତାପଜ ବିଦ୍ୟୁତ ନିଗମ (ଏନଟିପିସି) ର ବିଦ୍ୟୁତ ଉତ୍ପାଦନ କେନ୍ଦ୍ରର ନିର୍ମାଣ କାର୍ଯ୍ୟକୁ ଅଧିକ ତ୍ୱରାନ୍ୱିତ କରିବା ପାଇଁ ବିଚାର କରୁଛନ୍ତି, ଯଦି ହଁ, ତେବେ ସେ ସମ୍ବନ୍ଧୀୟ ବିବରଣୀ କଣ । ଏହି ପ୍ରକଳ୍ପରେ ବିଳମ୍ବ ହେବାର କାରଣ କଣ ଏବଂ କେଉଁ କେଉଁ କ୍ଷେତ୍ର/କ୍ଷେତ୍ରଗୁଡ଼ିକରେ ଏହି ବିଳମ୍ବ ହେଉଛି, ଏବଂ କଣ ସରକାର/ଏନଟିପିସି ଏନଟିପିସି ର ନୂତନ କେନ୍ଦ୍ରରେ ନୂଆ ପ୍ରକଳ୍ପ ପାଇଁ ରୋଜଗାର/ନିଯୁକ୍ତିରେ ପୂର୍ବବର୍ତ୍ତୀ ତାଳଚେର ତାପଜ ବିଦ୍ୟୁତ କେନ୍ଦ୍ରର ପୂର୍ବତନ କର୍ମଚାରୀ, ସେମାନଙ୍କ ପରିବାର ସଦସ୍ୟ ଏବଂ ସ୍ଥାନୀୟ ବାସିନ୍ଦାଙ୍କୁ ପ୍ରାଥମିକତା ଦେବାକୁ ବିଚାର କରୁଛନ୍ତି ଏବଂ ଯଦି ହଁ, ତେବେ ସେ ସମ୍ବନ୍ଧୀୟ ବିବରଣୀ କଣ ? ବୋଲି ସାଂସଦ ଶ୍ରୀ ପାଣି ପ୍ରଶ୍ନ କରିଛନ୍ତି । ସାଂସଦ ଙ୍କ ପ୍ରଶ୍ନ ର ଉତର ଦେଇ ଭାରତ ସରକାର ଙ୍କର ବିଦ୍ୟୁତ ରାଜ୍ୟ ମନ୍ତ୍ରୀ ଶ୍ରୀପାଦ ନାୟକ ପ୍ରକାଶ କରିଛନ୍ତି ଯେ ତାଳଚେର ତାପଜ ବିଦ୍ୟୁତ ପ୍ରକଳ୍ପ ଓଡ଼ିଶା ରାଜ୍ୟର ଅନୁଗୋଳ ଜିଲ୍ଲାରେ କାର୍ଯ୍ୟକାରୀ କରାଯାଉଛି । ପ୍ରକଳ୍ପର ବର୍ତ୍ତମାନର ଭୌତିକ ଅଗ୍ରଗତି ୫୧.୪% ଅଟେ । ଜିଲ୍ଲା ପ୍ରଶାସନ, ରାଜ୍ୟ କର୍ତ୍ତୃପକ୍ଷ ଏବଂ ଅନ୍ୟାନ୍ୟ ପିଏସୟୁ (ଚଝଟ)/ ସରକାରୀ ସଂଗଠନ ସହିତ ସମସ୍ତ ଅଂଶୀଦାରଙ୍କ ସହଯୋଗ ଏବଂ ନିବିଡ଼ ସମନ୍ୱୟ ଦ୍ୱାରା ପ୍ରକଳ୍ପର କାର୍ଯ୍ୟକୁ ତ୍ୱରାନ୍ୱିତ କରାଯାଉଛି । ଏହି ପ୍ରକଳ୍ପକୁ ଆର୍ଥିକ ବର୍ଷ ୨୦୨୮-୨୯ ର ପ୍ରଥମ ତ୍ରୈମାସିକ ସୁଦ୍ଧା ସମ୍ପୂର୍ଣ୍ଣ କରିବାକୁ ଲକ୍ଷ୍ୟ ରଖାଯାଇଛି । ତାଳଚେର ତାପଜ ବିଦ୍ୟୁତ ପ୍ରକଳ୍ପରେ ବିଳମ୍ବ ହେବାର କାରଣ ହେଉଛି ପ୍ରକଳ୍ପ ସ୍ଥଳ ଦେଇ ଯାଇଥିବା ରାସ୍ତା ବନ୍ଦ କରିବାରେ ବିଳମ୍ବ, ରାଜ୍ୟ ସରକାରଙ୍କ ଦ୍ୱାରା ଜମିର ଭୌତିକ କବ୍ଜା/ବ୍ୟବହାର ଅଧିକାର (ଆରଓୟୁ)/ ମାର୍ଗାଧିକାର(ଆରଓଡବ୍ଲ୍ୟୁ) ହସ୍ତାନ୍ତର କରିବା, ରେଳବାଇ ସାଇଡିଂ ଅଂଚଳରେ ଜବରଦଖଲ ହଟାଇବା ଏବଂ ପ୍ରକଳ୍ପ ସ୍ଥଳରେ ଜରୁରୀ ପ୍ରକଳ୍ପ ସାମଗ୍ରୀର ଅନଲୋଡିଂ, : ତାଳଚେର ତାପଜ ବିଦ୍ୟୁତ କେନ୍ଦ୍ର (ଟିଟିପିଏସ) କୁ ଏନଟିପିସି ଦ୍ୱାରା ଦିନାଙ୍କ ୦୩.୦୬.୧୯୯୫ ରୁ ପୂର୍ବତନ ଓଡ଼ିଶା ରାଜ୍ୟ ବିଦ୍ୟୁତ ବୋର୍ଡ (ଓଏସଇବି) ଠାରୁ ନିଆଯାଇଥିଲା । ଓଏସଇବି ର ପୂର୍ବତନ କର୍ମଚାରୀମାନଙ୍କୁ ଏନଟିପିସି ର ସେବାରେ ସାମିଲ କରାଯାଇଥିଲା । ଚୁକ୍ତିଭିତିକ ଏଜେନ୍ସିଗୁଡ଼ିକ ଦ୍ୱାରା ବିଭିନ୍ନ ଚାକିରିରେ ନିଯୁକ୍ତି ପାଇଁ ସ୍ଥାନୀୟ ଶ୍ରମିକମାନଙ୍କୁ ସେମାନଙ୍କର ଦକ୍ଷତା, ଅଭିଜ୍ଞତା ଏବଂ ପ୍ରକଳ୍ପର ଆବଶ୍ୟକତା ଅନୁଯାୟୀ ଉଚିତ ପ୍ରାଥମିକତା ଦିଆଯାଉଛି । ବୋଲି ମନ୍ତ୍ରୀ କହିଛନ୍ତି ।




# କ୍ଷୁଦ୍ରଜଳସେଚନ ବିଭାଗର ଭୁଲ ନିଷ୍ପତି ପାଇଁ ଶହ ଶହ ଏକର ଚାଷ ଜମି ଜଳମଗ୍ନ

ଜଳେଶ୍ୱର(ନିପ୍ର): କ୍ଷୁଦ୍ର ଜଳ ସେଚନ ବିଭଗା ବାଲେଶ୍ୱର ପକ୍ଷରୁ ବିଗତ ଆଜକୁ ୧୮ ବର୍ଷ ପୂର୍ବେ ଜଳେଶ୍ୱର ବ୍ଲକ ଖୁଆଡ଼ ଗ୍ରାମ ପଂଚାୟତର ଖୁଆଡ଼ ଓ ଉପରକୁଣ୍ଡି ଗ୍ରାମକୁ ସଂଯୋଗ କରୁଥିବା ନାଉରୀୟା ଖାଳ ଉପରେ ଏକ ଡ୍ୟାମ ୨୦୦୮ ମସିହାରେ ନିର୍ମାଣ କରାଯାଇଥିଲା ଓ ଏହାର ମୂଳ ଲକ୍ଷ୍ୟ ଥିଲା ପୋଡ଼ଶୀ ପଶ୍ଚିମବଙ୍ଗ ଦୋଳଗାଁ ଠାରୁ ବେଗୁନିଆ ଓ ଚନ୍ଦ୍ରପୁର, କାନପୁର ଠାରୁ ବାହାରିଥିବା ନାଉରୀୟା ଖାଳରେ ପ୍ରବାହିତ ପାଣିକୁ ଗଚ୍ଛିତ ରଖି ରବି ଋତୁରେ ଓ ଖରିବ ଋତୁରେ ତଳ ମୁଣ୍ଡରେ ଥିବା ଅଣଜଳସେଚିତ ଚାଷ ଜମିକୁ ଜଳ ସେଚନ କରାଯିବ । ଏହା ଦ୍ୱାରା ଡ୍ୟାମ ତଳ ମୁଣ୍ଡରେ ଥିବା ଚାଷୀ ମାନଙ୍କର ଜମି କ୍ଷତିଗ୍ରସ୍ତ ଆଶଙ୍କା କରି ଜମିରେ ଡ୍ରେନ ନିର୍ମାଣ କରିବା ପାଇଁ ଅନୁମତି ଦେଇନଥିବା ସ୍ୱତ୍ୱେ କ୍ଷୁଦ୍ର ଜଳ ସେଚନ ବିଭାଗ ନାଉରୀୟା ଖାଳ ଉପରେ ବନ୍ଧ ନିର୍ମାଣ କରିବା ଓ ଉପର ମୁଣ୍ଡରୁ ଆସୁଥିବା ଅତ୍ୟଧିକ ଜଳ ନିଷ୍କାସନ ଦ୍ୱାର ସଙ୍କୁଚିତ ଥିବା ହେତୁ ଲଗାଣ ବର୍ଷା ଯୋଗୁଁ ଶହ ଶହ ଏକର ଚାଷ ଜମି ପାଣିରେ ବୁଡ଼ି ବନ୍ୟା ପରିସ୍ଥିତି ସୃଷ୍ଟି ହେଉଛି । ଏହି ବନ୍ୟା ଯୋଗୁଁ ଚାଷୀ ମୋନାଜ ଜେନା, ରାଜେଶ ଗାନ୍ଧୀ, ସତ୍ୟରଞ୍ଜନ ଗାନ୍ଧୀ, ସତୀଶ ଗାନ୍ଧୀ, କ୍ଷିତିଶ ଗାନ୍ଧୀ, ଅଶୋକ ଗାନ୍ଧୀ, ଅଶୋକ ପ୍ରଧାନ, ଗୋପାଳ ଦାସ, ରାଖାଲ ଚନ୍ଦ୍ର ଦାସ, ପଂଚାନନ ଦାସ, ମୁନିନ୍ଦ୍ର ଗାନ୍ଧୀ, ରଞ୍ଜନ ଜେନା, ସଂଜୀବ ଜେନା, ପୁରୁଷୋତମ ଗାନ୍ଧୀ, ନିର୍ମଳ ଚନ୍ଦ୍ର ଘୋଷା, ସଞ୍ଜବ ଚାନ୍ଦ, ଶୁଭେନ୍ଦୁ ଚାନ୍ଦ, ସଦାନନ୍ଦ ପାତ୍ର, ରାଜକିଶୋରୀ ଘୋଷା, ସପନ ପାତ୍ର, ଦେବାଶିଷ ପ୍ରଧାନ, ରଶ୍ମି ପାତ୍ର, ଜନ୍ଦ୍ରୁ ମାରାଣ୍ଡି, ମହେନ୍ଦ୍ର ମାରାଣ୍ଡି, ଭରତ ମାରାଣ୍ଡି ପ୍ରମୁଖ ଶତାଧିକଚାଷୀ ଅସମ୍ପୂର୍ଣ୍ଣ ପ୍ରୋଜେକ୍ଟ ନିର୍ମାଣ ଦ୍ୱାରା ବର୍ଷ ବର୍ଷ ଧରି ଚାଷୀ କ୍ଷତିଗ୍ରସ୍ତ ହେବାକୁ ପଡୁଛି ଓ ଅନେକ ଚାଷ ଜମି ସମ୍ପୂର୍ଣ୍ଣ ଭାବେ ପାଣିର ସୁଓରେ ବଡ ବଡ ଘାଇ ସୃଷ୍ଟି ହେବାକୁ ବସିଲାଣି ଏ ନେଇ କ୍ଷତିଗ୍ରସ୍ତଚାଷୀ ମାନେ ସ୍ଥାନୀୟ ବିଧାୟକଙ୍କୁ ସମସ୍ୟା ସମ୍ପର୍କରେ ଅବଗତ କରାଇବା ସହିତ ବିଭାଗୀୟ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି । ଏ ନେଇ ଆମେ କ୍ଷୁଦ୍ର ଜଳ ସେଚନ ବିଭାଗର କନିଷ୍ଠ ଯନ୍ତ୍ରୀ ଅଜୟ କୁମାର ମହାନ୍ତିଙ୍କୁ ପଚାରିବାରୁ ସେ କହିଛନ୍ତି କି ଏ ସମ୍ପର୍କରେ ମୋ ପାଖରେ ସୂଚନା ରହିଛି ଓ ଖୁବଶୀଘ୍ର ଏହାର ପ୍ରତିକାର ପାଇଁ ବିଭାଗୀୟ ଉପରସ୍ତ ଅଧିକାରୀ ଘଟଣା ସ୍ଥଳକୁ ଯାଇ ସମାଧାନ କରିବେ ବୋଲି କହିଛନ୍ତି ।


## ସାର୍ବଜନୀନ ବିଜ୍ଞପ୍ତି

ଦକ୍ଷିଣ ପୂର୍ବ ରେଳପଥର ନିମ୍ନୋକ୍ତ ସେକ୍ସନର ସମାପ୍ତ ସେକ୍ସନରେ ଅବସ୍ଥିତ ରେଳ ଲାଇନ ଏବଂ ପରିସରର ସମସ୍ତ ବ୍ୟବହାରକାରୀଙ୍କୁ ଏତଦ୍ଦ୍ୱାରା ସୂଚନା ଦିଆଯାଉଛି ଯେ ୨୫,୦୦୦ ଭୋଲ୍ଟ, ୫୦ ସାଇ୍କ. ଇଉ ଓଭରହେଡ୍ ଟ୍ରାକ୍ସନ୍ ତାରଗୁଡ଼ିକୁ ସେକ୍ସନ ବିରୁଦ୍ଧରେ ନିର୍ଦ୍ଦିଷ୍ଟ ତାରିଖ କିମ୍ବା ତା'ପରେ ଶକ୍ତିଶାଳୀ କରାଯିବ । ସେହି ତାରିଖରେ ଏବଂ ସେହି ତାରିଖରୁ ଓଭରହେଡ୍ ଟ୍ରାକ୍ସନ୍ ଲାଇନକୁ ସର୍ବଦା ଲାଇଭ୍ ଭାବରେ ବିବେଚନା କରାଯିବ ଏବଂ କୌଣସି ଅନଧିକୃତ ବ୍ୟକ୍ତି ଉକ୍ତ ଓଭରହେଡ୍ ଲାଇନର ନିକଟତର ହେବେ ନାହିଁ କିମ୍ବା କାର୍ଯ୍ୟ କରିବେ ନାହିଁ ।

**ଶକ୍ତିକରଣ ତାରିଖ: ୨୦.୦୮.୨୦୨୬**

(କିମି. / ଚେନେଜ୍)

| କ୍ର. ନଂ. | ବିଭାଗ | ଠାରୁ | | ପର୍ଯ୍ୟନ୍ତ | |
|---|---|---|---|---|---|
| | | ସ୍ଥାନ । ନମ୍ବର | ଚେନେଜ୍ | ସ୍ଥାନ । ନମ୍ବର | ଚେନେଜ୍ |
| ୧. | ୨X୨୫କେଭି ହଳଦୀପଦା ଏସ୍‌ଏସ୍‌ପି ଗ୍ୟାଂଟ୍ରି ସହିତ | କିମି ୨୧୯/୩୮.୫ (ହାଓଡ଼ାରୁ) | | କିମି ୨୧୯/୮୮.୫ (ହାଓଡ଼ାରୁ) | |
| ୨. | ଫିଡର ୟୁପି ଲାଇନ ସହିତ | ୨୧୯/ ୩ଏଫ୍୧ | କିମି ୨୧୯/ ୮୧.୫୦ (ହାଓଡ଼ାରୁ) | ୨୧୮/ ୨୩ଏଫ୍୧ | କିମି ୨୧୮/ ୭୨୭.୦୦ (ହାଓଡ଼ାରୁ) |
| ୩. | ଫିଡର ଡିଏନ୍ ଲାଇନ ସହିତ | ୨୧୯/ ୩ଏଫ୍୧ | କିମି ୨୧୯/ ୧୫.୦୦ (ହାଓଡ଼ାରୁ) | ୨୧୯/ ୨୬ଏଫ୍୧ | କିମି ୨୧୮/ ୭୨୩.୫୦ (ହାଓଡ଼ାରୁ) |

(PR-577) ଉପ. ମୁଖ୍ୟ ବୈଦ୍ୟୁତିକ ଯନ୍ତ୍ରୀ/ପ୍ରକଳ୍ପ/ଟାଟାନଗର

ଦକ୍ଷିଣପୂର୍ବ ରେଳପଥ
ସହର୍ଷେ ସମସ୍ତଙ୍କ ସେବାରେ



## AFFIDAVIT

By virtue of an affidavit sworn before Executive Magistrate, Baleshwar vide No.6020 dtd.06.08.2026, I, Pulkit Jain, S/O.-Vinay Bharat Jain, At.-Town Hall Road, Motiganj, P.S.-Town, Dist.-Baleshwar state that in all my documents i.e. Aadhaar Card, D.L. etc my father's name has been mentioned as "VINAY BHARAT JAIN, but in my all educational certificates my father's name has been mentioned as "VINAY JAIN" . That, I do hereby declare that "VINAY BHARAT JAIN" & "VINAY JAIN" are not two different person, but one and same person, who is my father.


## ବାତ୍ୟାରେ କ୍ଷତିଗ୍ରସ୍ତ କୃଷି ଭିତିକ ଚାଷ ଓ ଯୋଜନାର ଆଲୋଚନା

ସୋର(ସପ୍ର): କୃଷି ସୋର କୃଷି କାର୍ଯ୍ୟାଳୟରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି । ଏଥିରେ ବାତ୍ୟା ପରର ଦୁଃଖ ଦୁର୍ଦ୍ଦଶା ଓ କୃଷି କ୍ଷୟକ୍ଷତି ସଂପର୍କରେ ଆଲୋଚନା ହୋଇଥିଲା । କ୍ଷୟକ୍ଷତି ଆକଳନ ପାଇଁ ଆଲୋଚନା ହୋଇଥିଲା । ଆଲୋଚନା ବିଷୟରେ ଗୋପାଳନ, ଛତୁଚାଷ, କୁକୁଡ଼ା ଚାଷ, ଛେଳି ଚାଷ, ପନିପରିବା ଚାଷ ଇତ୍ୟାଦିରେ ନଷ୍ଟ ହୋଇଯାଇଥିଲା ବେଳେ ଚାଷ ଭିତିକ ବିଭିନ୍ନ ଯୋଜନାର ତାଲିମ ଦେବା ଓ କୃଷି ଯନ୍ତ୍ରପାତିର ବ୍ୟବହାର ଓ ସବ୍‌ସିଡି ବିଷୟରେ ଆଲୋଚନା କରିଥିଲେ । ଏଥିରେ ଅଧକ୍ଷ ଅଜୟ କୁମାର ମାଝୀ ମୁଖ୍ୟ ପରିଚାଳକ ଥିବା ବେଳେ ବିଏଓ ରତିକା ଟୁଟୁ, ଆଦ୍ୟା ସକ୍ତି ସାମଲ, ସୁବାସ ଦୀକ୍ଷତି, ରବି ନାରାୟଣ, ସଞ୍ଜୟ, ସୁବାସିନୀ କର, ଚିତରଞ୍ଜନ ସେଠୀଙ୍କ ସହିତ ଅନ୍ୟ କର୍ମଚାରୀ ମାନେ ଉପସ୍ଥିତ ରହିଥିଲେ ।

# ଭାରତୀୟ ଜନତା ପାର୍ଟି ଉଦନ୍ତୀ ମଣ୍ଡଳର ପଦାଧିକାରୀ ବୈଠକ



ନୂଆପଡ଼ା(ନିପ୍ର): ନୂଆପଡ଼ା ଜିଲ୍ଲା ଖଡ଼ିଆଳ ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ଭାରତୀୟ ଜନତା ପାର୍ଟି (ବିଜେପି) ଉଦନ୍ତୀ ମଣ୍ଡଳର ଏକ ଗୁରୁତ୍ୱପୂର୍ଣ୍ଣ ପଦାଧିକାରୀ ବୈଠକ ସଫଳତାର ସହ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ ମଣ୍ଡଳ ସଭାପତି ଶ୍ରୀ ପୁସ୍ତମ ମସ୍ରା ଅଧକ୍ଷତା କରିଥିଲେ । ଏଥିରେ ପୂର୍ବତନ ବିଧାୟକ ଶ୍ରୀ ହିତେଶ କୁମାର ବଗର୍ତ୍ତୀ, ଜିଲ୍ଲା ପ୍ରଭାରୀ ଶ୍ରୀ ଆର୍ତତ୍ରାଣ ମହାପାତ୍ର, ପୂର୍ବତନ ଜିଲ୍ଲା ସଭାପତି ଶିବ ପ୍ରସାଦ ମୁଣ୍ଡ, ଶ୍ରୀ ସୁବ୍ରତ କୁମାର ଠାକୁର, ଜିଲ୍ଲା ସାଧାରଣ ସମ୍ପାଦକ ଅଜିତ କିଶୋର ଚଳାନଙ୍କ ସମେତ ସଂଗଠନର ବହୁ ପଦାଧିକାରୀ ଉପସ୍ଥିତ ଥିଲେ । ସମ୍ପାଦକ ଆତ୍ମାରାମ ନାଗ ସଭାର କାର୍ଯ୍ୟସୂଚୀକୁ ସୁଚାରୁ ରୂପେ ପରିଚାଳନା କରିଥିଲେ । ବୈଠକରେ ଉପସ୍ଥିତ ନେତୃବୃନ୍ଦ ଦଳୀୟ କର୍ମୀମାନଙ୍କୁ ତୃଣମୂଳ ସ୍ତରରେ ସଂଗଠନକୁ ଅଧିକ ସୁଦୃଢ଼ କରିବା ସହ ଦଳର ବାର୍ତ୍ତା ସାଧାରଣ ଲୋକଙ୍କ ପାଖରେ ପହଁଚାଇବାକୁ ଆହ୍ୱାନ ଦେଇଥିଲେ ।


OFFICE OF THE SUPERINTENDING ENGINEER
RURAL WORKS DIVISION KARANJIA (MAYURBHANJ)
E-mail ID: - eerwkaranjia@yahoo.com

No. 25001/886/2627

"e" Procurement Notice for Special Repair to Roads for year 2026-27.
Bid Identification No – RWDKNJ –13 / 2026-27
Letter No. 5669 // Date: 04.08.2026

1. Name of the work : Road Works (As per Annexure)
2. Estimated Cost : Rs. 5.08 to Rs.27.12 Lakhs Approximately (As per Annexure).
3. Class of Contractor : 'B','C' & ' D','C' Class, (As per Annexure)
4. Period of Completion : As per Annexure
5. Tender Paper Cost : Paper cost of bid as mentioned in Annexure of Road Works.

Further details can be seen from the website www.tendersodisha.gov.in

| Procurement Officer | Bid Identification No. | Availability of tender On-line for bidding | | Last Date & Time of seeking Tender Clarification. | Date & Time of Opening of Tender in O/O S.E. R.W. Division, Karanjia Technical & Financial Bid |
|---|---|---|---|---|---|
| | | From | To | | |
| 1 | 2 | 3 | 4 | 5 | 6 |
| Superintending Engineer, Rural Works Division, Karanjia | Road Online RWDKNJ-13/26-27. | Dt. 11.08.2026 at 11.00 A.M. | Dt.18.08.2026 up to 5.00 P.M. | Dt.17.08.2026 up to 1.00 P.M. | Dt.19.08.2026 at 11.00 A.M. |

OIPR. 25001/25086/1/26-27/0013

Sd/-
Executive Engineer
R.W. Division, Karanjia











*ଯାହାର ଦୁଇ ଆଖି ଫୁଟି ଯାଇଛି ସେ ଅନ୍ଧ ନୁହେଁ । ଯେ ଆପଣାର ଦୋଷ ଦେଖିପାରେ ନାହିଁ । ସେ ପ୍ରକୃତରେ ଅନ୍ଧ ।*

# ଆଜିକାଲି



*'ଯଃ ସର୍ବତ୍ରାନଭିସ୍ନେହସ୍ତଭତ୍ ପ୍ରାପ୍ୟ ଶୁଭାଶୁଭମ୍ ନାଭିନନ୍ଦତି ନଦ୍ୱେଷ୍ଟି ତସ୍ୟ ପ୍ରଜ୍ଞା ପ୍ରତିଷ୍ଠାତା (ଶ୍ରୀମଦ୍ ଭଗବତ୍ ଗୀତା)*

ଭାବାର୍ଥ : ଯେଉଁ ପୁରୁଷ ସର୍ବତ୍ର ଅନାସକ୍ତ ହୋଇ ଶୁଭବସ୍ତୁ ପାଇଲେ ପ୍ରସନ୍ନ ହୁଅନ୍ତି ନାହିଁ, କି ଅଶୁଭ ବସ୍ତୁ ପାଇଲେ ଦ୍ୱେଷ କରନ୍ତି ନାହିଁ, ତାଙ୍କର ବୁଦ୍ଧି ସ୍ଥିର ।

## ସ୍ୱାସ୍ଥ୍ୟ ସଚେତନତା ଜରୁରୀ

ସାଧାରଣତଃ ବର୍ଷା ପରେପରେ ବିଭିନ୍ନ ପ୍ରକାର ରୋଗ ବ୍ୟାପିଥାଏ । ଡେଙ୍ଗୁରୁ କିଭଳି ରକ୍ଷା ପାଇବେ ସେଥିପାଇଁ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଲୋକଙ୍କୁ ସତର୍କ କରି ଦିଆଯାଉଛି । ଲଘୁଚାପ ବର୍ଷା ଯୋଗୁଁ ବନ୍ୟା ବିପ୍ୱାତ । ତେଣୁ ଏଭଳି ସମୟରେ ମଶାମାଛିଛିଙ୍କ ଜନ୍ମ । ଯାହା ଯୋଗୁଁ ମ୍ୟାଲେରିଆ, ଡେଙ୍ଗୁ ପ୍ରଭୃତି ରୋଗ ବ୍ୟାପିବାର ସମ୍ଭାବନା ରହିଛି । ଏହା ସତ୍ତ୍ୱେ କିଭଳି ଡେଙ୍ଗୁ ରୋଗୀଙ୍କ ସଂଖ୍ୟା ବଢୁଛି ଏବଂ ସରକାରୀ ଓ ବେସରକାରୀ ଡାକ୍ତରଖାନାରେ ଏହି ରୋଗୀଙ୍କ ସଂଖ୍ୟା ବଢ଼ିବାରେ ଲାଗିଛି । ବିଶେଷ କରି ମଶା କାମୁଡ଼ିବା ଯୋଗୁଁ ଏହି ଡେଙ୍ଗୁ ରୋଗ ହୋଇଥାଏ । ମଶା ମାନଙ୍କ ଉତ୍ପତିସ୍ଥଳ ହେଉଛି ସନ୍ତସନ୍ତିଆ ଜାଗା, ନାଳ ଓ ନର୍ଦ୍ଦମା ଏବଂ ଅଳିଆଗଦା । ସେଥିରେ ପାଣି ଜମି ରହିଲେ ଏହି ମଶାଙ୍କ ସଂଖ୍ୟା ପ୍ରବଳ ଭାବେ ବୃଦ୍ଧି ପାଇଥାଏ । କିନ୍ତୁ ସମସ୍ତ ପୌରସଭା ଏବଂ ପଂଚାୟତ ଗୁଡ଼ିକରେ ଏ ନେଇ ସତର୍କତା ଜାରୀ ରହିଛି । ଏହା ସତ୍ତ୍ୱେ ଡେଙ୍ଗୁରୋଗୀଙ୍କ ସଂଖ୍ୟା ଏବେ ରାଜ୍ୟରେ ୮ ଶହରୁ ଅଧିକ ହୋଇଥିବା କୁହାଯାଉଛି । ପ୍ରତ୍ୟେକ ରାତ୍ରିରେ ପ୍ରତ୍ୟେକ ମଶାରୀ ଟାଙ୍ଗି ଶୋଇବାକୁ ସତର୍କ କରି ଦିଆଯାଉଛି । ଯଦି ନାଳ ନର୍ଦ୍ଦମା ଏବଂ ଅଳିଆ ଗଦା ପ୍ରତି ଦିନ ସଫା କରାଯାଏ ଏବଂ ପୂର୍ବଭଳି ଘରେ ଘରେ ମଶାତେଲ ଛିଂଚନ କରାଯାଏ ତା ହେଲେ ଡେଙ୍ଗୁ ରୋଗୀଙ୍କ ସଂଖ୍ୟା କମି ଯାଇପାରେ । ସେଥିପାଇଁ କଟକରେ ମୃତ୍ୟୁ ଘଟଣା ପରେ ଲୋକଙ୍କ ଭିତରେ ଭୟ ସୃଷ୍ଟି ହେବା ସ୍ୱାଭାବିକ । ଗୋଟିଏ ପଟେ ଡେଙ୍ଗୁ ରୋଗୀଙ୍କ ସଂଖ୍ୟା ବଢୁଥିବା ବେଳେ ଅପରପକ୍ଷେ ଝାଡାବାନ୍ତି ଓ ଆଖିଧରା ରୋଗ ହେବାର ସମ୍ଭାବନା ରହିଛି । ଦୂଷିତ ପାଣି ଯୋଗୁଁ ଝାଡାବାନ୍ତି ରୋଗ ବ୍ୟାପିଥାଏ । ଏପରିକି ଝାଡାବାନ୍ତି ସହ ଲୋକଙ୍କୁ ଜ୍ୱର ମଧ ହେଉଥିବା ନଜରକୁ ଆସୁଛି । ଆଖି ଧରା ରୋଗ ଏବେ ଗ୍ରାମରୁ ସହର ଯାଏଁ ଏଭଳି ବ୍ୟାପିଛି ଯେ ତାହା ନ କହିଲେ ଭଲ । ଏହା ଏକ ଡିଆଁ ରୋଗ । ଏହାର ଚିକିତ୍ସା ମଧ ରହିଛି । ଯାହାକୁ ଆଖି ରୋଗ ଧରିଛି ସେ ଆପାତତଃ ୩/୪ ଦିନ ଧରି ଆଖିରେ ଯନ୍ତ୍ରଣା ଅନୁଭବ କରିବା ସହ ପଦାକୁ ନ ବାହାରିବା ପାଇଁ ବାରଣ ମଧ କରାଯାଉଛି । ଏହା ଡିଆଁରୋଗ । ତେଣୁ ଘରେ ଘରେ ଏହି ରୋଗ ଦେଖିବାକୁ ମିଳୁଛି । ଯଦିଓ ପୂର୍ବରୁ ଆଖିଧରା ନଜୀର ରହିଛି କିନ୍ତୁ ରାଜ୍ୟରେ ଏ ବର୍ଷ ଆଖିଧରା ରୋଗ ପ୍ରବଳ ଭାବେ ବ୍ୟାପିବାରେ ଲାଗିଛି । ଏହି ଦୃଷ୍ଟିରୁ ଡେଙ୍ଗୁ ଓ ଝାଡାବାନ୍ତି ରୋଗ ବ୍ୟାପିବା ସମ୍ଭାବନାକୁ ଏଡାଇ ଦିଆଯାଇ ନପାରେ । ଜନସାଧାରଣଙ୍କୁ ନିବେଦନ କରାଯାଉଛି ଡେଙ୍ଗୁ ଓ ଝାଡ଼ାବାନ୍ତି ରୋଗ ସଂକ୍ରମିତ ହେବା ମାତ୍ରେ ଡାକ୍ତରଙ୍କ ପରାମର୍ଶ ନେବା ଜରୁରୀ । ବର୍ତ୍ତମାନ ଠାରୁ ସ୍ୱାସ୍ଥ୍ୟ ସଚେତନତା ପ୍ରତି ଧ୍ୟାନ ଦେବା ଅତ୍ୟନ୍ତ ଜରୁରୀ ।

## ଜାଣିବା ପାଇଁ

- *ସରୋଜିନୀ ନାଇଡୁଙ୍କୁ ଭାରତର ନାଇଟିଙ୍ଗଲ କୁହାଯାଏ ।*
- *ପାକିସ୍ତାନର ଜାତୀୟ ସଂକେତ 'ଅର୍ଦ୍ଧଚନ୍ଦ୍ର' ।*
- *ଷ୍ଟକ୍‌ହୋମ୍ ସ୍ୱିଡେନ୍‌ର ରାଜଧାନୀ ଅଟେ ।*
- *ନଦୀ ବିହୀନ ଦେଶ ସାଉଦି ଆରବକୁ କୁହାଯାଏ ।*
- *କୁମ୍ଭମେଳା ବିଶ୍ୱର ବୃହ□ମ ଧର୍ମମେଳା ।*
- *ପଶ୍ଚିମରୁ ପୂର୍ବ ଦିଗକୁ ଗ୍ରହଗୁଡ଼ିକ ଘୂରନ୍ତି ।*
- *ଓଡ଼ିଶାର ପ୍ରଥମ ବାଳିକା ବିଦ୍ୟାଳୟ ରେଭେନ୍ସା ଅଟେ ।*
- *ଲକ୍ଷ୍ମୀକାନ୍ତ ମହାପାତ୍ର 'କାନ୍ତକବି' ଭାବେ ଅଭିହିତ ।*
- *ମୁସଲମାନ ବ୍ୟକ୍ତି ସାଲବେଗ ଜଗନ୍ନାଥଙ୍କର ପରମଭକ୍ତ ।*
- *ଅନଙ୍ଗ ଭୀମଦେବ ବାରବାଟୀ ଦୁର୍ଗ ତିଆରି କରିଥିଲେ ।*
- *ଓଟପକ୍ଷୀ, ଏମୁ ଓ କ୍ୱିଇ ପକ୍ଷୀ ଉଡ଼ିପାରନ୍ତି ନାହିଁ ।*
- *ଆକାବ ପକ୍ଷୀ ହାତୀ ଭଳି ଜନ୍ତୁକୁ ନିଜ ପଞ୍ଝାରେ ଉଠାଇ ନେଇପାରେ ।*
- *ପେଙ୍ଗୁଇନ ବଂଶ ବୃଦ୍ଧି ଯୋଗୁଁ ଆତ୍ମହତ୍ୟା କରେ ।*
- *କାଉ ଶ୍ରୀଲଙ୍କାରେ ଅଧିକ ଦେଖାଯାଉଥିବାବେଳେ ଲାକ୍ଷାଦ୍ୱୀପରେ ବିରଳ ।*
- *କ୍ୟୁବାର ହେମିଙ୍ଗ ପକ୍ଷୀର ଅଣ୍ଡା ସବୁଠାରୁ ଛୋଟ ।*
- *ଓଟପକ୍ଷୀର ଅଣ୍ଡା ସବୁଠାରୁ ବଡ଼ ।*
- *ଲାଏରବାର୍ଡ଼କୁ ଜୋକରପକ୍ଷୀ କହନ୍ତି ।*
- *ରବିନ୍ ପକ୍ଷୀ ନିଜ ଓଜନର ୪୦ଗୁଣ ଖାଦ୍ୟ ଖାଏ ।*
- *କଲିବିବି ପକ୍ଷୀ ପଛକୁ ଉଡ଼ିପାରେ ।*
- *ଡେଣା ନଥିବା କ୍ୱିଉ ପକ୍ଷୀ ନ୍ୟୁଜିଲାଣ୍ଡରେ ଅଛନ୍ତି ।*
- *କୋକାବୁରା ପକ୍ଷୀ ମଣିଷ ପରି ଶବ୍ଦ କରେ ।*
- *ଦକ୍ଷିଣ ଆମେରିକାର ବ୍ରିଟର୍ନ ପକ୍ଷୀ ବାଘ ପରି ଶବ୍ଦ କରେ ।*
- *ଉ□ରପ୍ରଦେଶର ହରିୟଲ ପକ୍ଷୀ ଭୂଇଁରେ ପାଦ ଦିଏନାହିଁ ।*
- *ଚିଙ୍ଗୁଡ଼ିମାନଙ୍କର ହୃଦୟ ତାଙ୍କ ମସ୍ତିଷ୍କରେ ଥାଏ ।*
- *ଶାମୁକା ୩ ବର୍ଷ ପର୍ଯ୍ୟନ୍ତ ହୋଇପାରେ ।*
- *ଗୋଟିଏ ଗାଈ ତା'ର ଜୀବନକାଳରେ ପ୍ରାୟ ୨୦୦୦,୦୦୦ ଗ୍ଲାସ୍ କ୍ଷୀର ଦେଇଥାଏ ।*

## ବିଶ୍ୱକବି ଓ ବିଶ୍ୱଗୁରୁ - ଭାରତ ଭାଗ୍ୟ ବିଧାତା

◆ ପ୍ରଫେସର ଡାକ୍ତର ଉମେଶ ଚନ୍ଦ୍ର ପାତ୍ର

ବିଶ୍ୱସୃଷ୍ଟିର ନିତ୍ୟ ନୂତନ ରୂପୋତ୍ସବ ଆଶୈଶବ ବିଶ୍ୱଗୁରୁ ରବୀନ୍ଦ୍ରନାଥ ଟାଗୋରଙ୍କର ସମ୍ବେଦନଶୀଳ ପ୍ରାଣକୁ ଅଭିନବ ବ୍ୟଞ୍ଜନା ବିଭୂତି ସ୍ପର୍ଶରେ ମହୀୟାନ କରିଥିଲା । ସେହି ମହାନ କବିଙ୍କର ସୌନ୍ଦର୍ଯ୍ୟାନୁଭୂତିକୁ ସୂକ୍ଷ୍ମ ଓ ଶାଣିତ କରି ଏହା ତାଙ୍କର ପ୍ରାଣକୁ ଏକ ଅନୁପମ ଅନ୍ତର୍ଦୃଷ୍ଟିରେ ଅଭିବ୍ୟଞ୍ଜିତ କଲା ଏବଂ ସମାଧିସ୍ଥ କରି ଚିତର ଉଚ୍ଛ୍ୱାସ ଓ ସୌନ୍ଦର୍ଯ୍ୟୋପାସନା ସତ୍ୟାନ୍ୱେଷୀ ଉପନିଷଦ୍‌କାରର ସମର୍ପଣାତ୍ମକ ପ୍ରବଣତା ନେଇ କବିତା ମାଧ୍ୟମରେ ଆତ୍ମପ୍ରକାଶ ଲାଭକଲା । ରବୀନ୍ଦ୍ରନାଥଙ୍କ କବିତା ସେଥିପାଇଁ ଏକାଧାରାରେ ସତ୍ୟର ବାହକ, ସୌନ୍ଦର୍ଯ୍ୟର ପରିପ୍ରକାଶକ ଓ ମାନବାତ୍ମାର ଆତ୍ମ ପ୍ରକାଶନର ସହାୟକ । ବିଶ୍ୱକବି ରବୀନ୍ଦ୍ରନାଥ ଟାଗୋର ୧୮୬୧ ମସିହା ମେ ୭ ତାରିଖରେ ପିତା ଦେବେନ୍ଦ୍ର ନାଥଙ୍କର ଚତୁର୍ଦ୍ଦଶ ସନ୍ତାନ ଭାବରେ ବାଙ୍ଗଲାଦେଶର ପାବନା ଜିଲ୍ଲାରେ ଜନ୍ମ ଗ୍ରହଣ କରିଥିଲେ । ପବିତ୍ର ପଦ୍ମାନଦୀର ଏକ ପାର୍ଶ୍ୱରେ ବିଶ୍ୱକବି ରବୀନ୍ଦ୍ରନାଥ ଟାଗୋରଙ୍କ ଜନ୍ମସ୍ଥାନ ଓ ଅପର ପାର୍ଶ୍ୱରେ ବିଶ୍ୱଗୁରୁ ଯୁଗାବତାର ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ରଙ୍କ ଜନ୍ମସ୍ଥାନ ପାବନା ଜିଲ୍ଲାର ହିମାୟିତପୁର ଗ୍ରାମରେ । ବିଶ୍ୱକବି ରବୀନ୍ଦ୍ରନାଥ ଟାଗୋରଙ୍କ ସମ୍ପର୍କରେ ବିଶ୍ୱଗୁରୁ ଯୁଗାବତାର ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର କହିଛନ୍ତି - ସେ ହେଉଛନ୍ତି ସରସ୍ୱତୀଙ୍କ ବରପୁତ୍ର । ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର ବାଇଶ ବର୍ଷ ବୟସରେ ଜନୈକ ଭକ୍ତର କାତର ନିବେଦନକୁ ସ୍ୱୀକାର କରି ଗୋଟିଏ ରାତ୍ରିରେ ସ୍ୱହସ୍ତରେ ପବିତ୍ର ଗ୍ରନ୍ଥ ସତ୍ୟାନୁସରଣ ଲେଖିଥିଲେ । ସେହି ସମୟରେ ବିଶ୍ୱକବି ରବୀନ୍ଦ୍ରନାଥ ଟାଗୋରଙ୍କ ବୟସ ଥିଲା ପଚାଶ ବର୍ଷ ଏବଂ ତାଙ୍କ ସାହିତ୍ୟକୃତି ପାଇଁ ସେ ସାରା ବିଶ୍ୱ ଦରବାରରେ ପ୍ରତିଷ୍ଠା ଲାଭ କରିସାରିଥିଲେ । ଜନୈକ ଭକ୍ତ ଯୁଗାବତାର ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ରଙ୍କର ଏହି ପବିତ୍ର ଗ୍ରନ୍ଥ ସତ୍ୟାନୁସରଣକୁ ନେଇ ବିଶ୍ୱ କବିଙ୍କୁ ଉପହାର ଦେଇଥିଲେ । ବଣିଆ ଯେପରି ସୁନାକୁ ଦେଖିଲା ମାତ୍ରେ ଆନନ୍ଦିତ ହୁଏ, ଜୋହରୀ ଯେପରି ହୀରା, ନୀଳା, ମୋତି ଓ ମାଣିକ୍ୟ ଇତ୍ୟାଦି ରତ୍ନକୁ ଦେଖିବା ମାତ୍ରେ ପ୍ରଫୁଲ୍ଲିତ ହୁଏ ସେହିପରି ପ୍ରକୃତ ସାରସ୍ୱତ ସାଧକ ଯଥାର୍ଥ ସାହିତ୍ୟକୁ ଦେଖିଲେ ବିଭୋର ହୋଇଥାନ୍ତି । ସେହିଭଳି ଅବସ୍ଥା ସେ ଦିନ ବିଶ୍ୱକବି ରବୀନ୍ଦ୍ରନାଥଙ୍କର ହୋଇଥିଲା । ବହିଟି ଦେଖିବାମାତ୍ରେ ଏକ ନିଃଶ୍ୱାସରେ ବହିଟିକୁ ଆମୂଳଚୂଳ ପାଠ କରିଗଲେ । ପ୍ରତି ଅନୁଚ୍ଛେଦ ଶେଷରେ ସେ ସେହି ଭକ୍ତଙ୍କୁ ଏକ ଆଚମ୍ବିତ ଢ଼ଙ୍ଗରେ ବିସ୍ଫାରିତ ନୟନରେ ପ୍ରଶ୍ନ କରିଉଠିଲେ - ‘ବୟସ କେତେ? ବୟସ କେତେ?’ ଭକ୍ତ ଉତ୍ତର ଦେଇ ଥିଲେ - ‘ବାଇଶି ବର୍ଷ, ବାଇଶି ବର୍ଷ’ । ବହିଟି ଶେଷ ହେବା ପରେ ବିଶ୍ୱକବି ଏକ ଦୀର୍ଘଶ୍ୱାସ ପକାଇ କହିଲେ - ‘ହେ ମନୁଷ୍ୟ! ମୁଁ ଯେତେ ଥର ମନୁଷ୍ୟକୁ ଜିଜ୍ଞାସା କଲି, ସେ କହିଲେ ବାଇଶି ବର୍ଷ, ବାଇଶି ବର୍ଷ । ଗୋଟିଏ ମନୁଷ୍ୟର ପରମାୟୁ ଯଦି ବାଇଶି ସହସ୍ର ବର୍ଷ ହେବ ସେ କି ଏପରି ଭାଷା ଲେଖିପାରେ? ବଙ୍ଗଳା ତଥା ବିଶ୍ୱ ସାହିତ୍ୟର ଏହା ହେଉଛି ଏକ ଅଭିନବ କୋଣାର୍କ । ତା'ପରେ ତାଙ୍କ ମୁଖରୁ ଉଦ୍‌ଭାସିତ ହୋଇଥିଲା ଏକ ଭକ୍ତି ରସାମୃତ କାବ୍ୟ - ‘ହେ ତଥାଗତ! ହେ ବିସ୍ମୟ! ଜାଣେ ନା ମୁଁ ତୁମେ କିଏ? କିନ୍ତୁ ମୁଁ ଧନ୍ୟ, ଯେଉଁ ଧରା ତବ ପଦସ୍ପର୍ଶ କରିଅଛି ସେହି ଧରାରେ ମୁଁ ଜନ୍ମ ଲାଭ କରିଅଛି । ଯେଉଁ ପଦ୍ମାନଦୀ ତବପଦ ଶତବାର ବିଧୌତ କରିଅଛି, ସେହି ପଦ୍ମାନଦୀରେ ମୁଁ ସହସ୍ରବାର ସ୍ନାତ ହୋଇଅଛି, କିନ୍ତୁ ପ୍ରଭୁ! ମୁଁ ତୁମକୁ ସାକ୍ଷାତରେ ଦର୍ଶନ କରିବା ପାଇଁ ସାହସ କରିପାରୁନାହିଁ । କାରଣ ମୁଁ ଏହି ମାନୁଷୀ ଚକ୍ଷୁରେ ଯଦି ଆପଣଙ୍କୁ ସଂଦର୍ଶନ କରେ, ତେବେ ମନୁଷ୍ୟ ସୁଲଭ ଆବିଳତାର ଶିକାର ହୋଇଯିବ ଓ ଆପଣଙ୍କ ପ୍ରତି ମୋର ଯେଉଁ ଶୁଦ୍ଧ ଭାବନା ଜାଗ୍ରତ ହୋଇଅଛି ସେଥିରେ କାଳେ କିଛି ବାଧା ଆସିଯିବ, କାଳେ ହୁଏତ ମୁଁ ଭାବିଦେବି ଆପଣ ମୋ ଠାରୁ ବୟସରେ କମ୍, ରୂପରେ ମଳିନ, ଧନଶକ୍ତିରେ ନ୍ୟୁନ, ଆପଣ ଉପାଧି ରହିତ ଓ ମୁଁ ଉପାଧିପୂର୍ଣ୍ଣ - ଏହି ସବୁ ଭାବର ଆବିଳତାରେ ମୁଁ ଯଦି ଶିକାର ହୋଇଯାଏ, ଆପଣଙ୍କ ପ୍ରତି ଜାଗ୍ରତ ହୋଇଥିବା ଶୁଦ୍ଧ ଭକ୍ତିରେ ବହୁତ କିଛି ଆସଙ୍ଗ ଆସିଯିବ । ତେଣୁ ଦୂରରୁ ମୋର ଏହି ସଶ୍ରଦ୍ଧ ବିନତୀ ଜଣାଉଛି, ଆପଣ ସାଦରେ ଗ୍ରହଣ କରନ୍ତୁ ।' ଏହାପରେ ସେ ଲେଖିଥିଲେ ତାଙ୍କର ମହାନ କୃତି ‘ନୈବେଦ୍ୟ କାବ୍ୟ’ ଯାହାକି ପରବର୍ତ୍ତୀ ସମୟରେ ଶ୍ରୀ ଶ୍ରୀ ଠାକୁରଙ୍କ ନିର୍ଦ୍ଦେଶକ୍ରମେ ତାଙ୍କର ଭକ୍ତ ଶ୍ରୀମତୀ ସୀତାଦେବୀ ଖାଡ଼େଙ୍ଗା ଓଡ଼ିଆ ଭାଷାରେ ଅନୁବାଦ କରିଥିଲେ । ନୈବେଦ୍ୟ କାବ୍ୟର କେତୋଟି ପଂକ୍ତି ଓ ଜାତୀୟ ସଂଗୀତର ପରବର୍ତ୍ତୀ ଦ୍ୱିତୀୟ ଓ ତୃତୀୟ ଅନୁଚ୍ଛେଦରୁ ବିଶ୍ୱକବି ରବୀନ୍ଦ୍ରନାଥ ଟାଗୋରଙ୍କର ବିଶ୍ୱଗୁରୁ ପରମପ୍ରେମମୟ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ରଙ୍କ ପ୍ରତି ଥିବା ଭକ୍ତିପୂତ ଶ୍ରଦ୍ଧାର ପରିଚୟ ମିଳେ । ନୈବେଦ୍ୟକାବ୍ୟରେ ବିଶ୍ୱକବି ଗାଇଲେ - ସକଳ ଗରବ ଦୂର କରିଦେବି, ତୁମରି ଗରବ ଛାଡ଼ିବିନି, ସକଳ ଜନଙ୍କୁ କହିବି ଯେ ଦିନ, ଲଭିବି ତବ ପଦ ରେଣୁକଣା । ଯେ ମାନ ଯେ କାର୍ଯ୍ୟେ ପାଇଅଛି ମୁହିଁ, ସେଦିନ ସକଳ ଯିବ ଦୂରେ, ଖାଲି ତବ ନାମ ଦେହେ ମନେ ମୋର, ଧ୍ୱନିତ ହୋଇବ ତବ ସୁରେ । ପଥର ପଥିକ ସେ'ବି ଦେଖି ଯିବେ, ତୁମରି ଚିହ୍ନ ଦେହ ମନଭାବେ, ଭବ ସଂସାରର ବାତାୟନ ପଥେ, ଚାହିଁବି ମୁହିଁ ଆନମନା । ଜାତୀୟ ସଙ୍ଗୀତର ପରବର୍ତ୍ତୀ ଦ୍ୱିତୀୟ ଓ ତୃତୀୟ ଅନୁଚ୍ଛେଦକୁ ଅନୁଶୀଳନ କଲେ ପ୍ରତୀୟମାନ ହୁଏ ଯେ, ଏହା ମଧ ପରମପ୍ରେମମୟ ଯୁଗାବତାର ଶ୍ରୀ ଶ୍ରୀ ଠାକୁରଙ୍କ ଉଦ୍ଦେଶ୍ୟରେ ଲେଖା ହୋଇଥିଲା । ସୁଧି ପାଠକ ଓ ପାଠିକାମାନଙ୍କର ଅନୁଶୀଳନ ପାଇଁ ସେହି ଦୁଇ ଅନୁଚ୍ଛେଦକୁ ଉଦ୍ଧାର କରାଗଲା । ଅହରହ ତବ ଆହ୍ୱାନ ପ୍ରଚାରିତ, ଶୁଣି ତବ ଉଦାର ବାଣୀ, ହିନ୍ଦୁ, ବୌଦ୍ଧ, ଶିଖ, ଜୈନ, ପାରସିକ, ମୁସଲମାନ, ଖ୍ରୀଷ୍ଟାନୀ, ପୂରବ ପଶ୍ଚିମ ଆସେ, ତବ ସିଂହାସନ ପାଶେ, ଗାଏ ତବ ଜୟ ଗାଥା, ଜନଗଣ ଐକ୍ୟ ବିଧାୟକ ଜୟହେ, ଭାରତ ଭାଗ୍ୟ ବିଧାତା । ରାତ୍ରି ପ୍ରଭାତ ହେଲା, ଉଦୟ ରବି ଛବି, ପୂର୍ବ ଉଦୟ ଗିରି ଭାଲେ, ଗାଏ ବିହଙ୍ଗମ ପୁଣ୍ୟ ସମୀରଣ, ନୂତନ କଳରବ ତାନେ, ହେ ଚିର ସାରଥି, ତବ ରଥ ଚକ୍ରେ ମୁଖରିତ ପଥ ଦିବାରାତ୍ରି, ଦାରୁଣ ବିପ୍ଳବ ମାଝେ, ତବ ଶଙ୍ଖ ଧ୍ୱନି ବାଜେ, ସଙ୍କଟ ଭୟ ଦୁଃଖ ତ୍ରାତା, ଜୟ ହେ ଜୟ ହେ, ଜୟ ରାଜେଶ୍ୱର, ଭାରତ ଭାଗ୍ୟ ବିଧାତା । ସୁଧି ପାଠକ ବୃନ୍ଦ ଉପରୋକ୍ତ ପଦ୍ୟାବଳୀରୁ ବିଚାର କରିବେ କାହାର ପାଦ ପଦ୍ମା ନଦୀରେ ଶତବାର ବିଧୌତ ହେଉଥିଲା, ଯେଉଁ ପଦ୍ମା ନଦୀରେ କି ବିଶ୍ୱକବି ରବୀନ୍ଦ୍ରନାଥ ସହସ୍ରବାର ସ୍ନାତ ହେଉଥିଲେ । ବାଂଲା ଦେଶର ଉଦୟଗିରି କେଉଁଠି? ରାଜରାଜେଶ୍ୱର କିଏ? କାହା ନିକଟରେ ସମସ୍ତ ବିଶ୍ୱର ହିନ୍ଦୁ, ବୌଦ୍ଧ, ଶିଖ, ଜୈନ, ପାରସିକ, ମୁସଲମାନ ଓ ଖ୍ରୀଷ୍ଟିୟାନ, ପୂର୍ବ ଓ ପଶ୍ଚିମର ଜନତା ଉପସ୍ଥିତ ହେଉଥିଲେ? କାହାର ଜୟ ଜୟକାର ବିଶ୍ୱବାସୀଙ୍କ ଦ୍ୱାରା ହେଉ ଥିଲା? ଏସବୁକୁ ସମ୍ମିଳିତ କଲେ ଦେଖାଯିବ ଯେ ବିଶ୍ୱକବି ରବୀନ୍ଦ୍ରନାଥ ଟାଗୋର ବିଶ୍ୱଗୁରୁ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ରଙ୍କ ଉଦ୍ଦେଶ୍ୟରେ ହିଁ ଏହି ଭକ୍ତି ନୈବେଦ୍ୟ ଅର୍ପଣ କରିଥିଲେ ।



**ରବୀନ୍ଦ୍ରନାଥ ଟାଗୋରଙ୍କ ମହାପ୍ରୟାଣ ତିଥି**

*ସହ-ପ୍ରତିରତ୍ନିକ ଓ ବିଭାଗୀୟ ମୁଖ୍ୟ, ହେପାଟୋଲୋଜି ବିଭାଗ, ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ, କଟକ*

## ପତାକା ଦିବସ

◆ ରଘୁନାଥ ମହାପାତ୍ର

ଆମ ଦେଶର ପ୍ରଥମ ଜାତୀୟ ପତାକା ୧୯୦୬ ମସିହା ଅଗଷ୍ଟ ୭ ତାରିଖ ଦିନ କଲିକତାର ଗ୍ରୀନ୍ ପାର୍କ ଠାରେ ଉତୋଳନ କରାଯାଇଥିଲା । ସେତେବେଳେ ପ୍ରଥମେ ପତାକାରେ ସ୍ଥାନୀତ ହୋଇଥିଲା ସବୁଜ, ହଳଦିଆ ଓ ଲାଲ ତିନୋଟି ରଙ୍ଗର । ବନ୍ଦେ ମାତରମ୍ ଲେଖାଯିବା ପରେ ୧୯୨୯ ମସିହାରେ ଉତୋଳିତ କରାଯାଇଥିଲା ଆମର ନୂତନ ଜାତୀୟ ପତାକା । ଏହାପୂର୍ବରୁ ଜାତୀୟ ପତାକାକୁ ଅନେକ ଥର ପ୍ରସ୍ତୁତ କରାଯାଇଥିଲା । ୧୯୦୭ ଅଗଷ୍ଟ ୨୨ ତାରିଖ ଦିନ ମ୍ୟାଡ଼ମ୍ କାମାଙ୍କ ଦ୍ୱାରା ଆମ ଦେଶର ଦ୍ୱିତୀୟ ଜାତୀୟ ପତାକା ଉତୋଳନ ହୋଇ ଥିଲା । ଏହାପରେ ୧୯୧୭ ମସିହାରେ ଡକ୍ଟର ଆନିବେଶାନ୍ତ ଓ ଲୋକମାନ୍ୟ ତିଳକଙ୍କ ଦ୍ୱାରା ଦୁଇ ରଙ୍ଗ ବିଶିଷ୍ଟ ପତାକା ଉତୋଳନ ହୋଇ ଥିଲା । ୧୯୨୧ ଖ୍ରୀଷ୍ଟାବ୍ଦରେ ଏହା ତିନି ରଙ୍ଗ ବିଶିଷ୍ଟ ପତାକା ହେଲା । ଆମ ପ୍ରିୟ ଜାତୀୟ ପତାକାର ଶୁଭନାମ ତ୍ରିରଙ୍ଗା । ଏଥରେ ତିନିରଙ୍ଗର ସମାହାର ଥିବାରୁ ତେଣୁକରି ଏହାକୁ ତ୍ରିରଙ୍ଗାର ନାମ ଦିଆଯାଇଥିଲା । ଜାତୀୟ



ପତାକାକୁ ସମସ୍ତେ ସମ୍ମାନ ପ୍ରଦର୍ଶନ କରିଥାନ୍ତି । ଆମ ଜାତିର ମାନ ସମ୍ମାନ ଓ ଇଜ୍ଜତର ଏକ ପରମ ମୂକସାକ୍ଷୀ ଜାତୀୟ ପତାକା । ତ୍ରିରଙ୍ଗାର ଉପରି ଭାଗରେ ଥିବା କମଳା ରଙ୍ଗ ‘ତ୍ୟାଗ ଐଶ୍ୱର୍ଯ୍ୟ ଓ ସାହସ'ର ପରିଚୟ ଦେଉଥିବା ବେଳେ ମଝିରେ ଥିବା ଧଳା ରଙ୍ଗ ‘ସତ୍ୟ, ଶାନ୍ତି, ମୈତ୍ରୀ ଓ ବିଶ୍ୱଭାତୃତ୍ୱ'ର ପ୍ରତୀକ ଏବଂ ନିମ୍ନରେ ଥିବା ସବୁଜ ରଙ୍ଗ ‘ବିଶ୍ୱାସ, ଉତମ ବୁଝାମଣା ଓ ସବୁଜ ବିପ୍ଳବ'ର ପ୍ରତୀକ ସୂଚିତ କରିଥାଏ । ପତାକା ମଧ୍ୟରେ ଥିବା ଅଶୋକ ଚକ୍ର ‘ସତ୍ୟ, ଧର୍ମ ଓ ନ୍ୟାୟ'ର ପରମ ବିଜୟ ସଂପର୍କରେ ସର୍ବଶେଷ ସୂଚନା ଦେଇଥାଏ । ଏହି ପବିତ୍ର ଅଶୋକଚକ୍ର ଯଥାର୍ଥରେ ବୁଝାଇଦିଏ ‘ସତ୍ୟମେବ ଜୟତେ' ।

*ସତ୍ୟଶ୍ରୀ ନିବାସ, ତାରାଚାନ୍ଦପାଟଣା, କଟକ, ଦୂରଭାଷ : ୯୨୩୮୬୩୨୭୫୦*

## ଓଡ଼ିଆ ଚଳଚ୍ଚିତ୍ରର ଜନକ ମୋହନ ସୁନ୍ଦର ଦେବ ଗୋସ୍ୱାମୀ

◆ ନାଟ୍ୟସାରଥି ଅଭୟ କୁମାର ଦାସ

ଓଡ଼ିଶାବାସୀଙ୍କୁ ପ୍ରଥମେ ଓଡ଼ିଆ ଚଳଚ୍ଚିତ୍ରର ସ୍ୱାଦ ଚଖାଇଥିଲେ ମୋହନ ସୁନ୍ଦର ଦେବ ଗୋସ୍ୱାମୀ । ସର୍ବପ୍ରଥମ ଓଡ଼ିଆ କଳାଧଳା କଥାକୁହା ଚଳଚ୍ଚିତ୍ର 'ସୀତା ବିବାହ'ର ସେ ପ୍ରଯୋଜକ ଓ ନିର୍ଦ୍ଦେଶକ । ଏହାର ଚିତ୍ରନାଟ୍ୟ ମଧ ରଚନା କରିଥିଲେ । ୧୯୩୬ ଏପ୍ରିଲ ୨୮ରେ ପୁରୀର ଲକ୍ଷ୍ମୀ ଟକିଜ୍‌ରେ ସୀତା ବିବାହ ମୁକ୍ତିଲାଭ କରିଥିଲା । ଚଳଚ୍ଚିତ୍ରରେ ଥିବା ମୋଟ ଚଉଦଟି ଗୀତ ମଧରୁ ବାରଟି ରଚନା କରିଥିଲେ ମୋହନ ସୁନ୍ଦର । ନିଜେ ବିଶ୍ୱାମିତ୍ର ଭୂମିକାରେ ବି ଅଭିନୟ କରିଥିଲେ । ପୁରୀ ଓ କଲିକତାରେ ଚଳଚ୍ଚିତ୍ରର ସୁଟିଂ ହୋଇଥିଲା । ସେତେବେଳେ ଏହି ଚଳଚ୍ଚିତ୍ର ନିର୍ମାଣରେ ଖର୍ଚ୍ଚ ହୋଇଥିଲା ୨୯,୭୮୧ ଟଙ୍କା ୧୦ ଅଣା । ଚଳଚ୍ଚିତ୍ର ସଂପୂର୍ଣ୍ଣ ପାଇଁ ଅର୍ଥର ଅଭାବ ହେବାରୁ ସେ ନିଜ ପତ୍ନୀଙ୍କର ଗହଣା ବିକିଥିଲେ । ଏପରିକି ନିଜ ଘରକୁ ବନ୍ଧକ ରଖି କିଛି ଟଙ୍କା ଯୋଗାଡ଼ କରିଥିଲେ । କଳା ପ୍ରତି ସେ ଥିଲେ ପୂର୍ଣ୍ଣ ସମର୍ପିତ । ଚଳଚ୍ଚିତ୍ର ନିର୍ମାଣରେ ପାଦ ଦେବା ପୂର୍ବରୁ ମୋହନ ସୁନ୍ଦର ଜଣେ ଦକ୍ଷ ରଙ୍ଗମଞ୍ଚ ଅଭିନେତା ଥିଲେ । ସୁମଧୁର କଣ୍ଠରେ ଗୀତ ଗାଇବା ସହିତ ବିଭିନ୍ନ ବାଦ୍ୟଯନ୍ତ୍ର ବଜାଇବାରେ ସେ ଥିଲେ ପାରଙ୍ଗମ । ରାଜ୍ୟ ବାହାରେ ମଧ ତାଙ୍କର ରାସଦଳର ସୁଖ୍ୟାତି ଥିଲା । ଓଡ଼ିଆ ଚଳଚ୍ଚିତ୍ରର ଜନକ ମୋହନ ସୁନ୍ଦର ୧୮୯୨ ଅଗଷ୍ଟ ଆଜିର ଦିନରେ ପୁରୀରେ ଜନ୍ମଗ୍ରହଣ କରିଥିଲେ ।



*ଗୋଟରା, ମାହାଙ୍ଗା, କଟକ, ଦୂରଭାଷ :୯୪୩୭୧୪୨୭୧୭*

## ସାଧାରଣ ବର୍ଗ ବିଭାଜନ ଦିବସ : ଇତିହାସର ଏକ କଳଙ୍କିତ ଅଧ୍ୟାୟ

◆ ଦୀନବନ୍ଧୁ ଷଡଙ୍ଗୀ

ଭାରତର ସାମାଜିକ ଓ ରାଜନୈତିକ ଇତିହାସରେ ୭ ଅଗଷ୍ଟ ୧୯୯୦ ଏକ ଚର୍ଚ୍ଚିତ ଓ ଗୁରୁତ୍ୱପୂର୍ଣ୍ଣ ତାରିଖ । ସେହିଦିନ ତତ୍କାଳୀନ କେନ୍ଦ୍ର ସରକାର ସଂସଦରେ ମଣ୍ଡଳ କମିଶନର ସୁପାରିଶ କାର୍ଯ୍ୟକାରୀ କରିବାର ଘୋଷଣା କରିଥିଲେ । ଏହା ପରେ ସରକାରୀ ବ୍ୟବସ୍ଥାରେ ଅନ୍ୟାନ୍ୟ ପଛୁଆ ବର୍ଗ (ଓବିସି) ନାମରେ ଏକ ନୂତନ ଜାତିଭିତିକ ବ୍ୟବସ୍ଥା କାର୍ଯ୍ୟକାରୀ ହେବାର ପ୍ରକ୍ରିୟା ଆରମ୍ଭ ହୋଇଥିଲା । ଏହି ଘୋଷଣା ଫଳରେ ସାଧାରଣ ବର୍ଗର ଏକ ବୃହତ୍ କୁଶଳୀ କର୍ମଜୀବୀ ସମୁଦାୟକୁ ପଛୁଆ ବର୍ଗ ବୋଲି ଚିହ୍ନିତ କରି ଏକ ନୂତନ ପ୍ରଶାସନିକ ଶ୍ରେଣୀରେ ବିଭକ୍ତ କରାଗଲା । ସାମାଜିକ ଓ ରାଷ୍ଟ୍ରୀୟ ଦୃଷ୍ଟିକୋଣରୁ ଏଭଳି ଜାତିଭିତିକ ଭେଦଭାବ ସୃଷ୍ଟି କଲାଭଳି ବର୍ଗୀକରଣ ପ୍ରକ୍ରିୟାକୁ ଏକ ସାମାଜିକ ଅପରାଧ କହିଲେ ଅତ୍ୟୁକ୍ତି ହେବନାହିଁ । ଏହାଦ୍ୱାରା ପ୍ରଥମତଃ ଭାରତୀୟ ସମାଜର ସର୍ବାଧିକ କୁଶଳୀ କାରିଗର ଓ କର୍ମଜୀବୀ ଜନସଂଖ୍ୟାକୁ ପଛୁଆ ବର୍ଗର ମାନ୍ୟତା ଦେଇ ସେମାନଙ୍କ ବୃତିଗତ ସ୍ୱାଭିମାନ ଓ ଜାତିଗତ ଅଭିମାନକୁ କ୍ଷତାକ୍ତ କରାଗଲା । ଏବଂ ଏହି କ୍ଷତକୁ ସହ୍ୟ କରିଯିବା ପାଇଁ ଜାତିଭିତିକ ସଂରକ୍ଷଣର ଏକ ଛୋଟ ଲଲିପପ୍ ଧରେଇ ଦିଆଗଲା । ଯେଉଁ ଜାତିର ନିହାଣ ମୁନରେ ଏ ଓଡ଼ିଆ ଜାତିର ଅସ୍ମିତା ଐତିହ୍ୟ ସଂସ୍କୃତି ବିକଶିତ ହୋଇଥିଲା ଏବଂ ପୁରୀ, କୋଣାର୍କ ଓ ଭୁବନେଶ୍ୱରର ଶହ ଶହ ସଂଖ୍ୟାରେ ମନ୍ଦିର ଗଢ଼ି ଉଠିଥିଲା, ହଠାତ୍ ସେ ଜାତିକୁ ପଛୁଆ ବର୍ଗ ବୋଲି ଘୋଷଣା କରାଗଲା । ଏପରିକି ଓଡ଼ିଆ ଜାତିର ଗୌରବ ସାଧବ ପୁଅ ମହାଜନ ଶ୍ରେଣୀର ସାହୁକାର କୁବେର ଆଦି ଅନେକ ସାମାଜିକ ବିଶେଷଣର ଅଧିକାରୀ ସାହୁ ସମାଜ ରାତାରାତି ପଛୁଆ ବର୍ଗ ହୋଇଗଲେ । ଏହା ଏକ ସ୍ୱାଭିମାନୀ ଜାତିର ଇତିହାସରେ କଳଙ୍କିତ ଅଧ୍ୟାୟ ବୋଲି କହିଲେ ଅତ୍ୟୁକ୍ତି ହେବନାହିଁ । ଏହା ଗୋଟିଏ ଜାତିର ଅସ୍ମିତା ପ୍ରତି ଅପମାନ ଏବଂ ଆଘାତ । କୌଣସି ଜାତି ନିଜକୁ ପଛୁଆ କହି କେବେ ବି ମହାନ୍ ହୋଇ ପାରିବ ନାହିଁ । ବରଂ ଏଭଳି ମାନସିକତା ଏକ ରୋଗ ବା ଦୀର୍ଘକାଳୀନ ଭାଇରସ୍ । ଏହି କାରଣରୁ ସେ ୭ ଅଗଷ୍ଟକୁ 'ସାଧାରଣ ବର୍ଗ ବିଭାଜନ ଦିବସ' ସହ ଏକ କଳା ଦିବସ ବୋଲି ଧରାଯାଏ । ଏହି ଦିବସର ଉଦ୍ଦେଶ୍ୟ କୌଣସି ସମୁଦାୟ ପ୍ରତି ବିରୋଧ ପ୍ରକାଶ କରିବା ନୁହେଁ; ବରଂ ଦେଶରେ ପ୍ରଚଳିତ ଜାତିଭିତିକ ସଂରକ୍ଷଣ ନୀତି, ସମାନତାର ଅଧିକାର, ଯୋଗ୍ୟତାଭିତିକ ବ୍ୟବସ୍ଥା ଏବଂ ସାମାଜିକ ସମରସତା ଭଳି ପ୍ରସଙ୍ଗ ଉପରେ ସୁସ୍ଥ ଗଣତାନ୍ତ୍ରିକ ଆଲୋଚନାକୁ ଆଗେଇ ନେବା । ଗଣତନ୍ତ୍ରରେ ଭିନ୍ନ ମତ ରହିବା ସ୍ୱାଭାବିକ । ନୀତି ଓ ବ୍ୟବସ୍ଥାକୁ ନେଇ ସହମତି ଓ ଅସହମତି ଉଭୟ ଗଣତାନ୍ତ୍ରିକ ପରମ୍ପରାର ଅଂଶ । ସେହିପରି, ଏହି ଦିବସ ମଧ ଏକ ନିର୍ଦ୍ଦିଷ୍ଟ ଦୃଷ୍ଟିକୋଣରୁ ଇତିହାସର ଏକ ଘଟଣାକୁ ସ୍ମରଣ କରିବା ଏବଂ ଭବିଷ୍ୟତରେ ସମାନ ସୁଯୋଗ ଓ ସାମାଜିକ ସମରସତା କିପରି ଆହୁରି ସୁଦୃଢ଼ ହୋଇପାରିବ, ସେନେଇ ଚର୍ଚ୍ଚା କରିବାର ଏକ ଅବସର । ଇତିହାସକୁ ସ୍ମରଣ କରିବାର ଅର୍ଥ ଅତୀତରେ ଅଟକି ରହିବା ନୁହେଁ; ବରଂ ସେଠାରୁ ଶିକ୍ଷା ନେଇ ଭବିଷ୍ୟତ ପାଇଁ ଅଧିକ ନ୍ୟାୟସଙ୍ଗତ, ସମାନ ସୁଯୋଗଭିତିକ ଓ ସମରସ ସମାଜ ଗଢ଼ିବାର ପ୍ରୟାସ କରିବା । 'ସମାନ ଅଧିକାର – ସମାନ ସୁଯୋଗ; ଜାତି ନୁହେଁ, ଯୋଗ୍ୟତା ହେଉ ପରିଚୟ' — ଏହି ବାର୍ତ୍ତା ସହ ସାଧାରଣ ବର୍ଗ ବିଭାଜନ ଦିବସ ଗଣତାନ୍ତ୍ରିକ ଚିନ୍ତନ, ସଂଳାପ ଓ ଆତ୍ମସମୀକ୍ଷାର ଏକ ଅବସର ହୋଇ ରହୁ ।



# ଯୋଗାଯୋଗ ବ୍ୟବସ୍ଥାର ତ୍ୱରିତ ପୁନଃସ୍ଥାପନ ଓ କ୍ଷୟକ୍ଷତି ଆକଳନ ପାଇଁ ମନ୍ତ୍ରୀଙ୍କ ନିର୍ଦ୍ଦେଶ



ବାରିପଦା(ନିପ୍ର): ନିକଟରେ ହୋଇଥିବା ଲଗାଣ ବର୍ଷା ଯୋଗୁଁ ମୟୂରଭଞ୍ଜ ଜିଲ୍ଲାରେ ସୃଷ୍ଟି ହୋଇଥିବା ବନ୍ୟା ପରିସ୍ଥିତି, କ୍ଷୟକ୍ଷତି, ରିଲିଫ୍ ଓ ପୁନରୁଦ୍ଧାର କାର୍ଯ୍ୟର ଅଗ୍ରଗତି ସମୀକ୍ଷା ନିମନ୍ତେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟସ୍ଥିତ ସମ୍ମିଳନୀ କକ୍ଷରେ ଗ୍ରାମ୍ୟ ଉନ୍ନୟନ, ପଂଚାୟତିରାଜ ଏବଂ ପାନୀୟ ଜଳ ବିଭାଗର ମାନ୍ୟବର ମନ୍ତ୍ରୀ ରବିନାରାୟଣ ନାଏକଙ୍କ ଅଧ୍ୟକ୍ଷତାରେ ଏକ ଉଚ୍ଚସ୍ତରୀୟ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଥିଲା । ବୈଠକରେ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ତଥା ଶ୍ରମ ଓ କର୍ମଚାରୀ ରାଜ୍ୟ ବୀମା ବିଭାଗର ମନ୍ତ୍ରୀ ଇଂ ଗଣେଶରାମ ସିଂ ଖୁଣ୍ଟିଆ, ଉଦଳା ବିଧାୟକ ତଥା ଜିଲ୍ଲା ଯୋଜନା ବୋର୍ଡ ଅଧ୍ୟକ୍ଷ ଭାସ୍କର ମଢେଇ, ବାରିପଦା ବିଧାୟକ ପ୍ରକାଶ ସୋରେନ, ବଡ଼ସାହି ବିଧାୟକ ସନାତନ ବିଜୁଳି, ସାରସକଣା ବିଧାୟକ ଭାଦବ ହାଁସଦା, ବାଙ୍ଗିରିପୋଷି ବିଧାୟିକା ସଞ୍ଜଳୀ ମୁର୍ମୁ, ରାଇରଙ୍ଗପୁର ବିଧାୟକ ଜାଲେନ ନାଏକ ପ୍ରମୁଖ ଉପସ୍ଥିତ ଥିଲେ । ସମୀକ୍ଷା ବୈଠକରେ ବିଶେଷକରି ବଡ଼ସାହି ଓ ଉଦଳା ବ୍ଲକ ସମେତ ଲଗାଣ ବର୍ଷା ଯୋଗୁଁ ପ୍ରଭାବିତ ହୋଇଥିବା ଜିଲ୍ଲାର ବିଭିନ୍ନ ଅଂଚଳର ସ୍ଥିତି, କ୍ଷୟକ୍ଷତି, ରିଲିଫ୍ ଓ ପୁନରୁଦ୍ଧାର କାର୍ଯ୍ୟର ସବିଶେଷ ସମୀକ୍ଷା କରାଯାଇଥିଲା । ମନ୍ତ୍ରୀ ଶ୍ରୀ ନାଏକ ପ୍ରାଥମିକତା ଭିତିରେ ବିଚ୍ଛିନ୍ନ ସଡ଼କ ଓ ଯୋଗାଯୋଗ ବ୍ୟବସ୍ଥାକୁ ଅବିଳମ୍ବେ ସ୍ୱାଭାବିକ କରିବା, ପାନୀୟ ଜଳ, ବିଦ୍ୟୁତ ଓ ଅନ୍ୟାନ୍ୟ ଅତ୍ୟାବଶ୍ୟକ ସେବାର ପୁନଃସ୍ଥାପନ ତଥା ସ୍ୱାଭାବିକ କରିବା କାର୍ଯ୍ୟକୁ ତ୍ୱରାନ୍ୱିତ କରିବାକୁ ସମ୍ପୃକ୍ତ ବିଭାଗଗୁଡ଼ିକୁ ନିର୍ଦ୍ଦେଶ ଦେଇଥିଲେ । ସେ ପ୍ରଭାବିତ ଅଂଚଳର କ୍ଷୟକ୍ଷତିର ଆକଳନ କାର୍ଯ୍ୟ ଶୀଘ୍ର ସମ୍ପନ୍ନ କରି ରିପୋର୍ଟ ଦାଖଲ କରିବା ଏବଂ ସରକାରଙ୍କ ପ୍ରଚଳିତ ନିୟମାବଳୀ ଅନୁଯାୟୀ ପ୍ରଭାବିତ ପରିବାରମାନଙ୍କୁ କ୍ଷତିପୂରଣ ଓ ସହାୟତା ପ୍ରଦାନ କରିବାକୁ ମଧ୍ୟ ନିର୍ଦ୍ଦେଶ ଦେଇଥିଲେ । ଭବିଷ୍ୟତରେ ବନ୍ୟା ସମୟରେ ଯାତାୟାତ ବ୍ୟାହତ ନ ହେବା ଉଦ୍ଦେଶ୍ୟରେ ଜିଲ୍ଲାର ସମସ୍ତ କଜୱେର ସର୍ଭେ କରି ପର୍ଯ୍ୟାୟକ୍ରମେ ସେଗୁଡିକୁ ଉଚ୍ଚସ୍ତରୀୟ ସେତୁରେ ପରିଣତ କରିବା ପାଇଁ ପ୍ରସ୍ତାବ ପ୍ରସ୍ତୁତ କରିବାକୁ ମନ୍ତ୍ରୀ ନିର୍ଦ୍ଦେଶ ଦେଇଥିଲେ । ସେହିପରି ବନ୍ୟା ପ୍ରଭାବିତ ଅଂଚଳରେ ଥିବା କଚ୍ଚା (ମାଟି) ଘରଗୁଡ଼ିକର ସର୍ଭେ କରି ପ୍ରାଥମିକତା ଭିତିରେ ସେଗୁଡ଼ିକୁ ପକ୍କା ଘରରେ ପରିଣତ କରିବା ପାଇଁ ଆବଶ୍ୟକ କାର୍ଯ୍ୟଯୋଜନା ପ୍ରସ୍ତୁତ କରିବାକୁ ସମ୍ପୃକ୍ତ ବିଭାଗଗୁଡ଼ିକୁ ସେ ନିର୍ଦ୍ଦେଶ ଦେଇଥିଲେ । ଏଥିସହ ଭବିଷ୍ୟତରେ ନିର୍ମାଣ ହେବାକୁ ଥିବା ଘରଗୁଡ଼ିକର ନକ୍ସାକୁ ବନ୍ୟା ସମେତ ପ୍ରାକୃତିକ ବିପର୍ଯ୍ୟୟକୁ ସହନଶୀଳ ଭାବେ ପ୍ରସ୍ତୁତ କରିବା ଉପରେ ସେ ଗୁରୁତ୍ୱାରୋପ କରିଥିଲେ । ଜିଲ୍ଲାପାଳ ତଥା ଜିଲ୍ଲା ମାଜିଷ୍ଟ୍ରେଟ ହେମକାନ୍ତ ସୟ ଜିଲ୍ଲାର ବନ୍ୟା ପରିସ୍ଥିତି, ଉଦ୍ଧାର, ରିଲିଫ୍ ଓ ପୁନରୁଦ୍ଧାର କାର୍ଯ୍ୟ ସମ୍ପର୍କରେ ବିସ୍ତୃତ ତଥ୍ୟ ପ୍ରସ୍ତୁତ ହୋଇଥିବା ପିପିଟି ମାଧ୍ୟମରେ ଉପସ୍ଥାପନା କରିଥିଲେ । ବୈଠକରେ ଆରକ୍ଷୀ ଅଧିକ୍ଷକ ବରୁଣ ଗୁଂଟୁପାଲ୍ଲୀ, କ୍ଷେତ୍ର ନିର୍ଦ୍ଦେଶକ, ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ଡ଼ ପ୍ରକାଶ ଗୋଗିନାନୀ, ଅତିରିକ୍ତ ଜିଲ୍ଲାପାଳ ଦୁଃଖବନ୍ଧୁ ନାୟକ, ଅତିରିକ୍ତ ଜିଲ୍ଲାପାଳ ଇଶ୍ୱର ଚନ୍ଦ୍ର ନାଏକ, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ଧର୍ମାନନ୍ଦ ବେହେରା, ଜିଲ୍ଲା ପରିଷଦ ଅତିରିକ୍ତ ଉନ୍ନୟନ ଅଧିକାରୀ ଶାନ୍ତନୁ କୁମାର ନାୟକ, ଜିଲ୍ଲା ଜରୁରୀକାଳୀନ ଅଧିକାରୀ ତାପସ କୁମାର ମହାନ୍ତ, ବିଭିନ୍ନ ବିଭାଗର ବରିଷ୍ଠ ଅଧିକାରୀ ସମେତ ସମସ୍ତ ଜିଲ୍ଲାସ୍ତରୀୟ ମୁଖ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ ।

# ଓଷ୍ଟା ଶିକ୍ଷକ ସଂଘ ପକ୍ଷରୁ ବିଡିଓଙ୍କୁ ସ୍ମାରକପତ୍ର ପ୍ରଦାନ

ନୂଆପଡ଼ା(ନିପ୍ର): ନୂଆପଡ଼ା ଜିଲ୍ଲା ଖଡ଼ିଆଳ ବ୍ଲକ୍ କାର୍ଯ୍ୟାଳୟ ସମ୍ମୁଖରେ ଓଡ଼ିଶା ମାଧ୍ୟମିକ ସ୍କୁଲ ଶିକ୍ଷକ ସଂଘ (ଓଷ୍ଟା) ପକ୍ଷରୁ ୪ ଦଫା ଦାବି ନେଇ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଖଡ଼ିଆଳ ବିଡ଼ିଓ ମିଳନ କୁମାର ଝଙ୍କାରଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି । ମିଳିଥିବା ସୂଚନା ଅନୁଯାୟୀ, ଆଜି ଓଷ୍ଟା ଶିକ୍ଷକ ସଂଘର ବହୁ ଶିକ୍ଷକ, ଶିକ୍ଷୟିତ୍ରୀ ଓ କର୍ମଚାରୀ ଏକ ବିଶାଳ ଶୋଭାଯାତ୍ରାରେ ବାହାରି ବ୍ଲକ୍ କାର୍ଯ୍ୟାଳୟ ପରିସରରେ ପହଂଚିଥିଲେ । ସେଠାରେ ସେମାନେ ନିଜର ନ୍ୟାଯ୍ୟ ଦାବି ସମ୍ପର୍କରେ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିବା ସହ ବିଡ଼ିଓଙ୍କୁ ସ୍ମାରକପତ୍ର ହସ୍ତାନ୍ତର କରିଥିଲେ । ଶିକ୍ଷକ ସଂଘର ୪ ଦଫା ମୁଖ୍ୟ ଦାବିଗୁଡ଼ିକ ହେଲା: ୧. ରାଜ୍ୟର ୧୯୪ ଗୋଟି ବିଦ୍ୟାଳୟକୁ ସରକାରୀ ଅନୁଦାନ ପ୍ରଦାନ । ୨. 'ସମାନ କାମକୁ ସମାନ ଦରମା' ନୀତି ଅନୁଯାୟୀ ନିୟମିତ କାର୍ଯ୍ୟରତ ଶିକ୍ଷକମାନଙ୍କୁ ପାରିଶ୍ରମିକ ପ୍ରଦାନ । ୩. ଶିକ୍ଷକ, ଶିକ୍ଷୟିତ୍ରୀ ଓ କର୍ମଚାରୀମାନଙ୍କ ପାଇଁ ଅବସର ପରବର୍ତ୍ତୀ ପେନସନ୍ ବ୍ୟବସ୍ଥା ଲାଗୁ । ୪. ଅନ୍ୟାନ୍ୟ ସ୍କୁଲର ଛାତ୍ରଛାତ୍ରୀଙ୍କ ଭଳି ଏହି ୧୯୪ ସ୍କୁଲର ଛାତ୍ରଛାତ୍ରୀଙ୍କୁ ମଧ୍ୟ ସରକାରୀ ଛାତ୍ରବୃତି ପ୍ରଦାନ । ଦାବିପତ୍ର ଗ୍ରହଣ କରିବା ପରେ ଖଡ଼ିଆଳ ବିଡ଼ିଓ ମିଳନ କୁମାର ଝଙ୍କାର ପ୍ରକାଶ କରିଛନ୍ତି ଯେ, ଏହି ସ୍ମାରକପତ୍ରକୁ ଉପରସ୍ଥ ଅଧିକାରୀଙ୍କ ଜରିଆରେ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ପାଖକୁ ତୁରନ୍ତ ପଠାଇବାର ବ୍ୟବସ୍ଥା କରାଯିବ ବୋଲି କହିଛନ୍ତି ।

# ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ

ବାରିପଦା(ନିପ୍ର): ଆଦିବାସୀ ବହୁଳ ମୟୁରଭଞ୍ଜ ଜିଲ୍ଲାରେ ଶତକଡା ୮୦ ଭାଗରୁ ଉର୍ଦ୍ଧ୍ୱ ଗରୀବ, ଖଟିଖିଆ, ଦିନ ମଜୁରିଆ, ଙ୍କ ସହିତ ବହୁ ମଧ୍ୟବିତ ପରିବାର ବର୍ଗ ନିଜ ଛୁଆମାନଙ୍କୁ ଶିକ୍ଷିତ କରିବା ନିମନ୍ତେ ମୁଖ୍ୟତଃ ଅଙ୍ଗନବାଡି କେନ୍ଦ୍ର, ପ୍ରାଥମିକ, ଉଚ୍ଚପ୍ରାଥମିକ ବିଦ୍ୟାଳୟ, ହାଇସ୍କୁଲ, କେଜିଭିବି ବାଳିକା ବିଦ୍ୟାଳୟ, ଆଦର୍ଶ ଓ ଏକଲବ୍ୟ ସ୍କୁଲ ସହିତ ଏସଟିଏସି / ମାଇନରଟି ବିଭାଗର ଆଶ୍ରମ, ଏସଏସଡି ବାଳିକା ବିଦ୍ୟାଳୟ ଗୁଡିକ ଉପରେ ନିର୍ଭର କରିଥାନ୍ତି । ଉପଯୁକ୍ତ ଭିତିଭୂମି, ଶିକ୍ଷକ/ କର୍ମଚାରୀ ଅଭାବ ଠାରୁ ମୌଳିକ ବ୍ୟବସ୍ଥାର ସନ୍ତୁଳନ ବିଗଡିଯିବା ଯୋଗୁଁ ଜିଲ୍ଲାର ପାଖାପାଖି ୮ ଲକ୍ଷ ରୁ ଉର୍ଦ୍ଧ୍ୱ ଗରିବ ଛାତ୍ରଛାତ୍ରୀ ଉଚିତ ଶିକ୍ଷା ଗ୍ରହଣରୁ ବଂଚିତ ହେଉଛନ୍ତି ତାସହିତ ସେଥିମଧ୍ୟରୁ ବହୁ ମେଧାବୀ ଛାତ୍ରଛାତ୍ରୀ ମାନେ ମଧ୍ୟ ଉଚ୍ଚ ଶିକ୍ଷାଦାନ ରୁ ବଂଚିତ ହେଉଛନ୍ତି ଏଣୁ ଉକ୍ତ ଦାବୀ ଗୁଡ଼ିକୁ ନେଇ ଆଜି ଭଞ୍ଜସେନା ପ୍ରତିଷ୍ଠାତା କଳିଙ୍ଗ କେଶରୀ ଜେନା ପୁନର୍ବାର ଯଥାଶୀଘ୍ର ସମସ୍ୟା ଗୁଡ଼ିକର ସମାଧାନ ନିମନ୍ତେ ଓଡିଶାର ମୁଖ୍ୟମନ୍ତ୍ରୀଙ୍କୁ ସାମାଜିକ ଗଣମାଧ୍ୟମ 'ଢ'(ଟ୍ୱିଟ୍) ଯୋଗେ ନିବେଦନ କରିଛନ୍ତି । ଉପରୋକ୍ତ ସମସ୍ୟାର ସମାଧାନ ନିମନ୍ତେ ବହୁବାର ଭଞ୍ଜସେନା ସମେତ ଜିଲ୍ଲାର ବହୁ ବୁଦ୍ଧିଜୀବୀ, ଅଭିଭାବକ, ବିଭିନ୍ନ ସଂଗଠନ ପକ୍ଷରୁ ସରକାରଙ୍କୁ ଦାବୀ ଜଣାଇ ଆସୁଥିଲେ ସୁଦ୍ଧା ସରକାର ନିଦାବିଷ୍ଟ ସାଜି ବସିରହିଛନ୍ତି ଏଣୁ ଦୀର୍ଘ ଦିନ ଧରି ଏହି ଅବ୍ୟବସ୍ଥା କୁ ତୁରନ୍ତ ସୁଧାରିବା ନେଇ ଭଞ୍ଜସେନା ପ୍ରତିଷ୍ଠାତା କଳିଙ୍ଗ କେଶରୀ ଜେନାଙ୍କ ଆହ୍ୱାନ କ୍ରମେ ଚଳିତ ଅଗଷ୍ଟ ମାସ ୧୩ ତାରିଖ ଗୁରୁବାର ମୟୁରଭଞ୍ଜ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ କାର୍ଯ୍ୟକ୍ରମ ଆୟୋଜନ କରାଯିବ ଆଉ ଏହି ବିକ୍ଷୋଭ କାର୍ଯ୍ୟକ୍ରମରେ ଜିଲ୍ଲାର ଯୁବଛାତ୍ରଙ୍କ ସମେତ ବହୁ ଅଭିଭାବକ ମାନେ ଯୋଗଦାନ କରିବେ ବୋଲି ଜିଲ୍ଲା ମୁଖପାତ୍ର ଜ୍ୟୋତିରଞ୍ଜନ ପୃଷ୍ଟି ଏକ ପ୍ରେସ୍ ବିବୃତିରେ ଜଣାଇଛନ୍ତି ।

# ବଦଳିଲା ସରକାର ବଦଳିଲାନି ବିଜୁ ସେତୁର ଭାଗ୍ୟ




କୋରେଇ(ନିପ୍ର): ସରକାରୀ ଅବହେଳା ଜମି ଅଧିଗ୍ରହଣର ଜଟିଳତା ଏବଂ ପ୍ରଶାସନିକ ଉଦାସୀନତା ମଧ୍ୟରେ ଆଜି ଏକ ବହୁ କୋଟି ଟଙ୍କାର ବିକାଶ ପ୍ରକଳ୍ପ ନିଜର ଅସ୍ତିତ୍ୱ ବଂଚାଇବାକୁ ସଂଘର୍ଷ କରୁଛି । ପ୍ରାୟ ୨୪ କୋଟି ୭୯ ଲକ୍ଷ ୪୩ ହଜାର ୧୬୦ ଟଙ୍କା ବ୍ୟୟରେ ନିର୍ମାଣ ହୋଇଥିବା ବିଜୁ ସେତୁର ମୁଖ୍ୟ କାମ ବହୁ ପୂର୍ବରୁ ଶେଷ ହୋଇଥିଲେ ମଧ୍ୟ, କେବଳ ସଂଲଗ୍ନ ରାସ୍ତା ନିର୍ମାଣ ହୋଇପାରିନଥିବାରୁ ଏହି ସେତୁ ଆଜି ପର୍ଯ୍ୟନ୍ତ ସାଧାରଣ ଲୋକଙ୍କ କାମରେ ଆସିପାରିନାହିଁ । ଏହି ବହୁ ପ୍ରତୀକ୍ଷିତ ସେତୁ ପ୍ରକଳ୍ପର ଶୁଭ ଭିତିପ୍ରସ୍ତର ୨୦୧୯ ମସିହା ମାର୍ଚ୍ଚ ୩ ତାରିଖରେ ସେତେ ବେଳର କୋରେଇ ବିଧାୟକ ଆକାଶ ଦାସନାୟକ ଭିତିପ୍ରସ୍ତର ସ୍ଥାପନ କରିଥିଲେ । ସେହି ସମୟରେ ସେ ବିଜୁ ଜନତା ଦଳର ବିଧାୟକ ଥିଲେ । ପରବର୍ତ୍ତୀ ସମୟରେ ରାଜନୈତିକ ସମୀକରଣ ବଦଳିବା ସହ ସେ ବର୍ତ୍ତମାନ ଭାରତୀୟ ଜନତା ପାର୍ଟିର ବିଧାୟକ ଭାବେ କୋରେଇର ପ୍ରତିନିଧିତ୍ୱ କରୁଛନ୍ତି । ଏହି ସେତୁରେ ପାଖା ପାଖି ଅଂଚଳର ପ୍ରାୟ ୧୦୫୧୨ ଜଣ ଲୋକ ଉପକୃତ ହୋଇ ଥାନ୍ତେ, ରାଜ୍ୟରେ ସରକାର ପରିବର୍ତ୍ତନ ହୋଇ ଦୁଇ ବର୍ଷରୁ ଅଧିକ ସମୟ ବିତିଯାଇଥିଲେ ମଧ୍ୟ ଏହି ବହୁ କୋଟି ଟଙ୍କାର ସେତୁର ଭାଗ୍ୟରେ କୌଣସି ପରିବର୍ତ୍ତନ ଆସିନାହିଁ । ଆଜି ବି ସେତୁ ନିର୍ମାଣ ହୋଇ ଠିଆ ହୋଇଥିବା ବେଳେ ସଂଯୋଗକାରୀ ରାସ୍ତା ନଥିବାରୁ ଏହା ଲୋକଙ୍କ ପାଇଁ ଅକାମୀ ହୋଇ ପଡ଼ିଛି । ବିଭାଗୀୟ ଯନ୍ତ୍ରୀଙ୍କ କହିବା ଅନୁଯାୟୀ, ଜମି ଅଧିଗ୍ରହଣ ପ୍ରକ୍ରିୟା ସମ୍ପୂର୍ଣ୍ଣ ହୋଇନଥିବାରୁ ସଂଲଗ୍ନ ରାସ୍ତା ନିର୍ମାଣ କାର୍ଯ୍ୟ ଅଟକି ରହିଛି । ଫଳରେ ସମଗ୍ର ପ୍ରକଳ୍ପ ଅଧାରେ ଅଟକି ଯାଇଛି ଏବଂ ସେତୁଟି ସାଧାରଣ ଲୋକଙ୍କ ବ୍ୟବହାରରେ ଆସିପାରୁନାହିଁ । ସ୍ଥାନୀୟ ଅଂଚଳବାସୀଙ୍କ କହିବା ଅନୁଯାୟୀ, ଏହି ସେତୁ ଚାଲୁ ହେଲେ ଅନେକ ଗ୍ରାମର ଯାତାୟାତ ସୁଗମ ହେବା ସହ ସମୟ ଓ ଦୂରତା ଉଭୟ କମିବ । କିନ୍ତୁ ବର୍ଷ ବର୍ଷ ଧରି ପ୍ରଶାସନିକ ଜଟିଳତା ଯୋଗୁଁ ସାଧାରଣ ଲୋକଙ୍କ ସ୍ୱପ୍ନ ଅଧୁରା ରହିଯାଇଛି । ଏବେ ପ୍ରଶ୍ନ ଉଠୁଛି ଯେତେବେଳେ କୋଟି କୋଟି ଟଙ୍କା ବ୍ୟୟ କରି ସେତୁ ନିର୍ମାଣ ସରିଯାଇଛି, ତେବେ କେବଳ ଜମି ଅଧିଗ୍ରହଣ ଓ ସଂଯୋଗକାରୀ ରାସ୍ତା କାର୍ଯ୍ୟ ସମ୍ପୂର୍ଣ୍ଣ କରିବାରେ ପାଂଚ ବର୍ଷରୁ ଅଧିକ ସମୟ କାହିଁକି ଲାଗୁଛି । ଏହା ପାଇଁ ଦାୟୀ କିଏ ? ଲୋକଙ୍କ ଟିକସ ଅର୍ଥରେ ନିର୍ମିତ ଏହି ବହୁ କୋଟି ଟଙ୍କାର ପ୍ରକଳ୍ପ ଆଉ କେତେଦିନ ଧରି ଏଭଳି ଅବ୍ୟବହୃତ ଅବସ୍ଥାରେ ପଡ଼ିରହିବ । ଅଂଚଳବାସୀଙ୍କ ଦାବି ରାଜ୍ୟ ସରକାର ଓ ଜିଲ୍ଲା ପ୍ରଶାସନ ତୁରନ୍ତ ଜମି ଅଧିଗ୍ରହଣ ସମସ୍ୟାର ସମାଧାନ କରି ସଂଯୋଗକାରୀ ରାସ୍ତା କାମ ସମ୍ପୂର୍ଣ୍ଣ କରନ୍ତୁ ଏବଂ ବହୁ ପ୍ରତୀକ୍ଷିତ ବିଜୁ ସେତୁକୁ ସାଧାରଣ ଲୋକଙ୍କ ପାଇଁ ଉତ୍ସର୍ଗ କରନ୍ତୁ । ନଚେତ୍ ଆଗାମୀ ଦିନରେ ଏହି ପ୍ରକଳ୍ପ ସରକାରୀ ଅବହେଳାର ଆଉ ଏକ ଜ୍ୱଳନ୍ତ ଉଦାହରଣ ପାଲଟିବ ।

# ପ୍ୟାରୀମୋହନ ଆଚାର୍ଯ୍ୟଙ୍କ ଜୟନ୍ତୀ ଅବସରରେ ସାରସ୍ୱତ ସନ୍ଧ୍ୟା



କଟକ: (ନି. ପ୍ର.) ଓଡ଼ିଶା ସାହିତ୍ୟ ଏକାଡେମୀ ଓ ମାହାଙ୍ଗା ବିକାଶ ପରିଷଦର ମିଳିତ ସହଯୋଗରେପ୍ୟାରୀମୋହନ ଆଚାର୍ଯ୍ୟଙ୍କ ୧୭୫ତମ ରାଜ୍ୟସ୍ତରୀୟ ଜୟନ୍ତୀରେ ବାଣୀପୀଠ ଶ୍ରୀରାମଚନ୍ଦ୍ର ଭବନରେ ଏକ ସାରସ୍ୱତ ସଭା ଅନୁଷ୍ଠିତ ହୋଇଯାଇଛି । ଏହି ସଭାରେ ମୁଖ୍ୟଅତିଥି ମାନ୍ୟବର ମାହାଙ୍ଗା ବିଧାୟକ ତଥା ମାହାଙ୍ଗା ବିକାଶ ପରିଷଦର ଅଧ୍ୟକ୍ଷ ଶ୍ରୀଯୁକ୍ତ ଶାରଦା ପ୍ରସାଦ ପ୍ରଧାନ ମୁଖ୍ୟବକ୍ତା ଭାବରେ ବିଶିଷ୍ଟ ଶିକ୍ଷାବିତ୍ ପ୍ରଫେସର ଡକ୍ଟର ନଟବର ଶତପଥୀ, ସମ୍ମାନନୀୟ ବକ୍ତା ଉତ୍କଳ ସାହିତ୍ୟ ସମାଜର ସାଧାରଣ ସମ୍ପାଦକ ରାଜୀବ କୁମାର ଷଡ଼ଙ୍ଗୀ, ସଭାମୁଖ୍ୟ ତଥା ସଭାପତି ଭାବରେ ସଭା ପରିଚାଳନା କରିଥିଲେ ବିଶିଷ୍ଟ ସାହିତ୍ୟିକ ଡକ୍ଟର ବାବାଜୀ ଚରଣ ପଟ୍ଟନାୟକ, ଓଡ଼ିଶା ସାହିତ୍ୟ ଏକାଡେମୀର ସମ୍ପାଦକ ଡକ୍ଟର ଚନ୍ଦ୍ର ଶେଖର ହୋତା ପ୍ରମୁଖ ମଂଚ ମଣ୍ଡନ କରି ମାହାଙ୍ଗା ମାଟିର ପୁଅ ଶିକ୍ଷାବିତ୍ ଏବଂ ପ୍ରଥମ ଓଡ଼ିଆ ଇତିହାସ ଲେଖିଥିବା ଓଡ଼ିଶାର ବରପୁତ୍ର ପ୍ୟାରୀମୋହନ ଆଚାର୍ଯ୍ୟଙ୍କ ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ପ୍ରତି ଥିବା ଭଲ ପାଇବା ଓ ତ୍ୟାଗ ଓ ନିଜକୁ ସ୍ୱାଭିମାନୀ ଓଡ଼ିଆ କହି ପାରୁଥିବା ମହାପୁରୁଷଙ୍କ ଜୀବନୀ ଉପରେ ଆଲୋଚନା କରିଥିଲେ । ଏହି ଅବସରରେ କର୍ପୋରେଟର ଗଗନ ଓଝା, ସଂଯୋଜକ ପନ୍ନଗ ଭୂଷଣ ଦାସ, କୃଷ୍ଣ ଚନ୍ଦ୍ର ମଲ୍ଲିକ, ଶୁଭେନ୍ଦୁ ମହାନ୍ତି, ଶିଶିର କୁମାର ଭୂୟାଁ, ବିଚିତ୍ର ପଣ୍ଡା, ବିଶ୍ୱେଶ୍ୱର ମହାନ୍ତି, ଜିତେନ୍ଦ୍ର ଶତପଥୀ, ଡକ୍ଟର ମନୋରଞ୍ଜନ ବେହୁରା, ହେମନ୍ତ କୁମାର ସେଠୀ, ସଞ୍ଜୟ ଦାସ, ଶିବ ନାରାୟଣ ନାୟକ, ସୁଶୀଲ ସ୍ୱାଇଁ, ନବ କୁମାର ଦାସ, ପୂର୍ଣ୍ଣ ଚନ୍ଦ୍ର ମିଶ୍ର ପ୍ରମୁଖ ସହଯୋଗ କରି କାର୍ଯ୍ୟକ୍ରମକୁ ସାଫଲ୍ୟ ମଣ୍ଡିତ କରିଥିଲେ ।

# ହସ୍ପିଟାଲରେ ୧୦୦ରୁ ଉର୍ଦ୍ଧ୍ୱ ମହୁଫେଣା: ବିପଦରେ ରୋଗୀଙ୍କ ଜୀବନ

ନୂଆପଡ଼ା(ନିପ୍ର): ନୂଆପଡ଼ା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ରୋଗୀସେବା ବଦଳରେ ସୁରକ୍ଷାକୁ ନେଇ ବଡ଼ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ହସ୍ପିଟାଲ କୋଠାର ଚାରିପାଖରେ ୧୦୦ରୁ ଅଧିକ ବଡ଼ ବଡ଼ ମହୁଫେଣା ଝୁଲୁ ଥିବାର ଦେଖିବାକୁ ମିଳିଛି, ଯାହା ଆସନ୍ନପ୍ରସବା, ଶିଶୁ ଓ ବୃଦ୍ଧବୃଦ୍ଧାଙ୍କ ପାଇଁ ପ୍ରାଣଘାତୀ ସାବ୍ୟସ୍ତ ହୋଇପାରେ ।

ବିପଦର ଆଶଙ୍କା: ଗୋଟିଏ ଫେଣାରେ ୫୦ରୁ ୮୦ ହଜାର ମହୁମାଛି ରହୁଥିବା ବେଳେ, କୌଣସି କାରଣରୁ ମାଛି ବିଚଳିତ ହେଲେ ଲକ୍ଷ ଲକ୍ଷ ମହୁମାଛିଙ୍କ ଏକାଠି ଆକ୍ରମଣ (Swarm Attack) ସାଂଘାତିକ ବିପର୍ଯ୍ୟୟ ଘଟାଇପାରେ । ଦୈନନ୍ଦିନ ପରିଚାଳନା ଦାୟିତ୍ୱରେ ଥିବା ହସ୍ପିଟାଲ ମ୍ୟାନେଜର, ଉଗଡ ଏବଂ ପରିଦର୍ଶନରେ ଆସୁଥିବା ବରିଷ୍ଠ ଅଧିକାରୀଙ୍କ ନଜର ଏହା ଉପରେ ନପଡ଼ିବା ପ୍ରଶାସନିକ ଅବହେଳାକୁ ପଦାରେ ପକାଇଛି । ହସ୍ପିଟାଲରେ ସୁରକ୍ଷା ଅଡିଟ୍ କରାଯାଇ କୌଣସି ଅଘଟଣ ଘଟିବା ପୂର୍ବରୁ ତୁରନ୍ତ ଏହି ମହୁଫେଣାଗୁଡ଼ିକୁ ହଟାଇବାକୁ ସାଧାରଣରେ ଦାବି ହେଉଛି ।

# ସ୍ୱତନ୍ତ୍ର ଆର୍ଥିକ ପ୍ୟାକେଜ୍ ପାଇଁ ମୁଖ୍ୟମନ୍ତ୍ରୀଙ୍କୁ ବିଧାୟକଙ୍କ ଚିଠି

ନୂଆପଡ଼ା(ନିପ୍ର): ସାମ୍ପ୍ରତିକ ଲଘୁଚାପ ଜନିତ ଲଗାଣ ବର୍ଷା ଫଳରେ ନୂଆପଡ଼ା ଜିଲ୍ଲାରେ ଭୟଙ୍କର ବନ୍ୟା ପରିସ୍ଥିତି ସୃଷ୍ଟି ହୋଇ ବ୍ୟାପକ କ୍ଷୟକ୍ଷତି ଘଟିଛି । ଏହି ବିପର୍ଯ୍ୟୟରୁ ଅଂଚଳବାସୀଙ୍କୁ ଆଶ୍ୱାସନା ଦେବା ଓ କ୍ଷତିପୂରଣ ଯୋଗାଇଦେବା ପାଇଁ ଖଡ଼ିଆଳ ବିଧାୟକ ଅଧିରାଜ ମୋହନ ପାଣିଗ୍ରାହୀ ମୁଖ୍ୟମନ୍ତ୍ରୀଙ୍କୁ ଏକ ଚିଠି ଲେଖି ସ୍ୱତନ୍ତ୍ର ଆର୍ଥିକ ପ୍ୟାକେଜ୍ ମଞ୍ଜୁର କରିବାକୁ ଦାବି କରିଛନ୍ତି । ବିଧାୟକ ଶ୍ରୀ ପାଣିଗ୍ରାହୀ ବନ୍ୟା ପ୍ରଭାବିତ ଅଂଚଳ ଗସ୍ତ କରି ସ୍ଥିତି ଅନୁଧ୍ୟାନ କରିବା ସମୟରେ ଚାଷୀ ଓ ସାଧାରଣ ଜନତାଙ୍କ ଅବର୍ଣ୍ଣନୀୟ ଦୁର୍ଦ୍ଦଶା ଦେଖିବାକୁ ପାଇଥିଲେ । ପ୍ରବଳ ବନ୍ୟା ଜଳ ସାଙ୍ଗକୁ ଚାଷଜମିରେ ୨ ରୁ ୩ ଫୁଟ ବାଲିର ଆସ୍ତରଣ ଚଢ଼ିଯାଇଥିବାରୁ ଜମିଗୁଡ଼ିକ ସମ୍ପୂର୍ଣ୍ଣ ଅକାମୀ ହୋଇପଡ଼ିଛି । ଚାଷୀମାନେ ନିଜସ୍ୱ ଉଦ୍ୟମରେ ଏହି ବାଲି ହଟାଇବା ଅସମ୍ଭବ ହୋଇଥିବାରୁ ଆଗାମୀ କିଛି ବର୍ଷ ପର୍ଯ୍ୟନ୍ତ ସେଠାରେ ଚାଷକାର୍ଯ୍ୟ ହୋଇପାରିବ ନାହିଁ । ଏଣୁ କ୍ଷତିଗ୍ରସ୍ତ ଚାଷୀଙ୍କୁ ଉପଯୁକ୍ତ କ୍ଷତିପୂରଣ ପ୍ରଦାନ ସହ ଜମିର ସମ୍ପୂର୍ଣ୍ଣ ମରାମତି ଓ ବିକାଶ ପାଇଁ ସରକାର ସ୍ୱତନ୍ତ୍ର ଯୋଜନା ପ୍ରଣୟନ କରିବାକୁ ସେ ଅନୁରୋଧ କରିଛନ୍ତି । ଏହା ସହିତ, ଲଗାଣ ବର୍ଷା ଓ ବନ୍ୟା ଯୋଗୁଁ ଜିଲ୍ଲାର ଗୁରୁତ୍ୱପୂର୍ଣ୍ଣ ଚଡଉ, ଜଉ ଓ ଗ୍ରାମ୍ୟ ସଡ଼କ, କଲଭର୍ଟ ଏବଂ ଗ୍ରାମରୁ ନଦୀଘାଟକୁ ସଂଯୋଗ କରୁଥିବା ରାସ୍ତାଘାଟ ସମ୍ପୂର୍ଣ୍ଣ ବିଚ୍ଛିନ୍ନ ହୋଇଯାଇଛି । ବିଶେଷ କରି ବିରିଘାଟ-ଗୋଡ ଧାପଦର କଲଭର୍ଟ ଭାଙ୍ଗି କଂକ୍ରିଟରେ ବଡ଼ ଫାଟ ସୃଷ୍ଟି ହୋଇଥିବା ବେଳେ ଏହାର ଆପ୍ରୋଚ୍ ରୋଡ୍ ଭାସିଯାଇ ଯୋଗାଯୋଗ ବ୍ୟବସ୍ଥା ସମ୍ପୂର୍ଣ୍ଣ ବିପର୍ଯ୍ୟସ୍ତ ହୋଇପଡ଼ିଛି । ଅନେକ ସ୍ଥାନରେ ବିଦ୍ୟୁତ୍ ଖୁଂଟ ଉପୁଡ଼ି ପଡ଼ିଥିବାରୁ ବିଦ୍ୟୁତ ସରବରାହ ମଧ୍ୟ ବାଧାପ୍ରାପ୍ତ ହୋଇଛି । ଏସବୁ ସମସ୍ୟାର ତୁରନ୍ତ ସ୍ଥାୟୀ ସମାଧାନ ପାଇଁ ବିଧାୟକ ମୁଖ୍ୟମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି ।

# ଜିଲ୍ଲା ବ୍ୟାଡ଼ମିଂଟନ ପ୍ରତିଯୋଗିତାରେ ୩୦୦ରୁ ଉର୍ଦ୍ଧ୍ୱ ପ୍ରତିଯୋଗୀ




ଝାରସୁଗୁଡା-ଝାରସୁଗୁଡ଼ା ଜିଲ୍ଲା ବ୍ୟାଡ଼ମି[ନ ଆସୋସିଏସନ ତରଫରୁ ସ୍ଥାନୀୟ ପୌର ପରିଷଦ ଅଡିଟୋରିଅମ ହଲରେ ୬ଷ୍ଠ ଜିଲ୍ଲାସ୍ତରୀୟ ବ୍ୟାଡ଼ମି[ନ ପ୍ରତିଯୋଗିତା ବିଭିନ୍ନ ବୟସ ବର୍ଗରେ ଆରମ୍ଭ ହୋଇଛି । ଏହି ପ୍ରତିଯୋଗିତାକୁ ଝାରସୁଗୁଡା ଜିଲ୍ଲାପାଳ କୁଣାଲ ମୋତିରାମ ଚହ୍ୱାଣ ପ୍ରଦୀପ ପ୍ରଜ୍ୱଳନ କରି ଉଦ୍ଘାଟନ ଘୋଷଣା କରି ଥିଲେ । ଅନ୍ୟ ସମ୍ମାନୀୟ ଅତିଥି ଭାବରେ ୨ୟ ଓ.ଏସ.ଏପିର ଦୁର୍ଗପତି ପ୍ରସାଦ ତମାଙ୍ଗ , ଅଧିକ୍ଷଣ ଯନ୍ତ୍ରୀ ଆଶିଷ ଲେଙ୍କା, ଜିଲ୍ଲା କ୍ରୀଡା ଅଧିକାରୀ ଅମ୍ରିତ ଆଚାର୍ଯ୍ୟ, ପୌରପରିଷଦର କାର୍ଯ୍ୟ ନିର୍ବାହୀ ଅଧିକାରୀ ନିଶିକାନ୍ତ ଟେଟେ ଯୋଗ ଦେଇ ଥିଲେ । ଏହି ପ୍ରତିଯୋଗିତାରେ ଜିଲ୍ଲାର ବିଭିନ୍ନ ଅଂଚଳର ବିଭିନ୍ନ ବାଳକ ବାଳିକା ପ୍ରତିଯୋଗି ମାନେ ଅଂଶ ଗ୍ରହଣ କରିଛନ୍ତି । ଏହି ପ୍ରତିଯୋଗିତା ୪ ଦିନ ଧରି ଅନୁଷ୍ଠିତ ହେବ । ବ୍ୟାଡ଼ମି[ନ ଆସୋସିଏସନର ଉପଦେଷ୍ଟା ଜୀବନ ମହାନ୍ତି, ସନ୍ଦିପ ଅଗସ୍ତି,ସମ୍ପାଦକ ଶୁଭମ ଶର୍ମା ,କୋଷାଦକ୍ଷ ନୃପ ଭୋଇ,ଉପ-ସଭାପତି ବିଜୟ ମୁଦ୍ରା, ଦିପକ ଶର୍ମା ,ଅରୁଣ ମୁଦ୍ରା, ବାଲାଜୀ ସାକସେନା, କ୍ଷୀରୋଦ ରାଉତ, ନାରାୟଣ କେଡିଆ, ନରେଶ ସରାୱ୍ଗୀ, ଓ ସନ୍ତୋଷ ଡିଡୱାନିଆ ପ୍ରଭୃତି ଉପସ୍ଥିତ ଥିଲେ ।

# ହସ୍ତତନ୍ତ: ବିକଶିତ ଭାରତର ଭବିଷ୍ୟତ



ଶ୍ରୀ ଗିରିରାଜ ସିଂହ

ଏକ ବିକଶିତ ରାଷ୍ଟ୍ର ଗଠନ କେବଳ ପ୍ରଯୁକ୍ତିବିଦ୍ୟା ଦ୍ୱାରା ପରିଭାଷିତ ନୁହେଁ । ଏହା ସ୍ଥାୟୀ ଶକ୍ତିକୁ ଭବିଷ୍ୟତର ଅଭିବୃଦ୍ଧିର ଇଞ୍ଜିନରେ ରୂପାନ୍ତରିତ କରିବାର କ୍ଷମତା ଦ୍ୱାରା ପରିଚାଳିତ । ଆମ ଦେଶ ବିକଶିତ ଭାରତ ୨୦୪୭ ଆଡକୁ ଅଗ୍ରଗତି କରୁଥିବାରୁ, ଆମେ ଅଗ୍ରଣୀ ପ୍ରଯୁକ୍ତିବିଦ୍ୟାରେ ନିବେଶ କରୁଛୁ, ଉତ୍ପାଦନକୁ ମଜବୁତ କରୁଛୁ ଏବଂ ବିଶ୍ୱସ୍ତରୀୟ ପ୍ରତିଯୋଗିତାମୂଳକ ଶିଳ୍ପ ନିର୍ମାଣ କରୁଛୁ । ତଥାପି ଆମର ସବୁଠାରୁ ବଡ଼ ଶକ୍ତି ମଧ୍ୟରୁ ଗୋଟିଏ ଆମ ସହିତ ରହିଛି - ଆମର ହସ୍ତତନ୍ତ ପରମ୍ପରା । ୭ ଅଗଷ୍ଟରେ, ଭାରତ ୧୨ତମ ଜାତୀୟ ହସ୍ତତନ୍ତ ଦିବସ ପାଳନ କରୁଥିବାରୁ, ହସ୍ତତନ୍ତକୁ ବିଶ୍ୱ ପାଇଁ ଏକ ରଣନୈତିକ କ୍ଷେତ୍ର ଭାବରେ ଦେଖିବାର ସମୟ ଆସିଛି ଯାହା ସ୍ଥିରତା, ପ୍ରାମାଣିକତା ଏବଂ ସ୍ଥିର ଯୋଗାଣ ଶୃଙ୍ଖଳକୁ ମୂଲ୍ୟ ଦିଏ । ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀଙ୍କ ବିକଶିତ ଭାରତ ୨୦୪୭ ର ଦୃଷ୍ଟିକୋଣ ସମୃଦ୍ଧି, ଆତ୍ମନିର୍ଭରଶୀଳତା, ଅନ୍ତର୍ଭୁକ୍ତି ଏବଂ ସାଂସ୍କୃତିକ ଆତ୍ମବିଶ୍ୱାସ ଉପରେ ନିର୍ମିତ । ହସ୍ତତନ୍ତ ଐତିହ୍ୟ ଏବଂ ନବସୃଜନକୁ ଏକତ୍ର କରି ଏହି ଦୃଷ୍ଟିକୋଣକୁ ମୂର୍ତ୍ତିମନ୍ତ କରିଥାଏ, ଯେତେବେଳେ ମହିଳା-ନେତୃତ୍ୱାଧୀନ ବିକାଶ, ଗ୍ରାମୀଣ ଉଦ୍ୟୋଗ, ଜୀବିକା ଏବଂ ବିଶ୍ୱସ୍ତରୀୟ ପ୍ରତିଯୋଗିତାକୁ ଆଗେଇ ନେଇଥାଏ । ରାମଚରିତମାନସ ଆମକୁ ମନେ ପକାଇ ଦିଏ, ' ସିରଜ ଧୀର ଜତେ ହିର ଥଚାକା । ସତ୍ୟସି ଲଢ଼ଧ୍ୱଜା ପତାକାା ବଲ ବିବେକ ଦମ ପରହିତ ଧୋରେ । କ୍ଷମାକୃପା ସମର୍ଥ ଜୁଜୋରୋ । ବିଜୟ ରଥ ପ୍ରବଚନରେ, ପ୍ରଭୁ ରାମ ଶିକ୍ଷା ଦିଅନ୍ତି ଯେ ସ୍ଥାୟୀ ବିଜୟ ଶକ୍ତି ଉପରେ ନୁହେଁ, ବରଂ ମୂଲ୍ୟବୋଧ ଉପରେ ନିର୍ମିତ । ସେହି ମୂଲ୍ୟବୋଧ ଗୁଡ଼ିକ ଶତାବ୍ଦୀ ଧରି ଭାରତର ହସ୍ତତନ୍ତ ପରମ୍ପରାକୁ ବଜାୟ ରଖିଛି । ପ୍ରତ୍ୟେକ ହସ୍ତତନ୍ତ କପଡ଼ା ପରମ୍ପରାକୁ ସଂରକ୍ଷଣ କରିବାର ସାହସ, ପ୍ରତ୍ୟେକ ସୂତାକୁ ସିଦ୍ଧ କରିବାର ଧୈର୍ଯ୍ୟ, ସଚ୍ଚୋଟ କାରିଗରୀର ଅଖଣ୍ଡତା ଏବଂ ପିଢ଼ି ପରେ ପିଢ଼ି ଚାଲି ଆସିଥିବା ଜ୍ଞାନକୁ ପ୍ରତିଫଳିତ କରେ । ସେଥିପାଇଁ ହସ୍ତତନ୍ତ କେବଳ ଏକ କାରିଗରୀ ନୁହେଁ, ବରଂ ଭାରତର ସର୍ବୋତମ ସଭ୍ୟତା ଶକ୍ତି ମଧ୍ୟରୁ ଗୋଟିଏ । ସିନ୍ଧୁ ଉପତ୍ୟକା ସଭ୍ୟତାରୁ, ଯେଉଁଠାରେ ପ୍ରଥମେ କପା ଚାଷ ଆରମ୍ଭ ହୋଇଥିଲା, ଅଷ୍ଟାଦଶ ଶତାବ୍ଦୀ ପର୍ଯ୍ୟନ୍ତ ଭାରତୀୟ ବସ୍ତ୍ର ବିଶ୍ୱ ବାଣିଜ୍ୟରେ ପ୍ରାଧାନ୍ୟ ବିସ୍ତାର କରିବା ସହିତ ବସ୍ତ୍ର ଉତ୍କର୍ଷତାରେ ବିଶ୍ୱ ମାନଦଣ୍ଡ ସ୍ଥାପନ କରିଛି । ୨୫ ମିଟର ଲମ୍ବ ବଙ୍ଗଳାର ପ୍ରସିଦ୍ଧ ମସଲିନ୍, ଏତେ ସୂକ୍ଷ୍ମ ଯେ ଏକ ମୁଦି ଦେଇ ଗତି କରିପାରିବ । ବନାରସୀ ରେଶମ, କାଁଚିପୁରମ ବୟନ, ପୋଚମପଲ୍ଲୀ ଇକତ ଏବଂ ଅଗଣିତ ଆଂଚଳିକ ପରମ୍ପରା ସହିତ, ଭାରତ ପାଇଁ ବିଶ୍ୱବ୍ୟାପୀ ପ୍ରଶଂସା ଅର୍ଜନ କରିଛି । ଆଜି, ଯେତେବେଳେ ବିଶ୍ୱ ପ୍ରାମାଣିକ, ସ୍ଥାୟୀ ଏବଂ ହସ୍ତଶିଳ୍ପ ଉତ୍ପାଦ ଆଡକୁ ମୁହାଁଇଛି, ଆମ ପାଖରେ ସେହି ନେତୃତ୍ୱ ପୁନଃପ୍ରାପ୍ତ କରିବାର ଏକ ଐତିହାସିକ ସୁଯୋଗ ଅଛି । ଆମର ପରବର୍ତ୍ତୀ ହସ୍ତଶିଳ୍ପ ବିପ୍ଳବ କେବଳ ବସ୍ତ୍ର ନୁହେଁ, ବରଂ କାରିଗରୀ, ଐତିହ୍ୟ, ନବସୃଜନ ଏବଂ ବିଶ୍ୱାସ ସୃଷ୍ଟି କରିବା ଉଚିତ, ଯାହା ପ୍ରତ୍ୟେକ ହସ୍ତଶିଳ୍ପ ଉତ୍ପାଦକୁ ବ୍ରାଣ୍ଡ ଇଣ୍ଡିଆର ଦୂତ କରିବ । ହସ୍ତଶିଳ୍ପ ହେଉଛି ଭାରତର ସର୍ବବୃହତ କୁଟୀର ଶିଳ୍ପ, ଯାହା ୩୫ ଲକ୍ଷରୁ ଅଧିକ ବୁଣାକାର ଏବଂ ସହଯୋଗୀ ଶ୍ରମିକଙ୍କୁ ଜୀବିକା ପ୍ରଦାନ କରେ, ଯାହାଙ୍କ ମଧ୍ୟରୁ ପ୍ରାୟ ୭୨ ପ୍ରତିଶତ ମହିଳା । ଗତ ଦଶନ୍ଧି ମଧ୍ୟରେ, ସରକାର କଂଚାମାଲ ଯୋଗାଣ ଯୋଜନା, ୭୯୭ ଟି ହସ୍ତତନ୍ତ କ୍ଲଷ୍ଟର, ୧.୨୪ ଲକ୍ଷରୁ ଅଧିକ ଉନ୍ନତ ତନ୍ତୁ, ପ୍ରାୟ ୯୭,୦୦୦ କାରିଗରଙ୍କ ପାଇଁ ଦକ୍ଷତା ଉନ୍ନତିକରଣ ଏବଂ ଉତ୍ପାଦକ କମ୍ପାନୀ, ଜିଆଇ ଟ୍ୟାଗ୍ ହୋଇଥିବା ଉତ୍ପାଦ, ହସ୍ତତନ୍ତ ଚିହ୍ନ, ଭାରତ ହସ୍ତତନ୍ତ ପ୍ରମାଣପତ୍ର, ସହରାଂଚଳ ହାଟ ଏବଂ ଡିଜାଇନ୍ ସମ୍ବଳ କେନ୍ଦ୍ର ଭଳି ପଦକ୍ଷେପ ମାଧ୍ୟମରେ ଏହି କ୍ଷେତ୍ରକୁ ସୁଦୃଢ଼ କରିଛନ୍ତି । ଆଜି, ୨୯ ଟି ବୁଣାକାର ସେବା କେନ୍ଦ୍ର ତାଲିମ, ଦକ୍ଷତା ବୃଦ୍ଧି, ଡିଜାଇନ୍ ବିକାଶ, କଂଚାମାଲ ସହାୟତା ଏବଂ ବଜାର ସଂଯୋଗ ମାଧ୍ୟମରେ ସମସ୍ତ ସହାୟତା ପ୍ରଦାନ କରୁଛନ୍ତି, ଯେତେବେଳେ ୧୧ ଟି ଭାରତୀୟ ହସ୍ତତନ୍ତ ପ୍ରଯୁକ୍ତି ପ୍ରତିଷ୍ଠାନକୁ ଉନ୍ନତ ତାଲିମ ବିସ୍ତାର କରିବା ଏବଂ ସ୍ୱତନ୍ତ୍ର, ଉଚ୍ଚ ମୂଲ୍ୟର ହସ୍ତତନ୍ତ ଉତ୍ପାଦ ବିକଶିତ କରିବା ପାଇଁ ସୁଦୃଢ଼ କରାଯାଉଛି । ଏହି ପଦକ୍ଷେପଗୁଡ଼ିକ ହସ୍ତତନ୍ତକୁ ଏକ କଲ୍ୟାଣକାରୀ କାର୍ଯ୍ୟକଳାପ ଭାବରେ ସମର୍ଥନ କରିବା ଠାରୁ ଏହାକୁ ଏକ ବିଶ୍ୱସ୍ତରୀୟ ପ୍ରତିଯୋଗିତାମୂଳକ ସୃଜନଶୀଳ ଶିଳ୍ପ ଭାବରେ ଗଠନ କରିବା ପାଇଁ ଏକ ପରିବର୍ତ୍ତନକୁ ଚିହ୍ନିତ କରୁଛି । ଆଗାମୀ ଜାତୀୟ ହସ୍ତତନ୍ତ ଏବଂ ହସ୍ତଶିଳ୍ପ କାର୍ଯ୍ୟକ୍ରମ ୫୦୦ ଜିଲ୍ଲାରେ ୧୮୦୦ କ୍ଲଷ୍ଟରକୁ ସୁଦୃଢ଼ କରିବ, ୬୫ ଲକ୍ଷ ବୁଣାକାର ଏବଂ କାରିଗରଙ୍କୁ ଲାଭ ଦେବ ଏବଂ ଭାରତରେ ହସ୍ତତନ୍ତକୁ ଏକ ବିଶ୍ୱସ୍ତରୀୟ ସ୍ୱୀକୃତିପ୍ରାପ୍ତ ବ୍ରାଣ୍ଡ ଭାବରେ ପ୍ରତିଷ୍ଠା କରିବ । ନବସୃଜନ ସର୍ବଦା ଭାରତର ହସ୍ତତନ୍ତ ଯାତ୍ରାର ଏକ ଅଂଶ ହୋଇଆସିଛି । ମହାତ୍ମା ଗାନ୍ଧୀଙ୍କ ଅମ୍ବର ଚରଖା ସୂତାକୁ ସହଜ, ଦ୍ରୁତ ଏବଂ ଅଧିକ ଦକ୍ଷ କରିଥିଲା, ଆତ୍ମ ନିର୍ଭରଶୀଳତାର ଦୃଷ୍ଟିକୋଣକୁ ଆଗକୁ ବଢାଇଥିଲା । ସମ୍ପ୍ରତି, ଆସାମର ମୈନା ଲୁମ୍ ଏବଂ ଶିବସାଗରରେ ବିକଶିତ ଚିତ୍ରଞ୍ଜନ ହସ୍ତତନ୍ତ ଦେଖାଇଛି ଯେ କିପରି ଉନ୍ନତ ତନ୍ତ ଡିଜାଇନ୍ ବୟନକୁ ସହଜ ଏବଂ ଅଧିକ ଉତ୍ପାଦନକ୍ଷମ କରିପାରିବ । ଏହି ଐତିହ୍ୟ ଉପରେ ନିର୍ମାଣ କରି, ଭାରତୀୟ ପ୍ରଯୁକ୍ତିବିଦ୍ୟା ପ୍ରତିଷ୍ଠାନ ସହିତ ପ୍ରତିଷ୍ଠିତ ହସ୍ତତନ୍ତ ପ୍ରଯୁକ୍ତିବିଦ୍ୟା ପାଇଁ ଉତ୍କର୍ଷ କେନ୍ଦ୍ର, ହାଲୁକା, ଶକ୍ତିଶାଳୀ ଏବଂ ବ୍ୟବହାର କରିବାକୁ ସହଜ ତନ୍ତ ବିକଶିତ କରୁଛି ଯାହା ଶାରୀରିକ ପରିଶ୍ରମକୁ ହ୍ରାସ କରେ ଏବଂ ଉତ୍ପାଦକତାକୁ ଉନ୍ନତ କରେ, ଯାହାକି ଅକ୍ଷମ ବ୍ୟକ୍ତିମାନଙ୍କ ପାଇଁ ମଧ୍ୟ ଅନ୍ତର୍ଭୁକ୍ତ । କେନ୍ଦ୍ର ଅଧୀନରେ, ହସ୍ତତନ୍ତ ୪.୦ ପଦକ୍ଷେପ ଉତ୍ପାଦକତା, ଗୁଣବତା ଏବଂ ରକ୍ଷଣାବେକ୍ଷଣ ପାଇଁ ଡିଜିଟାଲ୍ ଉପକରଣ ଏବଂ କୃତ୍ରିମ ବୁଦ୍ଧିମତା ବ୍ୟବହାର କରେ, ଏବଂ ରାଜ୍ୟ ସାରା ବିସ୍ତାର କରିବା ପୂର୍ବରୁ ୧୦୦ ତନ୍ତରେ ପରୀକ୍ଷାମୂଳକ ଭାବେ କାର୍ଯ୍ୟକାରୀ କରାଯାଉଛି । ପ୍ରଯୁକ୍ତିବିଦ୍ୟା କାରିଗରଙ୍କୁ ସଶକ୍ତ କରିବା ଉଚିତ, କାରିଗରଙ୍କ ସ୍ଥାନ ନେବା ଉଚିତ ନୁହେଁ । ଭିଜନେକ୍ସଟ ଭିଜନଏକ୍ସଟ ଭଳି ପ୍ଲାଟଫର୍ମ ଚାହିଦା ପୂର୍ବାନୁମାନ କରିବାରେ, ଡିଜାଇନ୍ ଧାରା ଚିହ୍ନଟ କରିବାରେ, ପ୍ରକୃତ ହସ୍ତତନ୍ତ ଉତ୍ପାଦଗୁଡ଼ିକୁ ପ୍ରମାଣିତ କରିବାରେ ଏବଂ ବୁଣାକାରମାନଙ୍କୁ ସିଧାସଳଖ ବିଶ୍ୱ ବଜାର ସହିତ ସଂଯୋଗ କରିବାରେ ସାହାଯ୍ୟ କରିପାରିବ । ସେହି ସମୟରେ, ପ୍ରିମିୟମ୍ ରେଶମ୍, ପ୍ରାକୃତିକ ତନ୍ତୁ, ସ୍ଥାୟୀ ତନ୍ତୁ ଏବଂ ଅଭିନବ ମିଶ୍ରଣରେ ଉତ୍ପାଦ ବିବିଧତା ଉଚ୍ଚ ମୂଲ୍ୟର ଉତ୍ପାଦ ସୃଷ୍ଟି କରିପାରିବ ଏବଂ ନୂତନ ବଜାର ଖୋଲିପାରିବ । ଉନ୍ନତ ବ୍ରାଣ୍ଡିଂ, ମୂଲ୍ୟ ସଂଯୋଜନ ଏବଂ ସିଧାସଳଖ ବଜାର ପ୍ରବେଶ ସହିତ ମିଳିତ ଭାବରେ, ଏହି ଉଦ୍ଭାବନଗୁଡ଼ିକ ବୁଣାକାରମାନଙ୍କ ଆୟକୁ ଉଲ୍ଲେଖନୀୟ ଭାବରେ ବୃଦ୍ଧି କରିପାରିବ । ଆମର ଲକ୍ଷ୍ୟ ହେଉଛି ପ୍ରତ୍ୟେକ ବୁଣାକାରଙ୍କୁ ଆଗାମୀ ବର୍ଷଗୁଡ଼ିକରେ ପ୍ରତି ମାସରେ ଟ.୫୦,୦୦୦ ର ମହତ୍ୱାକାଂକ୍ଷା ସହିତ ଏକ ମର୍ଯ୍ୟାଦାପୂର୍ଣ୍ଣ ଏବଂ ଆକାଂକ୍ଷୀ ଆୟ ଅର୍ଜନ କରିବାକୁ ସକ୍ଷମ କରିବା । ହସ୍ତତନ୍ତର ଭବିଷ୍ୟତ ବଜାର ପରି ମାନସିକତା ଉପରେ ମଧ୍ୟ ନିର୍ଭର କରେ । ଆମର ବୁଣାକାରମାନେ କେବଳ ଏକ କର୍ମଶକ୍ତି ନୁହଁନ୍ତି । ସେମାନେ ଉଦ୍ୟୋଗୀ, ଉଦ୍ଭାବକ ଏବଂ ମୂଲ୍ୟର ସୃଷ୍ଟିକର୍ତ୍ତା । ସେମାନଙ୍କୁ ବ୍ରାଣ୍ଡ ନିର୍ମାଣ କରିବାକୁ, ମୂଲ୍ୟ ଶୃଙ୍ଖଳାକୁ ଉପରକୁ ଉଠାଇବାକୁ ଏବଂ ବିଶ୍ୱ ବଜାରରେ ପହଂଚିବାକୁ ସକ୍ଷମ କରି, ଆମେ ହସ୍ତତନ୍ତକୁ ଭାରତର ସବୁଠାରୁ ଗତିଶୀଳ ସୃଜନଶୀଳ ଶିଳ୍ପ ମଧ୍ୟରୁ ଗୋଟିଏରେ ପରିଣତ କରିପାରିବା । ଏହା ଭାରତର ଯୁବପିଢ଼ିଙ୍କୁ ହସ୍ତତନ୍ତର ପରବର୍ତ୍ତୀ ଅଧ୍ୟାୟକୁ ଆକାର ଦେବା ପାଇଁ ଐତିହ୍ୟ ଏବଂ ପ୍ରଯୁକ୍ତିବିଦ୍ୟା, ସୃଜନଶୀଳତା ଏବଂ ଉଦ୍ୟୋଗକୁ ଏକତ୍ର କରିବାକୁ ଆହ୍ୱାନ । ଏହି ଜାତୀୟ ହସ୍ତତନ୍ତ ଦିବସରେ, ଆସନ୍ତୁ ଆମେ ଆମର ବୁଣାକାରମାନଙ୍କୁ କେବଳ ଆମର ଐତିହ୍ୟର ରକ୍ଷକ ଭାବରେ ନୁହେଁ, ବରଂ ଭାରତର ପ୍ରଗତିର ସ୍ଥପତି ଭାବରେ ପ୍ରୋତ୍ସାହିତ କରିବା ଏବଂ ଆସନ୍ତୁ ଆମେ ହସ୍ତତନ୍ତକୁ ଆମର ଦୈନନ୍ଦିନ ଜୀବନର ଏକ ଅଂଶ କରିବା । ଆମେ କିଣୁଥିବା ଏବଂ ପିନ୍ଧୁଥିବା ପ୍ରତ୍ୟେକ ହସ୍ତତନ୍ତ ଉତ୍ପାଦ ଜଣେ ବୁଣାକାରଙ୍କ ଜୀବିକାକୁ ସୁଦୃଢ଼ କରେ, ଏକ କାଳଜୟୀ ପରମ୍ପରାକୁ ସଂରକ୍ଷଣ କରେ ଏବଂ ଭାରତର କାହାଣୀକୁ ବିଶ୍ୱରେ ପହଂଚାଏ । ହସ୍ତତନ୍ତ ବାଛିବା ଦ୍ୱାରା, ଆମେ କେବଳ ଆମର ଐତିହ୍ୟକୁ ଗ୍ରହଣ କରୁ ନାହୁଁ – ବରଂ ଆମେ ବିକାଶିତ ଭାରତର ଭବିଷ୍ୟତକୁ ବୁଣିବାରେ ମଧ୍ୟ ସାହାଯ୍ୟ କରୁ ।

**(ଲେଖକ କେନ୍ଦ୍ର ବୟନଶିଳ୍ପ ମନ୍ତ୍ରୀ । ପ୍ରକାଶିତ ମତାମତ ବ୍ୟକ୍ତିଗତ)**

# ବିଶ୍ୱାଳିରେ ସ୍ୱର୍ଗପଥ ସ୍ୱଚ୍ଛତା ଓ ବୃକ୍ଷରୋପଣ କାର୍ଯ୍ୟକ୍ରମ



ପାରାଦୀପ(ନିପ୍ର): ପାରାଦୀପ ଲକ୍ ଥାନା ଅନ୍ତର୍ଗତ ବିଶ୍ୱାଳି ଗ୍ରାମର ସ୍ମଶାନ ଆଦର୍ଶ ସ୍ୱର୍ଗପଥରେ ସ୍ୱେଚ୍ଛାସେବୀଙ୍କ ସହଯୋଗରେ ସଫେଇ ଓ ବୃକ୍ଷରୋପଣ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି । ଗତ ଅଗଷ୍ଟ ୪ ତାରିଖ ସକାଳ ୭ଟାରୁ ୯ଟା ପର୍ଯ୍ୟନ୍ତ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସ୍ୱର୍ଗପଥ ପରିସରକୁ ସଫା କରାଯିବା ସହ ଏକ ଅଶ୍ୱତ ବୃକ୍ଷ ରୋପଣ କରାଯାଇଥିଲା । ଏହି ମହତ କାର୍ଯ୍ୟରେ ସ୍ୱେଚ୍ଛାସେବୀ ଧୀରେନ୍ଦ୍ର କୁମାର ମହାନ୍ତି, ରଣଜିତ ସାମଲ, ପବିତ୍ର କୁମାର ମଳିକ, ନିତ୍ୟାନନ୍ଦ ପରିଡ଼ା ଓ ନୃସିଂହ ଚରଣ ସାମଲ ସକ୍ରିୟ ଭାବେ ସହଯୋଗ କରିଥିଲେ । କାର୍ଯ୍ୟକ୍ରମ ଶେଷରେ ଆଦର୍ଶ ସ୍ୱର୍ଗପଥର ସ୍ୱଚ୍ଛତାକୁ ବଜାୟ ରଖିବା ପାଇଁ ନିୟମିତ ଭାବେ ସଫେଇ କାର୍ଯ୍ୟ ଜାରି ରଖିବାକୁ ନିଷ୍ପତି ନିଆଯାଇଥିଲା । ଏଥିସହ ବିଶ୍ୱାଳି ଓ କୋଲଡ଼ିଆ ଗ୍ରାମର ଯୁବକ ଓ ସ୍ୱେଚ୍ଛାସେବୀମାନଙ୍କୁ ସ୍ୱର୍ଗପଥର ଉନ୍ନତିକରଣ ଓ ସୌନ୍ଦର୍ଯ୍ୟକରଣ କାର୍ଯ୍ୟରେ ସାମିଲ ହେବାକୁ ଆହ୍ୱାନ କରାଯାଇଛି । ସ୍ଥାନୀୟ ଅଂଚଳରେ ଏଭଳି ସାମାଜିକ ଓ ପରିବେଶ ସଚେତନତାମୂଳକ ପଦକ୍ଷେପକୁ ସାଧାରଣରେ ପ୍ରଶଂସା କରାଯାଇଛି ।

## ଡାକ୍ତରଖାନାରେ ରକ୍ତଦାନ ଶିବିର

ସୋର(ନିପ୍ର): ସଂପ୍ରତି ବନ୍ୟା ପରିସ୍ଥିତିରେ ବାଲେଶ୍ୱର ରକ୍ତ ଭଣ୍ଡାରରେ ରକ୍ତର ଅଭାବ ଓ ଥାଲାସେମିଆ ରୋଗୀଙ୍କ ରକ୍ତର ଆବଶ୍ୟକତାକୁ ଲକ୍ଷ କରି ସୋର ଡାକ୍ତରଖାନା ପରିସରରେ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇ ଯାଇଛି । ଉକ୍ତ ଶିବିରକୁ ଡାକ୍ତରଖାନାର ଭାରପ୍ରାପ୍ତ ଡାକ୍ତର କାଶୀନାଥ ପଣ୍ଡା ଉଦ୍‌ଘାଟନ କରିଥିଲେ । ଶିବିରରେ ମୋଟ ୪୦ ୟୁନିଟ୍ ରକ୍ତ ସଂଗୃହୀତ ହୋଇଥିଲା । ଏଡାକୁ ବାଲେଶ୍ୱର ରକ୍ତ ଭଣ୍ଡାରର ମୋନାଲିସା ମହାନ୍ତି, କ୍ଷୀରୋଦ ଚନ୍ଦ୍ର ବେହେରା, ଅଭିରାମ ପଣ୍ଡା ରକ୍ତ ସଂଗ୍ରହରେ ସହଯୋଗ କରିଥିଲେ । ଏଥିରେ ସୋର ରକ୍ତଦାତା ସଂଘର କାର୍ଯ୍ୟକର୍ତ୍ତା ମାନେ ସହଯୋଗ କରିଥିଲେ ।

# ବିଭିନ୍ନ ଦାବିରେ କର୍ମଚାରୀ ସମନ୍ୱୟ ସମିତି ପକ୍ଷରୁ ଧାରଣା ଓ ପ୍ରତିବାଦ




ଖଇରା(ନିପ୍ର): ଓଡିଶା ସ୍କୁଲ କଲେଜ ଶିକ୍ଷକ କର୍ମଚାରୀ ସମନ୍ୱୟ ସମିତି ଆହ୍ୱାନ କ୍ରମେ ଖଇରା ଶିକ୍ଷକ ସମନ୍ୱୟ ସମିତି ତରଫରୁ ସଭା ଆୟୋଜନ ପରେ ଖଇରା ବିଡିଓ ନାରାୟଣ ସାହୁଙ୍କ ଜରିଆରେ ମୁଖ୍ୟମନ୍ତ୍ରୀ, ଗଣଶିକ୍ଷା ମନ୍ତ୍ରୀ, ଉଚ୍ଚଶିକ୍ଷା ମନ୍ତ୍ରୀ, ଆଇନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରାଯାଇଛି । ସମନ୍ୱୟ ସମିତି ଆବାହକ ବିଷ୍ଣୁ ପ୍ରସାଦ ମିଶ୍ରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ପ୍ରତିବାଦ ସଭାରେ ୪୮ବର୍ଗର ରାଜ୍ୟ ସଭାପତି ବନମାଳୀ ବାରିକ, ଓଷ୍ଟା ସଭାପତି ବ୍ରହ୍ମାନନ୍ଦ ସାହୁ, ଅଲୋଷ୍ଟା ସମ୍ପାଦକ ଶଙ୍କର୍ଷଣ ଜେନା, ଯୁଗ୍ମ ସମ୍ପାଦକ ପ୍ରଶାନ୍ତ କୁମାର ହୋତା ପ୍ରମୁଖ ଖୁବଶିଘ୍ର ଶିକ୍ଷକମାନଙ୍କର ୪ ଦଫା ଦାବି ପୂରଣ ଉପରେଁ ବକ୍ତବ୍ୟ ରଖିଥିଲେ । ଉକ୍ତ ସଭାରେ ଶିକ୍ଷକ ପୂର୍ଣ୍ଣଚନ୍ଦ୍ର ମହାପାତ୍ର, ରାଜ କିଶୋର ମିଶ୍ର, କୃଷ୍ଣଚନ୍ଦ୍ର କର, ନରସିଂହ ପାଣି, ଚିତରଞ୍ଜନ ଦାସ, ଗୌରାଙ୍ଗ ଚନ୍ଦ୍ର ପାଢ଼ୀ, ଅମରେନ୍ଦ୍ର ବାରିକ, ପାର୍ବତୀ ମହାନ୍ତି, ଗୀତାରାଣୀ ସାହୁ, ରଶ୍ମିରଞ୍ଜନ ଶତପଥି, ଗୌରାଙ୍ଗ ବେହେରା, ରବିନ୍ଦ୍ର ପଣ୍ଡା, ଉଦୟ ରାଉତ, ଆର୍ତ୍ତବନ୍ଧୁ ନାୟକ ପ୍ରମୁଖ ଉପସ୍ଥିତ ଥିଲେ । ସଭା ପରେ ନୂତନ ଅନୁଦାନ ପ୍ରାପ୍ତ ବିଦ୍ୟାଳୟର ଶିକ୍ଷକ କର୍ମଚାରୀ ମାନଙ୍କୁ ଚାକିରୀ ସର୍ତ୍ତାବଳୀ ସହ ପେନସନ ବ୍ୟବସ୍ଥା, ନୂତନ ଅନୁଦାନ ପ୍ରାପ୍ତ ବିଦ୍ୟାଳୟ ଓ ମହାବିଦ୍ୟାଳୟରେ ଖାଲି ପଡିଥିବା ପଦବୀ ପୂରଣ, ଗ୍ରେଡ ପେ ଅସଙ୍ଗତି ଦୂରିକରଣ ତଥା ସମସ୍ତ ବିଦ୍ୟାଳୟ ଓ ମହାବିଦ୍ୟାଳୟ କୁ ସରକାରୀ କରଣ କରାଯିବା ନେଇ ଏକ ଦାବିପତ୍ର ବିଡିଓଙ୍କୁ ପ୍ରଦାନ କରାଯାଇଥିଲା ।

# ଠକେଇ ମାମଲାରେ ଦୁଇ ଜଣ ଇଞ୍ଜିନିୟର ଏବଂ ଜଣେ ଠିକାଦାରଙ୍କୁ ଗିରଫ

କଟକ(ନିପ୍ର): ଦୁର୍ନୀତି ଏବଂ ସାର୍ବଜନୀନ ପାଣ୍ଠିର ଅପବ୍ୟବହାର ବିରୁଦ୍ଧରେ ଏକ ବଡ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି, ୧) ଡି. ଯୁଧିଷ୍ଠିର, ପୂର୍ବତନ ଜେଇ, ପାରଳାଖେମୁଣ୍ଡି ପୌରପାଳିକା, ଏ/ପି- ଏ ଇ, ଗୁଣୁପୁର ପୌରପାଳିକା, ୨) ସଞ୍ଜୀବ ଚମ୍ପତି, ପୌର ଯନ୍ତ୍ରୀ (ଏମଇ), ପାରଳାଖେମୁଣ୍ଡି ପୌରପାଳିକା, ଏବଂ ୩) ସୁରେନ୍ଦ୍ର ପାଣିଗ୍ରାହୀ, ଠିକାଦାରଙ୍କୁ ଓଡ଼ିଶା ଭିଜିଲାନ୍ସ ଦ୍ୱାରା ଗିରଫ କରାଯାଇ ଆଜି ଗଜପତିର ପାରଳାଖେମୁଣ୍ଡିରେ 'ପଟ୍ଟନାୟକ ଟ୍ୟାଙ୍କ ପୁନରୁଦ୍ଧାର ଏବଂ ନବୀକରଣ' ପ୍ରକଳ୍ପରେ ଆର୍ଥିକ ଅନିୟମିତତା ସହିତ ଜଡିତ ଥିବା ଅଭିଯୋଗରେ ମାନ୍ୟବର ବ୍ରହ୍ମପୁର କୋର୍ଟକୁ ପଠାଯାଇଛି । ଓଡ଼ିଶା ଭିଜିଲାନ୍ସର ବ୍ୟାପକ ତଦନ୍ତରୁ ଜଣାପଡ଼ିଛି ଯେ ୨୦୧୯ ରୁ ୨୦୨୨ ବର୍ଷ ମଧ୍ୟରେ ନକଲି ମାପ ପୁସ୍ତକ (ଏମ୍ବି) ଏଂଟ୍ରି ଏବଂ ନିମ୍ନମାନର ପ୍ରକଳ୍ପ କାର୍ଯ୍ୟାନ୍ୱୟନ ମାଧ୍ୟମରେ ୫୫,୬୯,୦୩୩ ଟଙ୍କା ସରକାରୀ ପାଣ୍ଠିର ଯୋଜନାବଦ୍ଧ ଅପବ୍ୟବହାର କରାଯାଇଥିଲା । ଡି. ଯୁଧିଷ୍ଠିର, ପୂର୍ବତନ ଜେଇ ସରକାରୀ ମାପ ପୁସ୍ତକ (ଏମ୍ ବି ଏସ) ରେ ଜାଣିଶୁଣି ଫୁଲାଇ ଦିଆଯାଇଥିବା ଏବଂ ମିଥ୍ୟା ମାପ ଏଂଟ୍ରି ରେକର୍ଡ କରିଥିଲେ ଯାହା ଅସ୍ତିତ୍ୱହୀନ କିମ୍ବା ନିମ୍ନମାନର ଥିଲା ଏବଂ ସଞ୍ଜୀବ ଚମ୍ପତି, ଏମ୍ ଇ ଜାଣିଶୁଣି ସରକାରୀ ଯାଂଚ ମାପ ସମୟରେ ମିଥ୍ୟା ମାପକୁ 'ସଠିକ' ଭାବରେ ଅନୁମୋଦନ ଏବଂ ବୈଧ କରିଥିଲେ । ଏହି ଜାଲ ସମ୍ପାଦନ ଆଧାରରେ, ଠିକାଦାର ସୁରେନ୍ଦ୍ର ପାଣିଗ୍ରାହୀଙ୍କୁ ମୋଟ ଟ.୧,୨୨,୪୦,୭୦୦ଙ୍କା ଦିଆଯାଇଥିଲା । ଓଡ଼ିଶା ଭିଜିଲାନ୍ସ ଦ୍ୱାରା କରାଯାଇଥିବା ଏକ ସ୍ୱାଧୀନ ବୈଷୟିକ ମୂଲ୍ୟାଙ୍କନରେ ଟ.୫୫,୬୯,୦୩୩ଙ୍କା ପରିମାପକ ନିମ୍ନମାନର/କମ୍ କାର୍ଯ୍ୟ ସମ୍ପାଦନ ହୋଇଥିବା ନିଶ୍ଚିତ କରାଯାଇଛି, ଯାହା ରାଜ୍ୟ ରାଜକୋଷକୁ ସିଧାସଳଖ କ୍ଷତି ପହଂଚାଇଛି । ଏହି ସମ୍ପର୍କରେ, ବ୍ରହ୍ମପୁର ଭିଜିଲାନ୍ସ ପିଏସ୍ କେସ୍ ନଂ. ୦୭ ତାରିଖ ୦୫.୦୮.୨୦୨୬ ଧାରା ୧୩(୨) r/w ୧୩ (୧)(କ) ପିସି (ସଂଶୋଧନ) ଆଇନ, ୨୦୧୮/୧୨୦-ବି/୪୦୯/୪୨୦/୪୬୮/୪୭୧/୪୭୭-ଏ ଆଇପିସି ଅଭିଯୁକ୍ତଙ୍କ ବିରୁଦ୍ଧରେ ରୁଜୁ କରାଯାଇଛି ଯଥା ୧) ଡି. ଯୁଧିଷ୍ଠିର, ପୂର୍ବତନ ଜେଇ, ପାରଳାଖେମୁଣ୍ଡି ପୌରପାଳିକା, ଏ/ପି-ଏଇ, ଗୁଣୁପୁର ପୌରପାଳିକା, ୨) ସଞ୍ଜୀବ ଚମ୍ପତି, ପୌରପାଳିକା ଇଞ୍ଜିନିୟର (ଏମଇ), ପାରଳାଖେମୁଣ୍ଡି ପୌରପାଳିକା, ଏବଂ ୩) ସୁରେନ୍ଦ୍ର ପାଣିଗ୍ରାହୀ ଙ୍କ ବିରୁଦ୍ଧରେ ତଦନ୍ତ ଜାରି ରହିଛି ।

# ଶିକ୍ଷକ ଓ କର୍ମଚାରୀ ସମନ୍ୱୟ ସମିତି ପକ୍ଷରୁ ଆନ୍ଦୋଳନ



ନୀଳଗିରି(ନିପ୍ର): ନିଜର ହକ ପାଇଁ ଓଡ଼ିଶା ସ୍କୁଲ କଲେଜ ଶିକ୍ଷକ ଓ କର୍ମଚାରୀ ସମନ୍ୱୟ ସମିତି ପକ୍ଷରୁ ନୀଳଗିରି ବ୍ଲକ ସମ୍ମୁଖରେ ଧର୍ମଘଟ କରିଥିଲେ । ସୂଚନା ଯୋଗ୍ୟ ଓଡ଼ିଶା ସ୍କୁଲ କଲେଜ ଶିକ୍ଷକ ଓ କର୍ମଚାରୀ ମାନଙ୍କ କ୍ଷେତ୍ରରେ ବିଗତ ଓ ବର୍ତ୍ତମାନର ସରକାର ଶିକ୍ଷା ବ୍ୟବସ୍ଥା ପରିଚାଳନାରେ ସ୍ୱେଚ୍ଛାକୃତ ଅସଂଗତି ସୃଷ୍ଟି ସହିତ ଅନୁଦାନ ନୀତିକୁ ବାତିଲ କରି କୋର୍ପରେଟ ହାଉସ୍ ମାନଙ୍କ ଦ୍ୱାରା ଧନୀକ ବର୍ଗର ମଣିଷଙ୍କ ପାଇଁ ରାଜକୀୟ ଘରୋଇ ବିଦ୍ୟାଳୟ ମାନ ସ୍ଥାପନ କରି ସରକାରୀ ଶିକ୍ଷା ବ୍ୟବସ୍ଥାକୁ କ୍ରମଶଃ ସଂକଟ ମଧ୍ୟକୁ ଠେଲି ଦେଇଛନ୍ତି । ଏହି ବିଦ୍ୟାଳୟ ମାନଙ୍କରେ ଶିକ୍ଷାଦାନ କରୁଥିବା ଶିକ୍ଷକମାନଙ୍କ ବୃଦ୍ଧିଗତ ସୁବିଧା ସୁଯୋଗ ଓ ଛାତ୍ରଛାତ୍ରୀ ମାନଙ୍କର ସମାନ ଶିକ୍ଷା ଅଧିକାର କ୍ଷେତ୍ରରେ ଅତ୍ୟନ୍ତ ଅନ୍ୟାୟୋଚିତ ପାତର ଅନ୍ତର, ଭେଦଭାବ ସୃଷ୍ଟି କରି ରାଜ୍ୟର ଶୈକ୍ଷିକ ବାତାବରଣକୁ କଳୁଷିତ ଓ ଶିକ୍ଷା ବ୍ୟବସ୍ଥାକୁ ଧ୍ୱଂସ ବିଧ୍ୱଂସ କରିଚାଲିଛନ୍ତି । ପ୍ରତିଷ୍ଠା କରାଯାଇଥିବା ବିଦ୍ୟାଳୟ ମାନଙ୍କରେ ଶିକ୍ଷକତା କରୁଥିବା ଶିକ୍ଷକମାନେ ବିନା ବେତନରେ ୨୫ ରୁ ୩୦ ବର୍ଷ ଶିକ୍ଷାଦାନ ପରେ ମଧ୍ୟ ସରକାର ସେହି ବିଦ୍ୟାଳୟଗୁଡ଼ିକୁ ଅନୁଦାନ ପରିସରଭୁକ୍ତ ନକରିବା ସହିତ କାର୍ଯ୍ୟରତ ଶିକ୍ଷକ କର୍ମଚାରୀଙ୍କର ଶ୍ରମକୁ ଲୁଣ୍ଠନ କରି ଦରମା ପ୍ରଦାନରେ ଟାଳଟୁଳ ନୀତି ଅବଲମ୍ବନ କରୁଥିବା ଅଭିଯୋଗ ହୋଇଛି । ଏତଦ୍ ଭିନ୍ନ ବିଦ୍ୟାଳୟରେ ଅଧ୍ୟୟନରତ ଛାତ୍ରଛାତ୍ରୀମାନଙ୍କୁ ଶିକ୍ଷା ଅଧିକାର ନିୟମରୁ ବଂଚିତ କରି ପୋଷାକ, ପୁସ୍ତକ, ପରିମଳ ଯୋଜନା, ସାଇକେଲ୍ ଓ ମଧ୍ୟାହ୍ନ ଭୋଜନ ମିଳୁନାହିଁ । ଅନାହାର ଓ ଅର୍ଦ୍ଧାହାରରେ ୩୦ ରୁ ୩୫ ବର୍ଷର ଚାକିରି କାଳରୁ ମାତ୍ର ୮-୧୦ ବର୍ଷ ଦରମା ପାଇ ଏବେ ପେନସନ୍ ଓ ଅବସରକାଳୀନ ସୁବିଧା ବିନା ଚାକିରିରୁ ବିଦାୟ ହେବାକୁ ପଡ଼ିଛି । ପେନ୍?ସନ୍ ପ୍ରଦାନ ପାଇଁ ସରକାର ନ୍ୟାୟାଳୟର ନିର୍ଦ୍ଦେଶକୁ ମଧ୍ୟ ଅମାନ୍ୟ କରିବା ସହିତ ନ୍ୟାୟାଳୟରେ ମିଥ୍ୟା ଯୁକ୍ତି ଦର୍ଶାଇ କୋର୍ଟର ମର୍ଯ୍ୟାଦା ହାନୀ କରୁଥିବା ଅଭିଯୋଗ ହୋଇଛି । ଶିକ୍ଷକଙ୍କ ଅବସର ପରେ ବିଦ୍ୟାଳୟ ମାନଙ୍କରେ ଶିକ୍ଷକ ଶୂନ୍ୟ ହୋଇ ପଡିଥିବା ବେଳେ ଶିକ୍ଷାଦାନ ବ୍ୟାହତ ହେଉଛି । ସରକାର ସେଥିପ୍ରତି ଦୃଷ୍ଟି ନଦେଇ ଏହି ବିଦ୍ୟାଳୟରେ ଅଧ୍ୟୟନରତ ବିଦ୍ୟାର୍ଥୀମାନଙ୍କର ଭାଗ୍ୟ ଓ ଭବିଷ୍ୟତକୁ ଅନ୍ଧକାର ମଧ୍ୟକୁ ଠେଲିଦେଇଛନ୍ତି । ଲୋକଙ୍କ ସରକାର ବୋଲି ଡିଣ୍ଡିମ ପିଟୁଥିବା ଓ ନିକଟରେ ଦୁଇବର୍ଷର ପୂର୍ତ୍ତି ପାଳନ କରିଥିବା ଭାଜପା ସରକାର ଆଇନ ଉଲ୍ଲଙ୍ଘନ କରି ଅନୁଦାନ ନଦେଇ ଏ ଅନୁଷ୍ଠାନ ମାନଙ୍କର ଶିକ୍ଷକ ଓ ଛାତ୍ରଛାତ୍ରୀ ମାନଙ୍କ ଭାଗ୍ୟ ଭବିଷ୍ୟତ ସହ ଖେଳ ଖେଳୁଛନ୍ତି । ଏହା ବ୍ୟତୀତ ସରକାର ଅବସର ନେଇଥିବା ଓ କାର୍ଯ୍ୟରତ ଶିକ୍ଷକ ଓ ଶିକ୍ଷା କର୍ମଚାରୀଙ୍କ ପାଇଁ ଚାକିରି ସର୍ତ୍ତାବଳୀ ସହ ପେନସନ ପ୍ରଦାନ ବ୍ୟବସ୍ଥା, ସମସ୍ତ ନୂତନ ଓ ପୂର୍ଣ୍ଣ ଅନୁଦାନ ପ୍ରାପ୍ତ ବିଦ୍ୟାଳୟ ଓ ମହାବିଦ୍ୟାଳୟ ଗୁଡ଼ିକୁ ସରକାରୀକରଣ ଏବଂ ଶୂନ୍ୟ ପଡ଼ିଥିବା ସ୍ଥାନରେ ଶିକ୍ଷକ ନିଯୁକ୍ତି କରିବା ସହିତ ୨୦୦୪ ରୁ ୨୦୧୩ ମସିହା ମଧ୍ୟରେ ନିଯୁକ୍ତି ପାଇଥିବା ଚୁକ୍ତିଭିଭିକ ଶିକ୍ଷକ ମାନଙ୍କୁ ୬ଗୋଟି ଜାତୀୟ ଇନ୍‌କ୍ରିମେଂଟ ସହିତ ବରିଷ୍ଠତା ପ୍ରଦାନ, ନୂତନ ପେନସନ୍ ପରିବର୍ତ୍ତେ ପୁରାତନ ପେନସନ୍ ଯୋଜନା ପୁନଃ ପ୍ରଚଳନ, ଅବସର ବୟସ ସୀମା ୬୦ରୁ ୬୨ ବର୍ଷକୁ ବୃଦ୍ଧି ଓ ଗ୍ରେଡ଼ପେ ରେ ଥିବା ଅସଙ୍ଗତି ଦୂରାବସ୍ଥା ଆଦି ଦାବିଗୁଡ଼ିକୁ ପୂରଣ ପାଇଁ ଦାବୀ କରାଯାଇଥିଲା । ଦୀର୍ଘ ଦୁଇବର୍ଷ ଧରି ଏ ବାବଦରେ ସରକାରଙ୍କୁ ଅବଗତ ପରେ ଉଚ୍ଚସ୍ତରୀୟ କମିଟି ଗଠନ କରି ୬ ମାସ ମଧ୍ୟରେ ଏ ସମସ୍ୟାର ସମାଧାନ ନିମନ୍ତେ ପଦକ୍ଷେପ ନେବେ ବୋଲି ପ୍ରତିଶ୍ରୁତି ଦେଇଥିଲେ । ହେଲେ କମିଟି ମଧ୍ୟ ତାଙ୍କର ରିପୋର୍ଟ ଅବଧି ପୂର୍ବରୁ ସରକାରଙ୍କୁ ଦେଇ ସାରିଛନ୍ତି । ମାତ୍ର ସରକାର କେଉଁ ମନ୍ଦ ଉଦ୍ଦେଶ୍ୟ ନେଇ ତାହା କାର୍ଯ୍ୟକାରୀ କରାଇବାରେ ପଛଘୁଂ । ଦେଉଛନ୍ତି ତାହା ଏବେ କାର୍ଯ୍ୟରତ ଶିକ୍ଷକ ଓ କର୍ମଚାରୀଙ୍କୁ ଚିନ୍ତାରେ ପକାଇଛି ।




# ବିଶ୍ୱ ସ୍ତନ୍ୟପାନ ସପ୍ତାହ–୨୦୨୬ ପାଳିତ



ବ୍ରହ୍ମପୁର / ଛତ୍ରପୁର(ନି.ପ୍ର.) : ମହିଳା ଓ ଶିଶୁ ବିକାଶ କାର୍ଯ୍ୟାଳୟ, ଗଞ୍ଜାମ ପକ୍ଷରୁ ବିଶ୍ୱ ସ୍ତନ୍ୟପାନ ସପ୍ତାହ–୨୦୨୬ ଅବସରରେ ଆଜି ଛତ୍ରପୁର ବ୍ଲକସ୍ଥିତ ସୁଭଦ୍ରା ଶକ୍ତି କେନ୍ଦ୍ରଠାରେ ଏକ ସଚେତନତାମୂଳକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା ।ଏହି କାର୍ଯ୍ୟକ୍ରମରେ ଛତ୍ରପୁର ଉପଖଣ୍ଡ ଚିକିତ୍ସାଳୟର ସ୍ତ୍ରୀ ଓ ପ୍ରସୂତି ରୋଗ ବିଶେଷଜ୍ଞ ଡା. ମୋହନ ବାରିକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ନବଜାତ ଶିଶୁଙ୍କୁ ଜନ୍ମର ଏକ ଘ[। ମଧ୍ୟରେ ସ୍ତନ୍ୟପାନ ଆରମ୍ଭ କରାଇବା, ପ୍ରଥମ ଛଅ ମାସ ପର୍ଯ୍ୟନ୍ତ କେବଳ ମା' କ୍ଷୀର ପ୍ରଦାନ କରିବା ଏବଂ ଦୁଇ ବର୍ଷ କିମ୍ବା ତଦୂର୍ଦ୍ଧ୍ୱ ସମୟ ପର୍ଯ୍ୟନ୍ତ ସମ୍ପୂରକ ଖାଦ୍ୟ ସହ ସ୍ତନ୍ୟପାନ ଜାରି ରଖିବାର ଉପକାରିତା ସମ୍ପର୍କରେ ବିସ୍ତୃତ ଆଲୋକପାତ କରିଥିଲେ । ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ବିଜୟଲକ୍ଷ୍ମୀ ବେହେରା, ପ୍ରକଳ୍ପ ଅଧିକାରୀ ଡି. ନାଗରତ୍ନମ୍, ଜିଲ୍ଲା କାର୍ଯ୍ୟକ୍ରମ ଅଧିକାରୀ ଏସ୍. ରାଜେଶ୍ୱରୀ, ଗଞ୍ଜାମ ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପର ଅଧିକାରୀ ସଲିଲା ପ୍ରଧାନ, ଜିଲ୍ଲା ପୁଷ୍ଟି ସଂଯୋଜକ ଅମିତ କୁମାର ତ୍ରିପାଠୀ, ୟୁନିସେଫ୍ ?ର ଜିଲ୍ଲା ସଂଯୋଜକ ଦେବବ୍ରତ ମହାନ୍ତ, ଜିଲ୍ଲା ସହକାରୀ ପୁଷ୍ଟି ସଂଯୋଜକ ସୁବ୍ରତ କୁମାର ଦାଶ ଏବଂ ଲିଙ୍ଗ ସମାନତା ବିଶେଷଜ୍ଞ (ସୟଲ) ସମୀର କୁମାର ପାତ୍ର ଉପସ୍ଥିତ ରହି ସ୍ତନ୍ୟପାନର ଗୁରୁତ୍ୱ, ମା' ଓ ଶିଶୁର ସୁସ୍ଥତା ତଥା ପୁଷ୍ଟି ସୁରକ୍ଷା ସମ୍ପର୍କରେ ସଚେତନତାମୂଳକ ବକ୍ତବ୍ୟ ପ୍ରଦାନ କରିଥିଲେ । ଏହି ଅବସରରେ ଛତ୍ରପୁର ଓ ଗଞ୍ଜାମ ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପର ସମସ୍ତ ମହିଳା ପର୍ଯ୍ୟବେକ୍ଷିକାଙ୍କ ସହ ପାଂଚଜଣ ଗର୍ଭବତୀ ମହିଳା ଏବଂ ପାଂଚଜଣ ସ୍ତନ୍ୟଦାନକାରୀ ମା' ଅଂଶଗ୍ରହଣ କରିଥିଲେ । ମା' କ୍ଷୀରର ପୁଷ୍ଟିଗୁଣ, ଶିଶୁର ରୋଗ ପ୍ରତିରୋଧକ କ୍ଷମତା ବୃଦ୍ଧି, ମାତୃ ସ୍ୱାସ୍ଥ୍ୟର ସୁରକ୍ଷା ଏବଂ ସମାଜରେ ସ୍ତନ୍ୟପାନ ପ୍ରତି ସକାରାତ୍ମକ ପରିବେଶ ସୃଷ୍ଟି ନିମନ୍ତେ ବିଭିନ୍ନ ସଚେତନତାମୂଳକ ବାର୍ତ୍ତା ପ୍ରଦାନ କରାଯାଇଥିଲା । କାର୍ଯ୍ୟକ୍ରମ ଶେଷରେ ସମସ୍ତେ 'ସୁସ୍ଥ ମା'–ସୁସ୍ଥ ଶିଶୁ; ମା' କ୍ଷୀର ହିଁ ଶିଶୁର ଶ୍ରେଷ୍ଠ ଆହାର' ବାର୍ତ୍ତାକୁ ସମାଜର ପ୍ରତ୍ୟେକ ସ୍ତରରେ ପହଂଚାଇବା ପାଇଁ ସଂକଳ୍ପ ଗ୍ରହଣ କରିଥିଲେ । ସଚେତନତା କାର୍ଯ୍ୟକ୍ରମଟି ସଫଳତାର ସହ ସମ୍ପନ୍ନ ହୋଇଥିଲା ।

# ଜୟହିନ୍ଦ୍ କ୍ଲବ ଫୁଟବଲ ପ୍ରତିଯୋଗିତାର ଫାଇନାଲରେ ଜୟ ଦୁର୍ଗାକ୍ଲବ ରେଙ୍ଗାଲି

ଝାରସୁଗୁଡା(ନି.ପ୍ର.)-ସ୍ଥାନିୟ ମନମୋହନ ସ୍କୁଲ ଫୁଟବଲ ପଡିଆରେ ଜୟହିନ୍ଦ କ୍ଲବ ଆନୁକୁଲ୍ୟରେ ୧୩ ତମ ଲିଗ କମ ନକ ଆଉଟ ଫୁଟବଲ ପ୍ରତିଯୋଗିତା ଅନୁଷ୍ଠିତ ହେଉଛି । ଆଜି ପ୍ରଥମ ସେମିଫାଇନାଲ ଜୟଦୁର୍ଗା କ୍ଲବ ରେଙ୍ଗାଲି ଓ ଜୟ ଯବାନ କ୍ଲବ ସରବାହାଲ ମଧ୍ୟରେ ଅନୁଷ୍ଠିତ ହୋଇ ଥିଲା । ଜୟଦୁର୍ଗା କ୍ଲବ ୧ -୦ ଗୋଲରେ ବିଜୟୀ ହୋଇ ଥିଲା । ଆଜି ପ୍ରବଳ ବର୍ଷା ଥିବାରୁ ଉଭୟ ଦଳର ଖେଳାଳି ମାନେ ଖେଳିବା ବେଳେ ଅସୁବିଧାର ସମ୍ମୁଖୀନ ହୋଇ ଥିଲେ । ଏହି ମ୍ୟାଚରେ ଜୟଦୁର୍ଗାକ୍ଲବ ର ଦିଲୁ ଓରାମ ସର୍ବଶ୍ରେଷ୍ଠ ଖେଳାଳି ଭାବରେ ପୁରସ୍କୃତ ହୋଇ ଥିଲେ । ଆଜିର ମ୍ୟାଚରେ ୨ୟ ଓଏସଏପିର ଦୁର୍ଗପତି ପ୍ରସାଦ ତମାଙ୍ଗ ଅତିଥି ଭାବରେ ଯୋଗ ଦେଇ ଖେଳାଳି ମାନଙ୍କ ସହିତ ପରିଚିତ ହୋଇ ଥିଲେ । ଏହି ଖେଳକୁ , କାର୍ତ୍ତିକ ଦାସ ,ସୂର୍ଯ୍ୟନାରାୟଣ ମିର୍ଦ୍ଧା , ସତ୍ୟନାରାୟଣ ମିର୍ଦ୍ଧା , ଅମିତବାଗ ପ୍ରଭୃତି ପରିଚାଳନା କରି ଥିଲେ ।




# ନୂଆପଡ଼ାରେ ଅବକାରୀ ବିଭାଗର ବିଶାଳ ଚଢ଼ାଉ

## ବିପୁଳ ପରିମାଣର ବେଆଇନ ମଦ ଓ ଖଜୁରୀ ତାଡ଼ି ଜବତ, ୫ ଗିରଫ



ନୂଆପଡ଼ା(ନି.ପ୍ର)ଜିଲ୍ଲାରେ ବେଆଇନ ମଦ କାରବାର ଓ ଚୋରାଚାଲାଣ ଉପରେ କଡ଼ା ନଜର ରଖିଛି ଅବକାରୀ ବିଭାଗ । ନୂଆପଡ଼ା ଜିଲ୍ଲା ଅବକାରୀ ଅଧୀକ୍ଷକଙ୍କ ପ୍ରତ୍ୟକ୍ଷ ନିର୍ଦ୍ଦେଶକ୍ରମେ ନୂଆପଡ଼ା ଅବକାରୀ ରେଞ୍ଜ ପକ୍ଷରୁ କୋମନା ଥାନା ଅନ୍ତର୍ଗତ ଦେଓଧରା ଗ୍ରାମପଂଚାୟତ ଅଂଚଳରେ ଏକ ସ୍ୱତନ୍ତ୍ର ଚଢ଼ାଉ ଅଭିଯାନ ସଂଗଠିତ ହୋଇଯାଇଛି ।ଏହି ଚଢ଼ାଉ ସମୟରେ ଅବକାରୀ ଟିମ୍ ବିପୁଳ ପରିମାଣର ବେଆଇନ ମଦ ଓ ତାଡ଼ି ଜବତ କରିବାରେ ସଫଳ ହୋଇଛି । ଜବତ ସାମଗ୍ରୀ ମଧ୍ୟରେ ୩୦ ଲିଟର ବିୟର, ୧୦ ଲିଟର ବିଦେଶୀ ମଦ (ଓଗରଖ), ୮ ଲିଟର ଆଇ.ଡି. ମଦ, ୨୩ ଲିଟର ଓ.ଏସ୍. ମଦ ଏବଂ ୧୫୦ ଲିଟର ଖଜୁରୀ ତାଡ଼ି ରହିଛି ।ଏହି ବେଆଇନ କାରବାରରେ ସଂପୃକ୍ତ ଥିବା ଅଭିଯୋଗରେ ୫ ଜଣ ବ୍ୟକ୍ତିଙ୍କୁ ଗିରଫ କରାଯାଇଛି । ସେମାନଙ୍କ ବିରୋଧରେ ଅବକାରୀ ଆଇନ ଅନୁଯାୟୀ ମାମଲା ରୁଜୁ କରାଯିବା ସହ ସମସ୍ତ ଅଭିଯୁକ୍ତଙ୍କୁ ନ୍ୟାୟିକ ହାଜତକୁ ପଠାଯାଇଛି ।ଏହି ସ୍ୱତନ୍ତ୍ର ଅଭିଯାନରେ ଅବକାରୀ ନିରୀକ୍ଷକ ହୀରାବତୀ ଥାଟି, ଅବକାରୀ ଉପ-ନିରୀକ୍ଷକ ବୃନ୍ଦାବତୀ ଭୁଆ, ମଙ୍ଗଳ ଛତ୍ରିଆଙ୍କ ସମେତ ଅନ୍ୟାନ୍ୟ ଅବକାରୀ କର୍ମଚାରୀମାନେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ । ଆଗାମୀ ଦିନରେ ମଧ୍ୟ ଜିଲ୍ଲାରେ ବେଆଇନ ମଦ କାରବାର ଓ ଚୋରାଚାଲାଣକୁ ସଂପୂର୍ଣ୍ଣ ରୋକିବା ପାଇଁ ଏପରି କଡ଼ା କାର୍ଯ୍ୟାନୁଷ୍ଠାନ ଓ ସ୍ୱତନ୍ତ୍ର ଚଢ଼ାଉ ଜାରି ରହିବ ବୋଲି ଅବକାରୀ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି ।

# ନୂଆପଡ଼ା ଜିଲ୍ଲା ଗସ୍ତରେ ପିସିସି ସଭାପତି

ନୂଆପଡ଼ା (ନି.ପ୍ର) ନୂଆପଡ଼ା ଜିଲ୍ଲାକୁ ଦିନିକିଆ ଗସ୍ତରେ ଆସି ପିସିସି ସଭାପତି ଏବଂ ଅଖିଳ ଭାରତୀୟ କଂଗ୍ରେସ କମିଟି ର ନେତୃବୃନ୍ଦ ଜିଲ୍ଲା କଂଗ୍ରେସ କମିଟି ପକ୍ଷରୁ ଆୟୋଜିତ ଏକ ବିଶାଳ କର୍ମୀ ସମ୍ମିଳନୀରେ ଯୋଗ ଦେଇଛନ୍ତି । ଆଗାମୀ ଦିନରେ ତୃଣମୂଳ ସ୍ତରରେ ଦଳର ସ୍ଥିତିକୁ ଅଧିକ ମଜବୁତ କରିବା ପାଇଁ ଏହି ସମ୍ମିଳନୀରେ ନେତାମାନେ କର୍ମୀଙ୍କୁ ଆହ୍ୱାନ ଦେଇଛନ୍ତି ।ଜିଲ୍ଲା କଂଗ୍ରେସ କମିଟି ସଭାପତି ଘାସିରାମ ମାଝୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଓଡ଼ିଶା କଂଗ୍ରେସ ପ୍ରଭାରୀ ଲାଲଜୀ ଦେଶାଇ, ନୂଆପଡ଼ା ଜିଲ୍ଲା ପ୍ରଭାରୀ ଜେ. ଟି. କୁସୁମ୍, ପୂର୍ବତନ ବିଧାୟକ ସନ୍ତୋଷ ସିଂ ସାଲୁଜା, ନୂଆପଡ଼ା ଇଂଚାର୍ଜ ବିଜୟାନନ୍ଦ ଡାଉରିଆଙ୍କ ସମେତ ଅଖିଳ ଭାରତୀୟ କଂଗ୍ରେସ କମିଟିର ଅନେକ ବରିଷ୍ଠ ନେତୃବୃନ୍ଦ ଯୋଗ ଦେଇଥିଲେ । ଏହି ସମ୍ମିଳନୀରେ ନେତାମାନେ ସାଂଗଠନିକ ସ୍ଥିତିର ସମୀକ୍ଷା କରିବା ସହ ଆଗାମୀ ଦିନରେ କଂଗ୍ରେସକୁ ଅଧିକ କ୍ରିୟାଶୀଳ କରିବା ପାଇଁ ତୃଣମୂଳ ସ୍ତରରୁ କାର୍ଯ୍ୟ କରିବାକୁ ପ୍ରସ୍ତାବ ଓ ପରାମର୍ଶ ଦେଇଥିଲେ ।



# ସଡ଼କ ଦୁର୍ଘଟଣା ହ୍ରାସ ପାଇଁ ସମୀକ୍ଷା ବୈଠକ

ଝାରସୁଗୁଡ଼ା(ନି.ପ୍ର.)- ଜିଲ୍ଲାରେ ସଡକ ସୁରକ୍ଷା ମୂଳକ ପଦକ୍ଷେପ ଅଗ୍ରଗତିର ସମୀକ୍ଷା ପ୍ରତେିକ ମାସର ଶେଷ ସପ୍ତାହରେ ଅନୁଷ୍ଠିତ ହେଉଛି । ଏହି ସମୀକ୍ଷା ବୈଠକରେ ଜିଲ୍ଲା ପ୍ରଶାସନର ବରିଷ୍ଠ ଅଧିକାରୀ ଜିଲ୍ଲାପାଳ, ଏ.ଡ଼ି.ଏମ., ଉପଜିଲ୍ଲାପାଳ, ପୋଲିସ ବିଭାଗର ଏସ.ପି., ଏ.ଏସ.ପି., ଡ଼ି.ଏସ.ପି. ଓ ,ଆଂଚଳିକ ପରିବହନ ଅଧିକାରୀ ଏମ.ଭି.ଆଇ. ପୂର୍ତ୍ତବିଭାଗ, ଜାତୀୟ ରାଜପଥ ବିଭିନ୍ନ ବିଭାଗର ଅଧିକାରୀମାନେ ସମୀକ୍ଷା ବୈଠକରେ ଉପସ୍ଥିତ ରହନ୍ତି । ଜିଲ୍ଲାରେ ସଡକ ଦୁର୍ଘଟଣା ଏବଂ ମୃତ୍ୟୁ ହାର ହ୍ରାସ ପାଇଁ ସମସ୍ତ ବିଭାଗର ସମନ୍ୱିତ ପ୍ରୟାସ ଆବଶ୍ୟକ ଉପରେ ଗୁରୁତ୍ୱାରୋପ କରାଯାଇ ବିସ୍ତୃତ ଆଲୋଚନା ପରେ ବିଭିନ୍ନ ଗୁରୁତ୍ୱପୁର୍ଣ ନିଷ୍ପତି ନିଆଯାଏ । ଯଥା ରାସ୍ତା ପାର୍ଶ୍ୱରେ ବେଆଇନ ପାର୍କିଂ,ପରିବହନ ଗାଡ଼ି ଗୁଡ଼ିକର ଓଭର ଲୋଡ଼ ଚେକିଂ ଉପରେ ଆଲୋଚନା କରାଯାଏ କିନ୍ତୁ ଦୁଃଖର କଥା ଯେ ସବୁଠାରୁ ଦୁର୍ଘଟଣା ପ୍ରବଣ ବକ୍ସି ଛକରୁ ଗାନ୍ଧୀ ଛକ (ବ୍ରଜରାଜନଗର) ପର୍ଯ୍ୟନ୍ତ ରାସ୍ତାରେ ଦୁର୍ଘଟଣା ହ୍ରାସ ପାଇଁ ରାତ୍ରୀ ସମୟରେ ଆଲୋକର ବ୍ୟବସ୍ଥା,ରାଜପଥ କଡରେ ଥିବା ହ-କଟାପାଲି ସ୍କୁଲ,ଆଦର୍ଶ ସ୍କୁଲ କଲେଜ ଓ ହକି ଷ୍ଟାଡ଼ିୟମ ନିକଟରେ ରମ୍ବଲ ଷ୍ଟ୍ରିପ ତୁରନ୍ତ ସ୍ଥାପନ ପାଇଁ ଗତ ଫେବୃଆରୀ ମାସରେ ଆଲୋଚନା ହୋଇ ଏନ.ଏଚ.ଏ.ଆଇ.କୁ ନିର୍ଦ୍ଦେଶ ଦିଆଯାଇଥିଲା । କିନ୍ତୁ ଦୁଃଖ ଓ ପରିତାପ ବିଷୟ ଏହା ମଧ୍ୟରେ ୫ ମାସ ବିତିଯାଇଛି କିନ୍ତୁ କାର୍ଯ୍ୟ କ୍ଷେତ୍ରରେ ଶୂନ ଏହାକୁ ଏକ ପ୍ରହସନ କହିଲେ ଅତ୍ୟୁକ୍ତି ହେବ ନାହିଁ । ଏହି ରାସ୍ତାର ପାର୍ଶ୍ୱରେ ଥିବା ବେଆଇନ ଢାବା ବ୍ୟବସାୟୀକ ପ୍ରତିଷ୍ଠାନ ଅନ୍ୟାନ୍ୟ ଜବରଦଖଲ ହଟାଇବା ପାଇଁ ବହୁ ଥର ଆଲୋଚନା ମଧ୍ୟ ହୋଇଛି । ଏହି ରାସ୍ତାରେ ଦିନକୁ ଶହଶହ କୋଇଲା ବୋଝାଇ ୧୮ ଚକିଆ, ୧୬ ଚକିଆ ଟ୍ରକ,ଫ୍ଲାଏଆସ ଗାଡ଼ି, ଚାରି ଚକିଆ ଯାନ ଓ ଦୁଇ ଚକିଆ ଯାନ ସବୁ ଚଳାଚଳ କରୁଛି । ଏହି ରାସ୍ତା ପାର୍ଶ୍ୱରେ ରୁଙ୍ଗଟା ଷ୍ଟିଲ ପ୍ଲା□ , ଏମ୍.ଏସ୍.ପି. ପ୍ଲା□ , ଟି.ପି.ଏସ୍.ଏଲ୍. ପ୍ଲା□ ରହି ଥିବାରୁ ରାତ୍ରି କାଳିନ ଡ୍ୟୁଟି ଯିବା ଆସିବା ଲାଗି ରହି ଥାଏ । ଏହି ରମ୍ବଲ ଷ୍ଟ୍ରିପ ଓ ଆଲୋକ ବିଷୟରେ ବହୁ ଥର ସମ୍ବାଦ ପତ୍ରରେ ପ୍ରକାଶ କରାଯାଇଛି କିନ୍ତୁ ଫଳ ଶୂନ । ବରିଷ୍ଠ ଅଧିକାରୀ ମାନେ ସଂଧ୍ୟା ସମୟରେ ଏବଂ ସ୍କୁଲ କଲେଜ ସମୟରେ ୯-୩୦ ମିନିଟରୁ ୧୦-୩୦ ମିନିଟ ସକାଳ ଓ ଅପରାହ୍ନ ୩ଟାରୁ ୫ଟା ପର୍ଯ୍ୟନ୍ତ ପ୍ରତ୍ୟେକ୍ଷ ଅନୁସନ୍ଧାନ କଲେ ଏହାର ସତ୍ୟସତ୍ୟା ଉପଲବଧି କରିପାରିବେ । ସ୍କୁଲ , କଲେଜକୁ ଆସୁଥିବା ପିଲାମାନେ ବହୁ କଷ୍ଟରେ ରାସ୍ତା ପାରି ହୁଅନ୍ତି । ଦୁର୍ଘଟଣା କେତେବେଳେ ହେବ କହି ହେବ ନାହିଁ ।

# ପ୍ରଥମ ପର୍ଯ୍ୟାୟରେ ୭୫ଟି ବୁଲା ଗାଈଗୋରୁଙ୍କୁ ପିନ୍ଧାଗଲା ବେଲ୍ଟ



ବ୍ରହ୍ମପୁର(ନି.ପ୍ର.): ସହର ଓ ଜାତୀୟ ରାଜପଥରେ ବୁଲା ପଶୁଙ୍କ ଯୋଗୁଁ ଘଟୁଥିବା ସଡ଼କ ଦୁର୍ଘଟଣା ରୋକିବା ଲକ୍ଷ୍ୟରେ ବ୍ରହ୍ମପୁରରେ ଏକ ଅଭିନବ ପଦକ୍ଷେପ ଆରମ୍ଭ ହୋଇଛି । ରାତି ସମୟରେ ରାସ୍ତାରେ ବୁଲୁଥିବା କିମ୍ବା ଶୋଇ ରହୁଥିବା ବୁଲା ଗାଈଗୋରୁଙ୍କୁ ଯାନଚାଳକମାନେ ସହଜରେ ଚିହ୍ନଟ କରିପାରିବେ ବୋଲି ସେମାନଙ୍କ ବେକରେ ରେଡିୟମ ବେଲ୍ଟ ପିନ୍ଧାଇବା ଅଭିଯାନର ଶୁଭାରମ୍ଭ କରାଯାଇଛି । ଏଥିପାଇଁ ୭ଟି ଟିମ୍ ଗଠନ କରାଯାଇଥିବାବେଳେ ପ୍ରଥମ ପର୍ଯ୍ୟାୟରେ ବିଜିପୁର, ଗୋସାଣୀନୂଆଗାଁ, ଗାନ୍ଧୀନଗର, ଷ୍ଟେସନ୍ ରୋଡ୍, ହିଲପାଟଣା, ଆସ୍କା ରୋଡ୍ ସମେତ ସହରର ବିଭିନ୍ନ ସ୍ଥାନରେ ୭୫ଟି ବୁଲା ଗାଈଗୋରୁ ଓ ଷଣ୍ଢଙ୍କ ବେକରେ ରେଡିୟମ ବେଲ୍ଟ ପିନ୍ଧାଯାଇଛି । ଏହି ଅବସରରେ ଆୟୋଜିତ କାର୍ଯ୍ୟକ୍ରମରେ ବ୍ରହ୍ମପୁର ବିଧାୟକ କେ. ଅନୀଲ କୁମାର ସଭାପତିତ୍ୱ କରିଥିଲେ । ଜିଲ୍ଲା ପ୍ରାଣୀ ଚିକିତ୍ସାଧିକାରୀ ଡ଼. ଅଞ୍ଜନ ଦାସ, ଉପଖଣ୍ଡ ପ୍ରାଣୀ ଚିକିତ୍ସାଧିକାରୀ ଡ଼. ଭବାନୀ ଶଙ୍କର ଶତପଥୀ, ସିଟି ପ୍ରାଣୀ ଚିକିତ୍ସାଧିକାରୀ ଡ଼. ସତ୍ୟନାରାୟଣ କର, ଜିଲ୍ଲା ଏସ୍‌ପିସିଏ ସଦସ୍ୟ ଲଲାଟେନ୍ଦୁ ଚୌଧୁରୀଙ୍କ ସମେତ ବହୁ ପଶୁପ୍ରେମୀ ଓ ସ୍ୱେଚ୍ଛାସେବୀ ଉପସ୍ଥିତ ଥିଲେ । ସୂଚନାଯୋଗ୍ୟ, ଗତ କିଛି ମାସ ମଧ୍ୟରେ ବ୍ରହ୍ମପୁର ସହର ଏବଂ ଜାତୀୟ ରାଜପଥରେ ରାସ୍ତା ଉପରେ ଥିବା ୫୨ଟି ଗାଈଗୋରୁ ସଡ଼କ ଦୁର୍ଘଟଣାର ଶିକାର ହୋଇଥିଲେ । ଏହା କେବଳ ପଶୁଙ୍କ ସୁରକ୍ଷା ପାଇଁ ନୁହେଁ, ବରଂ ଯାନଚାଳକଙ୍କ ଜୀବନ ପ୍ରତି ମଧ୍ୟ ଗୁରୁତର ବିପଦ ସୃଷ୍ଟି କରୁଥିବାରୁ ପ୍ରଶାସନ ପକ୍ଷରୁ ଏହି ପଦକ୍ଷେପ ଗ୍ରହଣ କରାଯାଇଛି ।ଜିଲ୍ଲାପାଳ ଭି. କୀର୍ତ୍ତି ଭାସନ୍ କହିଛନ୍ତି ଯେ, ରେଡିୟମ ବେଲ୍ଟ ବ୍ୟବହାର ଫଳରେ ରାତି ସମୟରେ ଗାଈଗୋରୁ ଦୂରରୁ ଯାନଚାଳକଙ୍କ ନଜରକୁ ଆସିବେ, ଯାହା ଦୁର୍ଘଟଣା ହ୍ରାସ କରିବାରେ ସହାୟକ ହେବ । ଆଗାମୀ ଦିନରେ ଅଧିକ ସଂଖ୍ୟକ ବୁଲା ପଶୁଙ୍କୁ ଏହି ବେଲ୍ଟ ପିନ୍ଧାଇବା ସହ ସଚେତନତା କାର୍ଯ୍ୟକ୍ରମକୁ ଆହୁରି ବ୍ୟାପକ କରାଯିବ ବୋଲି ସେ ସୂଚନା ଦେଇଛନ୍ତି । ମୁଖ୍ୟ ଜିଲ୍ଲା ପ୍ରାଣୀ ଚିକିତ୍ସାଧିକାରୀ ଡ଼. ଅଞ୍ଜନ ଦାସ କହିଛନ୍ତି ଯେ, ବୁଲା ପଶୁଙ୍କ ସୁରକ୍ଷା ପାଇଁ ରେଡିୟମ ବେଲ୍ଟ ଏକ ପ୍ରଭାବଶାଳୀ ବ୍ୟବସ୍ଥା । ରାତିରେ ଏହାର ପ୍ରତିଫଳିତ ଆଲୋକ ଯୋଗୁଁ ଯାନଚାଳକମାନେ ପୂର୍ବରୁ ସତର୍କ ହୋଇପାରିବେ ଏବଂ ଦୁର୍ଘଟଣାର ଆଶଙ୍କା ଅନେକାଂଶରେ କମିବ । ବିଧାୟକ କେ. ଅନୀଲ କୁମାର କହିଛନ୍ତି ଯେ, ସଡ଼କ ସୁରକ୍ଷା କ୍ଷେତ୍ରରେ ଏହା ଏକ ସକାରାତ୍ମକ ଓ ଜନହିତକର ପଦକ୍ଷେପ । ପ୍ରଶାସନ, ପ୍ରାଣୀ ସମ୍ପଦ ବିଭାଗ ଓ ପଶୁପ୍ରେମୀଙ୍କ ମିଳିତ ଉଦ୍ୟମରେ ଏହି ଅଭିଯାନ ସଫଳ ହେବ ବୋଲି ସେ ଆଶା ପ୍ରକାଶ କରିଛନ୍ତି । ସେହିପରି ଗାଈ ମାଲିକମାନଙ୍କୁ ନିଜ ଗୋରୁଗାଈଙ୍କୁ ରାସ୍ତାରେ ମୁକ୍ତ ଭାବେ ଛାଡ଼ି ନଦେଇ ସେମାନଙ୍କର ଯଥାର୍ଥ ଯତ୍ନ ଓ ସୁରକ୍ଷା ପ୍ରତି ସଚେତନ ରହିବାକୁ ସେ ଆହ୍ୱାନ ଜଣାଇଥିଲେ ।

# ଗୋଚର ଜମିରେ କଂକ୍ରିଟ ରାସ୍ତା ନିର୍ମାଣକୁ ଗ୍ରାମବାସୀଙ୍କ ବିରୋଧ

ବାଲିଆପାଳ,(ନି.ପ୍ର) ଗୁରୁବାର ଜଳେଶ୍ୱର ବ୍ଲକ ଅନ୍ତର୍ଗତ ବାଇଗଣ ବାଡ଼ିଆ ପଂଚାୟତର କାଳିକାପୁର ହର ବାବାଜୀ ମକର ମେଳା ଗୋଚର ପଡ଼ିଆରେ ନିର୍ମାଣ ହେଉଥିବା କଂକ୍ରିଟ ରାସ୍ତାକୁ ସରପଂଚ ବିଷ୍ଣୁ ପଦ ପାତ୍ର ଓ କାଳିକାପୁର ଗ୍ରାମର ଗ୍ରାମବାସୀମାନେ ବିରୋଧ କରି ରାସ୍ତା ନିର୍ମାଣକୁ ବନ୍ଦ କରି ଦେଇଛନ୍ତି । ସରପଂଚ ଶ୍ରୀ ପାତ୍ରଙ୍କ କହିବା କଥା ସରକାରଙ୍କ ନିୟମ ଅନୁସାରେ ଗୋଚର ଜମିରେ ବିକଶିତ ଗାଁ ବିକଶିତ ଓଡ଼ିଶାର କୌଣସି କାର୍ଯ୍ୟ ହୋଇପାରିବ ନାହିଁ । ତା ଛଡା ଏହି ପଂଚାୟତରେ ଏହା ଏକମାତ୍ର ବଡ଼ ଗୋଚର ପଦା ଅଟେ । ଯେଉଁ ଥିରେ ମକର ସମୟ ରେ ବଡ ମେଳା ବସେ । ଏହି ପଡିଆ ଦେଇ ରାସ୍ତା ନିର୍ମାଣ ହେଲେ ମେଳା ପାଇଁ ଜାଗା କମି ଯାଉଛି । ତେଣୁ ପଦା ଭିତର ଦେଇ ରାସ୍ତା ନିର୍ମଣକୁ ବିରୋଧ କରାଯାଉଛି । ତେବେ ଏହି କାଳିକାପୁର ହର ବାବାଜୀ ମକର ମେଳା ଗୋଚର ପଡ଼ିଆରେ ଉନ୍ନୟନ ମୂଳକ କାର୍ଯ୍ୟକୁ ନେଇ ଦୀର୍ଘ ଦିନ ଧରି ବିବାଦ ଲାଗି ରହିଛି । ପ୍ରଥମେ ପଡିଆ ଏକ ପାଶ୍ୱର୍ରେ ଥିବା ଅଙ୍ଗନ ୱାଡି କେନ୍ଦ୍ରକୁ ଯିବା ପାଇଁ ରାସ୍ତା ନିର୍ମାଣ କୁ ନେଇ କିଛି ସ୍ୱାର୍ଥନ୍ୱେସି ଲୋକ ବିରୋଧ କରି ରାସ୍ତା ନିର୍ମାଣ କୁ ବନ୍ଦ କରିବା ପରେ ବିବାଦ ବଢିବାରେ ଲାଗିଛି । ବୁଧବାର ଅନ୍ୟ ଏକ ଉନ୍ନୟନ ମୂଳକ କାର୍ଯ୍ୟର ସୂଚନା ଫଳକକୁ ଭଙ୍ଗାଯିବ ସନ୍ଦେହରେ କିଛି ଦୁର୍ବୃତ ଜଣେ ବ୍ୟକ୍ତିଙ୍କ ଘରେ ପଶି ଆକ୍ରମଣ କରିବା ଘଟଣା ଯାଇ ଥାନାରେ ମାମଲା ପହଂଚିଛି । ହେଲେ ଏଠି କିଛି ସ୍ୱାର୍ଥନେଶି ଲୋକ ଓ ଗ୍ରାମବାସୀଙ୍କ ଜିଦ ପାଇଁ ଉନ୍ନୟନ ମୂଳକ କାର୍ଯ୍ୟ ଠପ ହୋଇ ଯାଇ ଥିବାନେଇ ସ୍ଥାନୀୟ ବୁଦ୍ଧିଜୀବୀ ମହଲରେ ଚର୍ଚ୍ଚା ଜୋର ଧରିଛି ।

# କେନ୍ଦ୍ରୀୟ ଟ୍ରେଡ ୟୁନିଅନ ଓ ସଂଯୁକ୍ତ କିଷାନ ମୋର୍ଚ୍ଚାର ମିଳିତ ବୈଠକ



କେନ୍ଦ୍ରାପଡ଼ା :କେନ୍ଦ୍ରୀୟ ଟ୍ରେଡ୍ ୟୁନିଅନମାନେ ସ୍ୱାଧୀନ ଫେଡେରେସନ୍ ଓ ଆସୋସିଏସନମାନେ ଏବଂ ସଂଯୁକ୍ତ କିଷାନ ମୋର୍ଚ୍ଚାର ଏକ ଜିଲ୍ଲା ସ୍ତରୀୟ ମିଳିତ ବୈଠକ କେନ୍ଦ୍ରାପଡା ଖଡ଼ିଅଙ୍ଗସ୍ଥିତ ସିଆଇଟିୟୁ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ ବ□ମାନ ଦେଶର ଶ୍ରମିକ, କୃଷକ, କୃଷି ଶ୍ରମିକ ଏବଂ ସାଧାରଣ ଜନତାଙ୍କ ଉପରେ କେନ୍ଦ୍ର ସରକାରଙ୍କ ଜନବିରୋଧୀ ଓ କର୍ପୋରେଟ୍ ସପକ୍ଷପାତୀ ନୀତିର ପ୍ରଭାବ ସମ୍ପର୍କରେ ଆଲୋଚନା କରାଯାଇଥିଲା । ସେହିପରି ନୂଆଦିଲ୍ଲୀରେ ଅନୁଷ୍ଠିତ ଜାତୀୟ କନଭେନସନରେ ଗୃହୀତ ଘୋଷଣାପତ୍ର ଓ ନିଷ୍ପ□ଗୁଡ଼ିକ ଉପରେ ମଧ୍ୟ ବିସ୍ତୃତ ଆଲୋଚନା ହୋଇଥିଲା ।ଦ୍ରବ୍ୟମୂଲ୍ୟ ବୃଦ୍ଧି, ବେରୋଜଗାରୀ, ସରକାରୀ କ୍ଷେତ୍ରର ବେସରକାରୀକରଣ, ଶ୍ରମ ଆଇନକୁ ଦୁର୍ବଳ କରିବା, କୃଷି କ୍ଷେତ୍ରରେ କର୍ପୋରେଟ୍ ହସ୍ତକ୍ଷେପ, କୃଷକମାନଙ୍କୁ ଲାଭଜନକ ମୂଲ୍ୟ ପ୍ରଦାନରେ ସରକାରଙ୍କ ବିଫଳତା, ସାମାଜିକ ସୁରକ୍ଷା ଯୋଜନାରେ କଟକଣା ଏବଂ ଜନବିରୋଧୀ ଆର୍ଥିକ ନୀତି ବିରୋଧରେ ୧୦ ଅଗଷ୍ଟରେ ଅନୁଷ୍ଠିତ ହେବାକୁ ଥିବା ଦେଶବ୍ୟାପୀ ଆନ୍ଦୋଳନକୁ ସର୍ବାତ୍ମକ ସଫଳ କରିବା ପାଇଁ କେନ୍ଦ୍ରାପଡା ଜିଲ୍ଲାପାଳଙ୍କ ଅଫିସି ସମ୍ମୁଖରେ ଆଇନ ଅମାନ୍ୟ ଆନ୍ଦୋଳନ କରିବା ପାଇଁ ସର୍ବସମ୍ମତିକ୍ରମେ ନିଷ୍ପ□ ଗ୍ରହଣ କରାଯାଇଛି । ଜିଲ୍ଲାର ଶ୍ରମିକ, କୃଷକ, କୃଷି ଶ୍ରମିକ, କର୍ମଚାରୀ, ମହିଳା, ଯୁବକ, ଛାତ୍ର ଓ ଦଳିତ ସଂଗଠନ ସମେତ ସମସ୍ତ ପ୍ରଗତିଶୀଳ, ଗଣତାନ୍ତ୍ରିକ ରାଜନୈତିକ ଦଳ ଓ ଗଣତାନ୍ତ୍ରିକ ଶକ୍ତିଙ୍କୁ ଏହି ମିଳିତ ସଂଗ୍ରାମରେ ସକ୍ରିୟ ଭାବେ ସାମିଲ ହୋଇ ୧୦ ଅଗଷ୍ଟର ଦେଶବ୍ୟାପୀ ଆନ୍ଦୋଳନକୁ ସର୍ବାତ୍ମକ ସଫଳ କରିବା ପାଇଁ ଏହି ବୈଠକରେ ନିବେଦନ କରାଯାଇଛି । ଆଇଏନଟିୟୁସି ଜିଲ୍ଲା ସଭାପତି ମୁକ୍ତାର ଖାଁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ସିଆଇଟିୟୁ ପକ୍ଷରୁ ଜଗତଜୀବନ ଦାଶ, ମାଧବ ଦାସ, ଆଇଏନଟିୟୁସି ପକ୍ଷରୁ ଫକୀର ଖଟୁଆ, ବସନ୍ତ ସେଠୀ, ଏଆଇଟିୟୁସି ପକ୍ଷରୁ ରମଣୀରଞ୍ଜନ ରାଉତରାୟ, ବାବାଜୀ ଧଳ, ଏଚଏମ୍ଏସ ପକ୍ଷରୁ ତ୍ରିଲୋଚନ ଦାସ, କଳିଙ୍ଗ ଭାରତ ଶ୍ରମିକ ସଂଗଠନ ପକ୍ଷରୁ ପ୍ରକାଶ ମହାନ୍ତି, ସଂଯୁକ୍ତ କିଷାନ ମୋର୍ଚ୍ଚା ଜିଲ୍ଲା ଆବାହକ ତଥା ଓଡିଶା କୃଷକ ସଭା ଜିଲ୍ଲା ସମ୍ପାଦକ ଗୟାଧର ଧଳ, ବିଜୟ ଦାସ,ଏଆଇକେଏସ ପକ୍ଷରୁ ଆଦିକନ୍ଦ ରାଉଳ, ନବ ନିର୍ମାଣ କୃଷକ ସଙ୍ଗଠନ ପକ୍ଷରୁ ଦାସରଥୀ ସାହୁ, କର୍ମଚାରୀ ନେତା ନରୋ□ମ ପାର୍ଥସରଥୀ, ସିପିଆଇଏମଏଲ ପକ୍ଷରୁ ଶ୍ରୀକାନ୍ତ ଲେଙ୍କା, ୟୁଟିୟୁସି ପକ୍ଷରୁ ଏଲିନା ସାମନ୍ତରାୟ ଓ ଅନ୍ୟମାନଙ୍କ ମଧ୍ୟରେ ନିରାକାର ସାହୁ, ବିନୟ ମଲ୍ଲିକ, ମାନଭଞ୍ଜନ ଷଡଙ୍ଗୀ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ ।

# ସଂସ୍କୃତି ଅନୁଷ୍ଠାନର ନୂତନ କାର୍ଯ୍ୟକାରିଣୀ କମିଟି ଗଠନ

ରାୟଗଡ଼ା (ନି.ପ୍ର) ରାୟଗଡ଼ା ସହରର ବହୁ ପୁରାତନ ମହିଳା ଅନୁଷ୍ଠାନ 'ସଂସ୍କୃତି'ର ନୂତନ କାର୍ଯ୍ୟକାରିଣୀ କମିଟି ଗଠନ କରାଯାଇଛି । ସର୍ବସମ୍ମତି କ୍ରମେ ସରସ୍ୱତୀ ସାହୁଙ୍କୁ ଅନୁଷ୍ଠାନର ସଭାନେତ୍ରୀ ଭାବେ ମନୋନୀତ କରାଯାଇଛି । ଏହାପୂର୍ବରୁ ସେ ଅନୁଷ୍ଠାନର ସମ୍ପାଦିକା ଭାବେ ସଫଳତାର ସହ ଦାୟିତ୍ୱ ନିର୍ବାହ କରିଥିଲେ । ଉପସଭାନେତ୍ରୀ ଅମୂଲ୍ୟ କୁମାରୀ ମିଶ୍ରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ବୈଠକରେ ସର୍ବସମ୍ମତି କ୍ରମେ ନୂତନ କାର୍ଯ୍ୟକାରିଣୀ ଗଠନ କରାଯାଇଥିଲା । ଏଥିରେ ଅମୂଲ୍ୟ କୁମାରୀ ମିଶ୍ରଙ୍କୁ ଉପସଭାନେତ୍ରୀ, ସନ୍ତୋଷୀ ସେନାପତିଙ୍କୁ ସମ୍ପାଦିକା, ସୁଜାତା ଖାଡ଼ଙ୍ଗାଙ୍କୁ ସହ-ସମ୍ପାଦିକା ଏବଂ ଲକ୍ଷ୍ମୀ ଦେଓଙ୍କୁ କୋଷାଧ୍ୟକ୍ଷ ଭାବେ ମନୋନୀତ କରାଯାଇଛି । ସେହିପରି ଅନୁଷ୍ଠାନର ପୂର୍ବତନ ସଭାନେତ୍ରୀ ସୁଜାତା ପାଳ, ପୂର୍ବତନ କୋଷାଧ୍ୟକ୍ଷ ଶ୍ରମିତା ପାଢ଼ୀ ଏବଂ ପଦ୍ମାଳୟା ମିଶ୍ରଙ୍କୁ ବୋର୍ଡ ସଦସ୍ୟ ଭାବେ ନିଯୁକ୍ତି ଦିଆଯାଇଛି । ବୈଠକରେ ଆଗାମୀ ଦିନରେ 'ସଂସ୍କୃତି' ଅନୁଷ୍ଠାନକୁ ଆହୁରି ସଶକ୍ତ ଓ ସୁସଂଗଠିତ କରିବା ସହ ସାମାଜିକ ତଥା ସମାଜମଙ୍ଗଳ ମୂଳକ କାର୍ଯ୍ୟକ୍ରମକୁ ବ୍ୟାପକ କରିବା ଉପରେ ଆଲୋଚନା ହୋଇଥିଲା । ଅନୁଷ୍ଠାନକୁ ଏକ ଶୃଙ୍ଖଳିତ ଓ ଆଦର୍ଶ ସାମାଜିକ ସଂଗଠନ ଭାବେ ଗଢ଼ି ତୋଳିବା ପାଇଁ ସମସ୍ତ ସଦସ୍ୟା ସଂକଳ୍ପବଦ୍ଧ ଥିବା ପ୍ରକାଶ କରିଥିଲେ । ଉଲ୍ଲେଖଯୋଗ୍ୟ ଯେ, ଗତ ଦୁଇ ଦଶନ୍ଧି ଧରି ଉପାନ୍ତ ଅଂଚଳରେ ଓଡ଼ିଆ କଳା, ସଂସ୍କୃତି ଓ ପରମ୍ପରାର ସହ ଓଡ଼ିଆଙ୍କ ବାର ମାସରେ ତେର ପର୍ବ ପାଳନ କରିବା ସହ ଏହାର ସଂରକ୍ଷଣ ଓ ପ୍ରସାର କ୍ଷେତ୍ରରେ 'ସଂସ୍କୃତି' ଅନୁଷ୍ଠାନ ଜିଲ୍ଲାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଆସୁଛି ।



# ଯୁବ ସାମ୍ବାଦିକ ରାଜକିରଣ ସିଂହଦେଓଙ୍କ ଅକାଳ ବିୟୋଗ

ନୂଆପଡ଼ା, (ନି.ପ୍ର.): ନୂଆପଡ଼ା ଜିଲ୍ଲାର ଜଣାଶୁଣା ଯୁବ ସାମ୍ବାଦିକ ରାଜକିରଣ ସିଂହଦେଓଙ୍କର ୪୩ ବର୍ଷ ବୟସରେ ଅକାଳ ବିୟୋଗ ଘଟିଛି । ଗତକାଲି ବିଳମ୍ବିତ ରାତିରେ ଚିକିତ୍ସାଧୀନ ଅବସ୍ଥାରେ ସେ ଶେଷ ନିଶ୍ୱାସ ତ୍ୟାଗ କରିଛନ୍ତି । ତାଙ୍କ ପ୍ରୟାଣରେ ସମଗ୍ର ଜିଲ୍ଲାର ସାମ୍ବାଦିକ ଜଗତ, ସାମାଜିକ ଓ ରାଜନୈତିକ ମହଲରେ ଶୋକର ଛାୟା ଖେଳିଯାଇଛି । ସୂଚନାଯୋଗ୍ୟ ଯେ, ରାଜକିରଣ କିଛି ଦିନ ହେବ ପାନକ୍ରିୟାଜନିତ (ଅମ୍ଳ ଓ ଗ୍ୟାସ) ଗୁରୁତର ରୋଗରେ ପୀଡ଼ିତ ଥିଲେ । ତାଙ୍କୁ ଗୁରୁତର ଅବସ୍ଥାରେ ଛତିଶଗଡ଼ର ରାୟପୁରସ୍ଥିତ ଶ୍ରୀ ନାରାୟଣ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା । ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ଗତକାଲି ରାତିରେ ତାଙ୍କର ପରଲୋକ ଘଟିଥିବା ପରିବାର ପକ୍ଷରୁ ସୂଚନା ମିଳିଛି । ଆଜି ତାଙ୍କର ପାର୍ଥିବ ଶରୀରକୁ କୋମନା ବ୍ଲକ ଅନ୍ତର୍ଗତ ନିଜ ପୈତୃକ ଗ୍ରାମ ବୁଦ୍ଧିକୋମନା ଅଣାଯାଇ ଶେଷକୃତ୍ୟ ସମ୍ପନ୍ନ ହୋଇଛି । ସ୍ଥାନୀୟ ବୁଦ୍ଧିଜୀବୀ, ସାମ୍ବାଦିକ ଓ ଗ୍ରାମବାସୀ ଉପସ୍ଥିତ ରହି ତାଙ୍କୁ ଶେଷ ବିଦାୟ ଜଣାଇଛନ୍ତି । ମୃତ୍ୟୁ ବେଳକୁ ତାଙ୍କର ସ୍ତ୍ରୀ, ଗୋଟିଏ ପୁଅ ଓ ଗୋଟିଏ ଝିଅ ଅଛନ୍ତି । ସେ ଜଣେ ସଦା ହାସ୍ୟମୁଖୀ, ଅମାୟିକ, ଭଦ୍ର, ନିଷ୍ପାପର ଓ ମିଷ୍ଟଭାଷୀ ବ୍ୟକ୍ତିତ୍ୱ ଭାବେ ସ୍ଥାନୀୟ ଅଂଚଳରେ ବେଶ୍ ପରିଚିତ ଥିଲେ । ତାଙ୍କର ବିୟୋଗ ନୂଆପଡ଼ା ଜିଲ୍ଲା ସାମ୍ବାଦିକତା କ୍ଷେତ୍ରରେ ଏକ ଅପୂରଣୀୟ କ୍ଷତି ସୃଷ୍ଟି କରିଛି ।




# ମୁଖ୍ୟମନ୍ତ୍ରୀଙ୍କୁ ସୌଜନ୍ୟମୂଳକ ସାକ୍ଷାତ କଲେ ଛତିଶଗଡ଼ ରାଜ୍ୟପାଳ

ଭୁବନେଶ୍ୱର : ଭୁବନେଶ୍ୱରସ୍ଥିତ ଲୋକସେବା ଭବନଠାରେ ଛତିଶଗଡ଼ର ରାଜ୍ୟପାଳ ରମେନ ଡେକା ଏବଂ ରାୟପୁର ଉତରର ବିଧାୟକ ପୁରନ୍ଦର ମିଶ୍ରଙ୍କ ସହ ମୁଖ୍ୟମନ୍ତ୍ରୀ ମୋହନ ମାଝୀ ସାକ୍ଷାତ କରିଛନ୍ତି । ଏହି ସାକ୍ଷାତ ସମୟରେ ଦୁଇ ରାଜ୍ୟ ମଧ୍ୟରେ ଆନ୍ତଃରାଜ୍ୟ ସହଯୋଗ, ପାରସ୍ପରିକ ବିକାଶ, ଆଂଚଳିକ ସଂଯୋଗୀକରଣ ଏବଂ ଛତିଶଗଡ଼ରେ ରହୁଥିବା ଓଡ଼ିଆ ସମ୍ପ୍ରଦାୟର କଲ୍ୟାଣ ଓ ସାଂସ୍କୃତିକ ଆଦାନପ୍ରଦାନ ସମ୍ପର୍କରେ ସକାରାତ୍ମକ ଆଲୋଚନା ହୋଇଥିଲା ।



## ଅଗ୍ନି-୪ ବାଲିଷ୍ଟିକ କ୍ଷେପଣାସ୍ତ୍ରର ସଫଳ ପରୀକ୍ଷଣ



ବାଲେଶ୍ୱର : ଅଗଷ୍ଟ ୬ ତାରିଖ ୨୦୨୬ରେ ଓଡ଼ିଶାର ଚାନ୍ଦିପୁରସ୍ଥିତ ଇଂଟିଗ୍ରେଟେଡ୍ ଟେଷ୍ଟ ରେଞ୍ଜରୁ ମଧ୍ୟମ ଦୂରଗାମୀ ବାଲିଷ୍ଟିକ କ୍ଷେପଣାସ୍ତ୍ର 'ଅଗ୍ନି-୪'ର ସଫଳ ପରୀକ୍ଷଣ କରାଯାଇଛି । ଏହି ପରୀକ୍ଷଣ ସମସ୍ତ କାର୍ଯ୍ୟକ୍ଷମ ଓ ବୈଷୟିକ ମାନଦଣ୍ଡକୁ ପ୍ରମାଣିତ କରିଥିଲା । ଏହି ପରୀକ୍ଷଣ ଷ୍ଟ୍ରାଟେଜିକ୍ ଫୋର୍ସେସ୍ କମାଣ୍ଡ ତତ୍ତ୍ୱାବଧାନରେ କରାଯାଇଥିଲା ।






# ପ୍ରଧାନମନ୍ତ୍ରୀଙ୍କ ସହ ଟେଲିଫୋନ୍‌ରେ କଥା ହେଲେ ଇସ୍ରାଏଲର ପ୍ରଧାନମନ୍ତ୍ରୀ ବେଞ୍ଜାମିନ ନେତନ୍ୟାହୁ

## ପଶ୍ଚିମ ଏସିଆର ସାମ୍ପ୍ରତିକ ବିକାଶ ଉପରେ ଦୁଇ ନେତାଙ୍କ ମତ ବିନିମୟ



ନୂଆଦିଲ୍ଲୀ : ଗୁରୁବାର ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀଙ୍କୁ ଇସ୍ରାଏଲର ପ୍ରଧାନମନ୍ତ୍ରୀ ଶ୍ରୀ ବେଞ୍ଜାମିନ ନେତନ୍ୟାହୁ ଟେଲିଫୋନରେ ଯୋଗାଯୋଗ କରିଥିଲେ । ଉଭୟ ନେତା ଭାରତ-ଇସ୍ରାଏଲ୍ ସ୍ୱତନ୍ତ୍ର ରଣନୈତିକ ସହଭାଗିତା କ୍ଷେତ୍ରରେ ହୋଇଥିବା ନିରନ୍ତର ଅଗ୍ରଗତିର ସମୀକ୍ଷା କରିଥିଲେ ଏବଂ ଉଭୟ ଦେଶର ପାରସ୍ପରିକ ଲାଭ ପାଇଁ ବିଭିନ୍ନ କ୍ଷେତ୍ରରେ ଦ୍ୱିପାକ୍ଷିକ ସହଯୋଗକୁ ଆହୁରି ମଜବୁତ କରିବା ପାଇଁ ନିଜର ପ୍ରତିବଦ୍ଧତା ଦୋହରାଇଥିଲେ । ପ୍ରଧାନମନ୍ତ୍ରୀ ନେତନ୍ୟାହୁ ଏବଂ ପ୍ରଧାନମନ୍ତ୍ରୀ ମୋଦୀ ପଶ୍ଚିମ ଏସିଆର ସାମ୍ପ୍ରତିକ ଘଟଣାବଳୀ ସମ୍ପର୍କରେ ମତ ବିନିମୟ କରିଥିଲେ । ଉଭୟ ନେତା ପରସ୍ପର ସହ ଯୋଗାଯୋଗରେ ରହିବାକୁ ସହମତ ହୋଇଥିଲେ ।

# ଆଜି ଭୁବନେଶ୍ୱରରେ ତ୍ରୟୋଦଶ ବ୍ରିକ୍ସ ଶିକ୍ଷା ମନ୍ତ୍ରୀଙ୍କ ବୈଠକରେ ଯୋଗଦେବେ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ପ୍ରହ୍ଲାଦ ଜୋଶୀ

ନୂଆଦିଲ୍ଲୀ : କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଶ୍ରୀ ପ୍ରହ୍ଲାଦ ଜୋଶୀ ଆଜି ଓଡ଼ିଶାର ଭୁବନେଶ୍ୱରରେ ଅନୁଷ୍ଠିତ ହେବାକୁ ଥିବା ତ୍ରୟୋଦଶ ବ୍ରିକ୍ସ ଶିକ୍ଷା ମନ୍ତ୍ରୀଙ୍କ ବୈଠକରେ ଯୋଗଦେବେ । ଏହି ବୈଠକରେ ପ୍ରାରମ୍ଭିକ ଶୈଶବ ଯତ୍ନ ଏବଂ ଶିକ୍ଷା, ଦକ୍ଷତା ବିକାଶ, ଗବେଷଣା ଏବଂ ନବସୃଜନ, ଯୋଗ୍ୟତାର ପାରସ୍ପରିକ ସ୍ୱୀକୃତି ଏବଂ ଶୈକ୍ଷିକ ନେତୃତ୍ୱ ସମେତ ପ୍ରମୁଖ ପ୍ରାଥମିକତା ଉପରେ ଆଲୋଚନା କରାଯିବ । ଶିକ୍ଷା ମନ୍ତ୍ରଣାଳୟ ଅଗଷ୍ଟ ୫, ୨୦୨୬ରେ ଭୁବନେଶ୍ୱରରେ ଭାରତର ବ୍ରିକ୍ସ ଅଧ୍ୟକ୍ଷତା ଅଧୀନରେ ତୃତୀୟ ବ୍ରିକ୍ସ ବରିଷ୍ଠ ଅଧିକାରୀ ବୈଠକ ମଧ୍ୟ ଆୟୋଜନ କରିଥିଲା । ଏହି ବୈଠକରେ ବ୍ରିକ୍ସ ଶିକ୍ଷା ଟ୍ରାକ୍ ଅଧୀନରେ ସହଯୋଗକୁ ଆଗକୁ ବଢ଼ାଇବା ପାଇଁ ବ୍ରାଜିଲ, ରୁଷ, ଚୀନ୍, ଦକ୍ଷିଣ ଆଫ୍ରିକା, ଇଣ୍ଡୋନେସିଆ, ଇରାନ, ଇଥିଓପିଆ ଏବଂ ସଂଯୁକ୍ତ ଆରବ ଏମିରେଟ୍ସ ସମେତ ବ୍ରିକ୍ସ ସଦସ୍ୟ ଦେଶଗୁଡ଼ିକର ବରିଷ୍ଠ ଅଧିକାରୀ ଏବଂ ପ୍ରତିନିଧିମାନେ ଉପସ୍ଥିତ ଥିଲେ । ଏହି ବୈଠକ ବ୍ରିକ୍ସ ଶିକ୍ଷା ମନ୍ତ୍ରୀଙ୍କ ଘୋଷଣାପତ୍ର ଉପରେ ବିସ୍ତୃତ ଆଲୋଚନା ପାଇଁ ଏକ ମଂଚ ପ୍ରଦାନ କରିଥିଲା । ବ୍ରିକ୍ସ ସଦସ୍ୟ







ଦେଶଗୁଡ଼ିକର ଅଧିକାରୀମାନେ ଘୋଷଣାପତ୍ରର ପ୍ରସ୍ତାବିତ ପାଠ୍ୟ ସମୀକ୍ଷା କରିଥିଲେ, ମତ ଏବଂ ପରାମର୍ଶ ଆଦାନପ୍ରଦାନ କରିଥିଲେ ଏବଂ ଶିକ୍ଷା ମନ୍ତ୍ରୀଙ୍କ ବୈଠକ ସମୟରେ ବିଚାର ଏବଂ ଗ୍ରହଣ ପାଇଁ ଶିକ୍ଷା ମନ୍ତ୍ରୀମାନଙ୍କ ସମ୍ମୁଖରେ ଉପସ୍ଥାପିତ ହେବାକୁ ଥିବା ପ୍ରମୁଖ ଉପାଦାନଗୁଡ଼ିକ ଉପରେ ସହମତି ଗଠନ ପାଇଁ କାର୍ଯ୍ୟ କରିଥିଲେ । ଆଲୋଚନାଗୁଡ଼ିକ ବ୍ରିକ୍ସ ଶିକ୍ଷା ଟ୍ରାକ୍ ଅଧୀନରେ ଚିହ୍ନଟ ହୋଇଥିବା ପ୍ରମୁଖ ପ୍ରାଥମିକତା କ୍ଷେତ୍ରଗୁଡ଼ିକରେ ସହଯୋଗକୁ ସୁଦୃଢ଼ କରିବା ଉପରେ ଧ୍ୟାନ ଦେଇଥିଲେ, ଯେଉଁଥିରେ ରଉଡଉର, ବୈଷୟିକ ଏବଂ ବୃତିଗତ ଶିକ୍ଷା ଏବଂ ତାଲିମ, ସହଯୋଗୀ ଗବେଷଣା ଏବଂ ନବସୃଜନ, ଯୋଗ୍ୟତାର ପାରସ୍ପରିକ ସ୍ୱୀକୃତି, ଶୈକ୍ଷିକ ନେତୃତ୍ୱ ଏବଂ ପାରମ୍ପରିକ ଏବଂ ଆଦିବାସୀ ଜ୍ଞାନ ପ୍ରଣାଳୀ ଉପରେ ବ୍ରିକ୍ସର ମାର୍ଗଦର୍ଶକ ନୀତି ଅନ୍ତର୍ଭୁକ୍ତ । ଘୋଷଣାପତ୍ରକୁ ଆହୁରି ସମୃଦ୍ଧ କରିବା ଏବଂ ଏହା ଯେ ବ୍ରିକ୍ସ ସଦସ୍ୟ ଦେଶଗୁଡ଼ିକର ସାମୂହିକ ଆକାଂକ୍ଷା ଏବଂ ପ୍ରାଥମିକତାକୁ ପ୍ରତିଫଳିତ କରେ ତାହା ନିର୍ଣ୍ଣିତ କରିବା ପାଇଁ ପ୍ରତିନିଧିମଣ୍ଡଳ ସେମାନଙ୍କର ଦୃଷ୍ଟିକୋଣ ଏବଂ ସୁପାରିଶଗୁଡ଼ିକୁ ବାଂଟିଥିଲେ । ଆଲୋଚନାରେ ବ୍ରିକ୍ସ ଦେଶଗୁଡ଼ିକ ମଧ୍ୟରେ ସାଂସ୍ଥାଗତ ତନ୍ତ୍ରକୁ ସୁଦୃଢ଼ କରିବା, ଶୈକ୍ଷିକ ଏବଂ ଗବେଷଣା ସହଯୋଗକୁ ପ୍ରୋତ୍ସାହିତ କରିବା, ସର୍ବୋତମ ଅଭ୍ୟାସର ଆଦାନପ୍ରଦାନକୁ ସହଜ କରିବା ଏବଂ କ୍ଷମତା-ନିର୍ମାଣ ପଦକ୍ଷେପକୁ ବୃଦ୍ଧି କରିବାର ଗୁରୁତ୍ୱ ଉପରେ ମଧ୍ୟ ଆଲୋକପାତ କରାଯାଇଥିଲା । ଆଲୋଚନାଗୁଡ଼ିକ ଅଧିକ ସହଯୋଗ, ନବସୃଜନ ଏବଂ ଜ୍ଞାନ ଆଦାନପ୍ରଦାନ ମାଧ୍ୟମରେ ଅନ୍ତର୍ଭୁକ୍ତ, ସ୍ଥିର ଏବଂ ଭବିଷ୍ୟତ ପାଇଁ ପ୍ରସ୍ତୁତ ଶିକ୍ଷା ବ୍ୟବସ୍ଥାକୁ ଆଗକୁ ବଢ଼ାଇବା ପାଇଁ ସଦସ୍ୟ ଦେଶଗୁଡ଼ିକର ସହଭାଗୀ ପ୍ରତିବଦ୍ଧତାକୁ ପୁନଃସ୍ଥାପିତ କରିଛି । ବ୍ରିକ୍ସ ଶିକ୍ଷା ମନ୍ତ୍ରୀ ଘୋଷଣାର ପ୍ରସ୍ତାବିତ ଫଳାଫଳକୁ ଚୂଡ଼ାନ୍ତ କରିବା ସହିତ ବୈଠକ ଶେଷ ହୋଇଥିଲା । ବରିଷ୍ଠ ଶିକ୍ଷା ଅଧିକାରୀ ବୈଠକର ସଫଳ ସମାପ୍ତି ଭାରତର ବ୍ରିକ୍ସ ଅଧ୍ୟକ୍ଷତା ୨୦୨୬ ର ପ୍ରାଥମିକତାକୁ ଆଗକୁ ବଢାଇବା ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଂଟ, ବ୍ରିକ୍ସ ସଦସ୍ୟ ଦେଶମାନଙ୍କ ମଧ୍ୟରେ ଶିକ୍ଷା କ୍ଷେତ୍ରରେ ସହଯୋଗକୁ ଆହୁରି ମଜବୁତ କରିବା ।

# କୋଣାର୍କ ସୂର୍ଯ୍ୟ ମନ୍ଦିରର କଳା ଭାସ୍କର୍ଯ୍ୟ ଦେଖି ବିମୋହିତ ହେଲେ ବ୍ରିକ୍ସ ଦେଶର ପ୍ରତିନିଧି ଦଳ

କୋଣାର୍କ : ବ୍ରିକ୍ସ ସଦସ୍ୟ ରାଷ୍ଟ୍ରର ପ୍ରତିନିଧିମାନେ ଓଡ଼ିଶା ସାଂସ୍କୃତିକ ଐତିହ୍ୟ ଓ କଳା ଭାସ୍କର୍ଯ୍ୟର ମୂକସାକ୍ଷୀ ବିଶ୍ୱ ପ୍ରସିଦ୍ଧ କୋଣାର୍କ ସୂର୍ଯ୍ୟମନ୍ଦିର ପରିଦର୍ଶନ କରିଛନ୍ତି । ସ୍ୱତନ୍ତ୍ର ଭାବେ ବରିଷ୍ଠ ପ୍ରତିନିଧି ଦଳ 'ବ୍ଲାକ ପାଗୋଡ଼ା' ଏବଂ ଏହାର ସମ୍ମୁଖରେ ଥିବା ବ୍ୟାଖ୍ୟାନ କେନ୍ଦ୍ର ପରିଦର୍ଶନ କରି ବିମୋହିତ ହୋଇଛନ୍ତି । ସୂଚନା ଅନୁଯାୟୀ, କୋଣାର୍କରରେ ବ୍ରିକ୍ସ ସଦସ୍ୟ ରାଷ୍ଟ୍ରର ପ୍ରତିନିଧିମାନେ ପହଂଚିଥିଲେ ସେଠାରେ ତାଙ୍କୁ ଭବ୍ୟ ସ୍ୱାଗତ କରାଯାଇଥିଲା । ଏ ରୁଷ,ବ୍ରାଜିଲ,ଦକ୍ଷିଣ ଆଫ୍ରିକା ଆଦି ଦେଶର ୨୭ଜଣ ପ୍ରତିନିଧିମାନେ ଏକ ସ୍ୱତନ୍ତ୍ର ବସରେ ପ୍ରଥମେ ସୂର୍ଯ୍ୟ ମନ୍ଦିର ବୁଲିଥିଲେ । ସ୍ୱୀକୃତୀପ୍ରାପ୍ତ ଗାଇଡ ଅନିମେଶ ମଲ୍ଲିକ ସୂର୍ଯ୍ୟମନ୍ଦିର ଇତିହାସ ସମ୍ପର୍କରେ ଟିକିନିଖି ଭାବେ ବୁଝାଇଥିଲେ । ସୂର୍ଯ୍ୟମନ୍ଦିରର ସୂକ୍ଷ୍ମ କାରୁକାର୍ଯ୍ୟ ଦେଖି ବିମୋହିତ ହୋଇଥିଲେ ବିଦେଶୀ ବିଦେଶିନୀମାନେ । ଶେଷରେ ବ୍ୟାଖ୍ୟାନ କେନ୍ଦ୍ର ବୁଲିଥିଲେ । ଏହି ଗସ୍ତ ସମୟରେ ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲ୍ଲାପାଳ ଶରତ ଚନ୍ଦ୍ର ବେହେରା, ଅତିରିକ୍ତ ଏସପି ସଚିନ ପଟେଲ,ନିମାପଡା ଏସଡିପିଓ ଜନାର୍ଦ୍ଦନ ପାଢୀ, ଜିଲ୍ଲା ପର୍ଯ୍ୟଟନ ଅଧିକାରୀ ସରୋଜକାନ୍ତ ପ୍ରଧାନ, କୋଣାର୍କ ଏନଏସି କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରଦ୍ୟୁମ୍ନ ଜେନା,କୋଣାର୍କ ଆଇଆଇସି ପ୍ରଶାନ୍ତ କୁମାର ପଢିୟାରୀ, ପାନ୍ଥନିବାସ ପରିଚାଳକ ବାପି ରଞ୍ଜନ ସାହୁ ବିଭିନ୍ନ ବିଭାଗୀୟ ପଦାଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ ।



# ଆଗାମୀ ୪ ଦିନ ଯାଏଁ ରାଜ୍ୟରେ ଲାଗି ରହିବ ବର୍ଷା

## କଟକ ଓ ମୟୂରଭଞ୍ଜ ପାଇଁ ଅରେଞ୍ଜ ୱାର୍ଣ୍ଣିଂ ଜାରି

ଭୁବନେଶ୍ୱର: ଏକ ସକ୍ରିୟ ଘୂର୍ଣ୍ଣିବଳୟ ପ୍ରଭାବରେ ରାଜ୍ୟରେ



ପାଗ ବଦଳିଛି । ଆଗାମୀ ୪ ଦିନ ଧରି ରାଜ୍ୟର ଅଧିକାଂଶ ସ୍ଥାନରେ ବ୍ୟାପକ ବର୍ଷା ହେବାର ସମ୍ଭାବନା ରହିଛି । ଏହି ସମୟ ମଧ୍ୟରେ ଅନେକ ସ୍ଥାନରେ ଘଡ଼ଘଡ଼ି ଓ ବିଜୁଳି ସହ ପ୍ରବଳ ବର୍ଷା ହେବ ବୋଲି ଭାରତୀୟ ପାଣିପାଗ ବିଭାଗ (ଆଇଏମଡି) ପକ୍ଷରୁ ପୂର୍ବାନୁମାନ କରାଯାଇଛି । ବିଶେଷକରି କଟକ ଏବଂ ମୟୂରଭଞ୍ଜ ଜିଲ୍ଲାରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବାର ଆଶଙ୍କା ଥିବାରୁ, ଭୁବନେଶ୍ୱର ସ୍ଥିତ ଆଂଚଳିକ ପାଣିପାଗ କେନ୍ଦ୍ର ପକ୍ଷରୁ ଏହି ଦୁଇଟି ଜିଲ୍ଲା ପାଇଁ 'ଅରେଞ୍ଜ ୱାର୍ଣ୍ଣିଂ' ଜାରି କରାଯାଇଛି । ପାଣିପାଗ ବିଭାଗର ତାଜା ବୁଲେଟିନ୍ ଅନୁଯାୟୀ, ଆଜିଠାରୁ ରାଜ୍ୟର ବିଭିନ୍ନ ଅଂଚଳରେ ମଧ୍ୟମରୁ ପ୍ରବଳ ବର୍ଷା ଲାଗି ରହିବ । ଅରେଞ୍ଜ ୱାର୍ଣ୍ଣିଂ ଥିବା କଟକ ଓ ମୟୂରଭଞ୍ଜ ଜିଲ୍ଲାର ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ଘଡ଼ଘଡ଼ି ସହ ଭୀଷଣ ବର୍ଷା ହେବାର ସମ୍ଭାବନା ରହିଛି । ସେହିପରି ରାଜ୍ୟର ଅବଶିଷ୍ଟ ୨୮ଟି ଜିଲ୍ଲାରେ ମଧ୍ୟ ବର୍ଷାର ପ୍ରଭାବ ଦେଖିବାକୁ ମିଳିବ । ଏହି ସମସ୍ତ ଜିଲ୍ଲାରେ ହାଲୁକାରୁ ମଧ୍ୟମ ଧରଣର ବର୍ଷା ସହିତ ବଜ୍ରପାତର ସମ୍ଭାବନା ଥିବାରୁ ବିଭାଗ ପକ୍ଷରୁ 'ୟେଲୋ ୱାର୍ଣ୍ଣିଂ' ଜାରି କରାଯାଇଛି । ଆଗାମୀ ଦିନଗୁଡ଼ିକରେ ସୁନ୍ଦରଗଡ଼, କେନ୍ଦୁଝର, ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, ଜଗତସିଂହପୁର, ଖୋର୍ଦ୍ଧା ଏବଂ ପୁରୀ ଆଦି ଜିଲ୍ଲାରେ ମଧ୍ୟ ଘୂର୍ଣ୍ଣିବଳୟର ପ୍ରଭାବ ଅଧିକ ରହିବ । ଲଗାଣ ବର୍ଷା କାରଣରୁ ସହରାଂଚଳ ଏବଂ ତଳିଆ ଅଂଚଳରେ ଜଳବନ୍ଦୀ ସମସ୍ୟା ସୃଷ୍ଟି ହେବାର ଯଥେଷ୍ଟ ଆଶଙ୍କା ରହିଛି । ରାସ୍ତାଘାଟରେ ପାଣି ଜମିବା ଫଳରେ ଯାତାୟାତରେ ବାଧା ଉପୁଜିପାରେ ଏବଂ ଟ୍ରାଫିକ୍ ସମସ୍ୟା ଦେଖାଦେଇପାରେ ।

# ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟା ମାଧ୍ୟମରେ ରାଜ୍ୟର ବିକାଶକୁ ଆହୁରି ତ୍ୱରାନ୍ୱିତ କରାଯିବ : ମନ୍ତ୍ରୀ କୃଷ୍ଣ ଚନ୍ଦ୍ର ପାତ୍ର

ଭୁବନେଶ୍ୱର : ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ତଥା ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟା ମନ୍ତ୍ରୀ କୃଷ୍ଣ ଚନ୍ଦ୍ର ପାତ୍ର ରାଜ୍ୟରେ ଥିବା କେନ୍ଦ୍ର ସରକାରଙ୍କ ପ୍ରମୁଖ ଅନୁଷ୍ଠାନ ଗୁଡିକର ମୁଖ୍ୟଙ୍କ ସହ ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରିଛନ୍ତି । ରାଜ୍ୟ ଅତିଥି ଭବନ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ଏହି ଆଲୋଚନାରେ ନାଇଜର, ଆଇଏଲଏସ, ଆଇଆଇଟି,ଆଇଏମଏମଟି, ଆରଏମଆରସି ଭଳି ପ୍ରତିଷ୍ଠିତ ସଂସ୍ଥାର ଅଧିକାରୀ ମାନେ ଯୋଗ ଦେଇଥିଲେ । ଉକ୍ତ ବୈଠକରେ ଅନୁଷ୍ଠାନ ମୁଖ୍ୟମାନେ ନିଜ ନିଜ ଅନୁଷ୍ଠାନର ପ୍ରମୁଖ କାର୍ଯ୍ୟକ୍ରମ ଗୁଡ଼ିକ ବିଷୟରେ ବିଷଦ ଆଲୋଚନା କରିବା ସହ ଆଗାମୀ ଦିନରେ ଥିବା ଧାର୍ଯ୍ୟ ଲକ୍ଷ୍ୟ ହାସଲ କରିବା ଉପରେ ମନ୍ତ୍ରୀ ଶ୍ରୀପାତ୍ରଙ୍କୁ ଅବଗତ କରାଇଥିଲେ । ମନ୍ତ୍ରୀ ଶ୍ରୀ ପାତ୍ର ରାଜ୍ୟର ବିଜ୍ଞାନ ଶିକ୍ଷା ଓ ଗବେଷଣା ଅନୁଷ୍ଠାନଗୁଡ଼ିକର ଅବଦାନକୁ ପ୍ରଶଂସା କରିବା ସହ ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟାର ପ୍ରୟୋଗ ମାଧ୍ୟମରେ ରାଜ୍ୟର ସାମଗ୍ରିକ ବିକାଶକୁ ଆହୁରି ତ୍ୱରାନ୍ୱିତ କରିବା ପାଇଁ ରାଜ୍ୟ ସରକାର ଏବଂ ଏହି ଅନୁଷ୍ଠାନଗୁଡ଼ିକ ମଧ୍ୟରେ ସମନ୍ୱିତ ଉଦ୍ୟମ ଓ ଘନିଷ୍ଠ ସହଯୋଗର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲେ ।



# ଆଜି ସନ୍ଧ୍ୟା ୫ଟା ସୁଦ୍ଧା ବନ୍ୟା କ୍ଷୟକ୍ଷତି ରିପୋର୍ଟ

## ଡିବିଟି ମାଧ୍ୟମରେ ଲୋକଙ୍କ ଆକାଉଂଟକୁ ଯିବ ଟଙ୍କା : ରାଜସ୍ୱମନ୍ତ୍ରୀ

ଭୁବନେଶ୍ୱର : ଶୁକ୍ରବାର ସନ୍ଧ୍ୟା ୫ଟା ସୁଦ୍ଧା ଆସିବ ବନ୍ୟା କ୍ଷୟକ୍ଷତି ରିପୋର୍ଟ । ରିପୋର୍ଟ ଆସିବା ପରେ ବସିବ ବୈଠକ । ଏନେଇ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ ସୂଚନା ଦେଇଛନ୍ତି । ସେ କହିଛନ୍ତି ଯେ, ସରକାର ୨୨ଟି ଜିଲ୍ଲାକୁ ୧୧୦ କୋଟି ବନ୍ୟା ସହାୟତା ଦେଇଛନ୍ତି । ଡିବିଟି ମାଧ୍ୟମରେ ଲୋକଙ୍କ ଆକାଉଂଟକୁ ସିଧା ଟଙ୍କା ଯିବ । ବାଲେଶ୍ୱର, ଭଦ୍ରକ, ଯାଜପୁରରେ ବ୍ୟାପକ କ୍ଷୟକ୍ଷତି ହୋଇଛି । ବାଲେଶ୍ୱରକୁ ୨୨.୦୩ କୋଟି, ଯାଜପୁରକୁ ୨୦.୨୦ କୋଟି ଏବଂ ଭଦ୍ରକକୁ ୨୦.୧୨ କୋଟି ଟଙ୍କା ସହାୟତା ପ୍ରଦାନ କରାଯାଇଛି । ଏତଦ୍ ବ୍ୟତୀତ ଜଗତସିଂହପୁରକୁ ୮.୧୮,କେନ୍ଦୁଝରକୁ ୬.୧୧, ସମ୍ବଲପୁରକୁ ୫.୫୬, କେନ୍ଦ୍ରାପଡ଼ାକୁ ୫.୦୪, ମୟୁରଭଞ୍ଜକୁ ୫.୦୨, ଖୋର୍ଦ୍ଧାକୁ ୨.୦୬, ସୁବର୍ଣ୍ଣପୁରକୁ ୨.୩୧, ବୌଦ୍ଧକୁ ୧.୨୯, ବଲାଙ୍ଗୀରକୁ ୧.୧୭, ଢେଙ୍କାନାଳକୁ ୧.୧୦, ବରଗଡ଼କୁ ୧.୦୫, କଳାହାଣ୍ଡିକୁ ୧.୦୫, ନୂଆପଡାକୁ ୧.୦୫, କନ୍ଧମାଳକୁ ୧.୦୧, କଟକକୁ ୧.୦୧, କୋରାପୁଟକୁ ୧.୦୧, ମାଲକାନଗିରିକୁ ୧.୦୧, ରାୟଗଡାକୁ ୧.୦୧, ସୁନ୍ଦରଗଡ଼କୁ ୧.୦୧ କୋଟି ପ୍ରଦାନ କରାଯଇଛି । ଗୁଡିଏ ଜିଲ୍ଲାରୁ ଏବେବି ପାଣି ନିଷ୍କାସନ ହୋଇନାହିଁ । ବିଭିନ୍ନ ନଦୀରୁ ଜଳ ପତନ କମି ନାହିଁ । ସ୍ୱାଭାବିକ ଠାରୁ ୬୫ ପ୍ରତିଶତ ଅଧିକ ବର୍ଷା ହୋଇଛି ।



# ଜାତୀୟ କନିଷ୍ଠ ହକି : ଫାଇନାଲ୍‌ରେ ଓଡ଼ିଶା



କୋଏମ୍ବାଟୁର : ଏଠାରେ ଚାଲିଥିବା ଜାତୀୟ କନିଷ୍ଠ ପୁରୁଷ ହକି ପ୍ରତିଯୋଗିତାର ଫାଇନାଲ୍‌ରେ ଓଡ଼ିଶା ପ୍ରବେଶ କରିଛି । ଗୁରୁବାର କଡ଼ା ସଂଘର୍ଷପୂର୍ଣ୍ଣ ସେମିଫାଇନାଲ୍‌ରେ ଓଡ଼ିଶା ୬-୪ ଗୋଲ୍‌ରେ ପଞ୍ଜାବକୁ ପରାସ୍ତ କରିଛି । ମ୍ୟାଚ୍‌ର ସପ୍ତମ ଓ ଅଷ୍ଟମ ମିନିଟ୍‌ରେ ପଞ୍ଜାବ ଲଗାତାର ୨ଟି ଗୋଲ୍ ଲଦି ପ୍ରାରମ୍ଭିକ ଅଗ୍ରଣୀ ନେଇଥିଲା । ଅମନଦୀପ ଓ ମନଦୀପ ସିଂହ ଏହି ଦୁଇ ଗୋଲ୍ କରିଥିଲେ । ୧୧ତମ ମିନିଟ୍‌ରେ ଆଲୋକ କୁଜୁରଙ୍କ ଗୋଲ୍‌ରେ ଓଡ଼ିଶା ପ୍ରଥମ କ୍ୱାର୍ଟରକୁ ୧-୨ରେ ଶେଷ କରିଥିଲା । ଦ୍ୱିତୀୟ କ୍ୱାର୍ଟରରେ ବିକ୍ରମ ଓରାମଙ୍କ ଗୋଲ୍‌ରେ ସ୍ଥିତି ସମାନ କରିଥିଲା ଓଡ଼ିଶା । ତୃତୀୟ କ୍ୱାର୍ଟରରେ ଅଜୟ ପାଲ୍‌ଙ୍କ ଗୋଲ୍‌ରେ ପଞ୍ଜାବ ପୁଣି ଆଗୁଆ ହୋଇଯାଇଥିଲ । ୩୭ତମ ମିନିଟ୍‌ରେ ଅଧିନାୟକ ଦୀପକ ପ୍ରଧାନଙ୍କ ଫିଲ୍ଡ ଗୋଲ୍‌ରେ ସ୍ଥିତି ସମାନ ହୋଇଥିଲା । ୪୧ତମ ମିନିଟ୍‌ରେ ଓଡ଼ିଶାକୁ ମିଳିଥିବା ପେନାଲ୍ଟି କର୍ଣ୍ଣରକୁ ଗୋଲ୍‌ରେ ପରିଣତ କରି ବିକ୍ରମ ଓଡ଼ିଶାକୁ ଆଗୁଆ କରିଥିଲେ । ଏହାପର ମିନିଟ୍‌ରେ ଅମନଦୀପ ବ୍ୟକ୍ତିଗତ ଦ୍ୱିତୀୟ ସଫଳତା ପାଇବା ସହ ସ୍ଥିତି ସମାନ କରିଥିଲେ । ୫୨ତମ ମିନିଟ୍‌ରେ ପେନାଲ୍ଟି କର୍ଣ୍ଣରକୁ ଗୋଲ୍‌ରେ ପରିଣତ କରି ବିକ୍ରମ ହ୍ୟାଟ୍ରିକ୍ ଅର୍ଜନ କରିବା ସହ ଦଳକୁ ପୁଣି ଥରେ ଅଗ୍ରଣୀ ଦେଇଥିଲେ । ୫୯ତମ ମିନିଟ୍‌ରେ ସୁଜିତ ତିର୍କିଙ୍କ ଫିଲ୍ଡ ଗୋଲ୍‌ରେ ଓଡ଼ିଶା ୬-୪ରେ ବିଜୟ ବାନା ଉଡ଼ାଇଥିଲା ।

# କୋଲକାତା ନାଇଟ୍ ରାଇଡର୍ସରେ ଯୋଗଦେବେ ହାର୍ଦ୍ଦିକ ପାଣ୍ଡ୍ୟା !

ନୂଆଦିଲ୍ଲୀ : ଭାରତୀୟ ତାରକା ଅଲରାଉଣ୍ଡର ହାର୍ଦ୍ଦିକ ପାଣ୍ଡ୍ୟା ଆଗାମୀ ଆଇପିଏଲ ସଂସ୍କରଣରେ ପୁଣି ଥରେ ଟିମ ବଦଳାଇବାକୁ



ଯାଉଛନ୍ତି । ମୁମ୍ବାଇ ଇଣ୍ଡିଆନ୍ସର ନେତୃତ୍ୱ ନେଇଥିବା ହାର୍ଦ୍ଦିକ ଏବେ କୋଲକାତା ନାଇଟ୍ ରାଇଡର୍ସରେ ଯୋଗଦେବା ପ୍ରାୟ ପକ୍କା ହୋଇଛି । ଗତ ସଂସ୍କରଣରେ ବ୍ୟାଟର, ବୋଲର ଓ ଅଧିନାୟକ ଭାବେ ନିରାଶାଜନକ ପ୍ରଦର୍ଶନ ପରେ ସେ ମୁମ୍ବାଇ ଛାଡୁଥିବା ନେଇ ଚର୍ଚ୍ଚା ଜୋର ଧରିଥିଲା । ହାର୍ଦ୍ଦିକ କୋଲକାତା ଟିମରେ ଯୋଗଦେବା ସହ ଦଳର ନୂଆ ଅଧିନାୟକ ଭାବେ ଦାୟିତ୍ୱ ସମ୍ଭାଳିପାରନ୍ତି । ପୂର୍ବରୁ ଚେନ୍ନାଇ ସୁପର କିଙ୍ଗସ ମଧ୍ୟ ହାର୍ଦ୍ଦିକଙ୍କୁ ନିଜ ଦଳରେ ସାମିଲ କରିବାକୁ ଚେଷ୍ଟା କରୁଥିବା ନେଇ ଆଲୋଚନା ହେଉଥିଲା, କିନ୍ତୁ ଦୁଇ ପକ୍ଷ ମଧ୍ୟରେ କୌଣସି ସହମତି ହୋଇପାରିନଥିଲା । ଯଦିଓ ଏପର୍ଯ୍ୟନ୍ତ ଆନୁଷ୍ଠାନିକ ଘୋଷଣା ହୋଇନାହିଁ, କିନ୍ତୁ ଏହି ଖବର ପାଣ୍ଡ୍ୟାଙ୍କ ପ୍ରଶଂସକଙ୍କ ମଧ୍ୟରେ ବେଶ୍ ଉତ୍ସାହ ସୃଷ୍ଟି କରିଛି । ନିକଟରେ କୋଲକାତା ଅଧିନାୟକ ଅଜିଙ୍କ୍ୟ ରାହାଣେ ଅବସର ଘୋଷଣା କରିବା ପରେ ଦଳରେ ଅଧିନାୟକ ପଦ ଖାଲି ପଡ଼ିଥିଲା । ରାହାଣେଙ୍କ ନେତୃତ୍ୱରେ ଗତ ଦୁଇଟି ସଂସ୍କରଣରେ କୋଲକାତା ସଂଘର୍ଷ କରୁଥିଲା । ୨୦୨୪ରେ ଶ୍ରେୟସ ଆୟରଙ୍କ ନେତୃତ୍ୱରେ ଟାଇଟଲ୍ ଜିତିବା ପରେ ସେ କୋଲକାତା ଛାଡ଼ିଥିଲେ । ଏହାପରେ ଗତ ଦୁଇ ସଂସ୍କରଣରେ କୋଲକାତା ପ୍ଲେ-ଅଫ୍‌ରେ ପ୍ରବେଶ କରିବାରେ ବିଫଳ ହୋଇଥିଲା । ଗତ କିଛି ଆଇପିଏଲ୍ ସଂସ୍କରଣରେ ହାର୍ଦ୍ଦିକଙ୍କ ପ୍ରଦର୍ଶନ ସାଧାରଣ ରହିଥିଲେ ବି ସେ ଅନ୍ୟତମ ପ୍ରଭାବଶାଳୀ ମ୍ୟାଚ୍-ୱିନର ।




Printed & Published by **Kishore Das**, Owner & Editor **Nirmalya Mohanty** & Printed at **Nirmalya Offset Press**, Neliabag, Balasore & Published at Balasore, Gopalgaon, Balasore, Odisha, Pin-756001, Telefax-262694, Phone-(R)269427, 266035,
Managing Editor- **Laxminarayan Mohanty**, ପରିଚାଳନା ସମ୍ପାଦକ- ଲକ୍ଷ୍ମୀନାରାୟଣ ମହାନ୍ତି
BBSR (Office) Telefax- 0674-2395135, Editor- **Nirmalya Mohanty**, ସମ୍ପାଦକ- **ନିର୍ମାଲ୍ୟ ମହାନ୍ତି**